

ଦେଶରେ ଆଇନଶୃଙ୍ଖଳା ଠିକ୍ ନାହିଁ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 179 ଭାଗ ୩୪ | ସଂଖ୍ୟା ୧୭୯ | Sunday 20 September 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୨୦ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଡ୍ରାଇଭର୍‌ର ଦୁଃସାହସର ଦୁଃଖଦ ପରିଣାମ

# ମା’ ବଗଳାମୁଖୀ ଦର୍ଶନ ପରେ ବୁଡ଼ିଗଲା ବଂଶ





### ନାଳ ଭିତରେ ଭାସିଗଲା କାର୍

### ଗୋଟିଏ ପରିବାରର ୭ ସଦସ୍ୟଙ୍କ ସମେତ ୮ ଜଣଙ୍କ ମୃତ୍ୟୁ

### ଦୁର୍ଘଟଣା ପରେ କାର୍‌ରୁ କେହି ଜଣେ ବି ବାହାରିପାରିଲେନି

### ଶୋକ ପ୍ରକାଶ କଲେ ମୋଦି

ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ଡ୍ରାଇଭରର ଗୋଟିଏ ଭୁଲ ଆଉ ଦୁଃସାହସ ପାଇଁ ଚାଲିଗଲା ୮ଟି ଜୀବନ। ମଧ୍ୟପ୍ରଦେଶରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଳସମାଧି ନେଇଛନ୍ତି ୭ ଓଡ଼ିଆ। ଅକାଳରେ ଚାଲିଯାଇଛି ଭୁବନେଶ୍ୱରର ଗୋଟିଏ ପରିବାରର ୭ ଜଣଙ୍କ ଜୀବନ। ଘଟଣାକୁ ନେଇ ସାରା ଦେଶ ସ୍ତବ୍ଧ ହୋଇଯାଇଥିବା ବେଳେ ମୃତକଙ୍କ ପାଇଁ ୨ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଏପଟେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ମରଶରୀର ଓଡ଼ିଶା ଆଣିବାକୁ ବ୍ୟବସ୍ଥା କରୁଛି ପ୍ରଶାସନ।

ଭାଇ ଶିବ ବେହେରା, ଭଉଣୀ ରାଧାରାଣୀ ବେହେରା, ରୀତାରାଣୀ ବେହେରା, ସ୍ୱାମୀ ଜ୍ଞାନେନ୍ଦ୍ର ବେହେରା। ଯାଙ୍କୁ ଛାଡ଼ି ଘରର ତିନି କୁନି କୁନି ଛୁଆ। ଏବେ ଆଉ କେହି ବି ନାହାନ୍ତି। ଏକା ସାଙ୍ଗରେ ଗୋଟିଏ କାର ଭିତରେ ଚାଲିଯାଇଛି ଗୋଟିଏ ପରିବାରର ୭ ଜଣଙ୍କ ଜୀବନ। ସମସ୍ତେ ଭୁବନେଶ୍ୱର ଜୟଦେବ ବିହାର ଅଞ୍ଚଳର ବାସିନ୍ଦା। ମଧ୍ୟପ୍ରଦେଶ ଅଗରମାଲୱା ଜିଲ୍ଲା ନାଲଖେଣ୍ଡାରଠାରେ ଘଟିଛି ଏହି ଦୁଃଖଦ ଦୁର୍ଘଟଣା। ନାଳ ଭିତରେ କାର୍ ସହ ବୁଡ଼ିଯାଇ ସମସ୍ତଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା କେତେ ଭୟଙ୍କର ଓ କେତେ ଲୋମଟାଙ୍କୁରା ଥିଲା ତାହା ବୁଡ଼ିଯାଇଥିବା କାର୍‌ର ଅବସ୍ଥା ହିଁ ଦର୍ଶାଉଛି। ସ୍ଥାନୀୟ ପ୍ରଶାସନର ସୂଚନାନୁସାରେ, ଦୁର୍ଘଟଣା ଭୋର୍ ସମୟରେ ହିଁ ହୋଇଛି। ଭୁବନେଶ୍ୱରର ବନମାଳୀ ବେହେରାଙ୍କ ପରିବାରର ୭ ଜଣ ମା’ ବଗଳାମୁଖୀଙ୍କ ଦର୍ଶନ ସାରି ଫେରୁଥିଲେ। ନାଲଖେଣ୍ଡାରେ ସାରା ରାତି ପ୍ରବଳ ବର୍ଷା ଯୋଗୁଁ ଝରଣାପାଣି ପ୍ରବାହ ବଢ଼ିବା ସହ ଉଛୁଳୁଥିଲା ନାଳ। ତେବେ ଆଖି ଆଗରେ ପ୍ରଖର ସୁଅ ଦେଖି ମଧ୍ୟ ଅଟକି ନ ଥିଲେ କାର୍ ଡ୍ରାଇଭର। ଅମାନିଆ ହୋଇ ସୁଅ କାଟି ଯିବା ବେଳେ ଭାରସାମ୍ୟ ହରାଇ ନାଳ ଭିତରକୁ ପଶିଯାଇଥିଲା କାର୍। ଗାଡ଼ି ଭିତରେ ଡ୍ରାଇଭରକୁ ମିଶାଇ ଚାଲିଗଲା ୮ ଜୀବନ। ପ୍ରଶାସନ ଓ ରେସକ୍ୟୁ ଟିମ୍ ସମସ୍ତଙ୍କ ମୃତଦେହ ➪ପୃଷ୍ଠା-୬

### ସପ୍ତାହେ ପରେ ହୋଇଥାନ୍ତା ନିର୍ବନ୍ଧ
### ଅଧା ରହିଗଲା ବୋହୂ ହେବାର ସ୍ୱପ୍ନ

ସପ୍ତାହକ ପରେ ଝିଅର ନିର୍ବନ୍ଧ କରିଥାନ୍ତେ, ଆଜି ଝିଅର ଚିତା ପାଇଁ ସଜାଡ଼ିବାକୁ ପଡୁଛି କୋକେଇ। ଗଲା ଗଣେଶ ପୂଜାରେ ଘରେ ନିର୍ଧୂମ ମଜାମସ୍ତି କରିଥିଲେ। କିନ୍ତୁ ଆଜି ଘରେ ଶୁଭୁଛି ରାମ ନାମ ସତ୍ୟ ହେ...। ଭାସିଯାଇଛି ବନମାଳୀ ବେହେରାଙ୍କ ପରିବାର। ପୁଅ, ଝିଅ, ନାତିନାତୁଣୀ, ଜ୍ୱାଇଁ ଆଉ କେହି ବି ନାହାନ୍ତି। ହସ ହସ ଚେହେରାର ଏଇ ଫଟୋ ଖଣ୍ଡକ ରାଧାରାଣୀଙ୍କର। ବନମାଳୀଙ୍କ ସାନ ଝିଅ। ନୂଆ ଜୀବନକୁ ନେଇ ଆଖିରେ ଥିଲା ଆଖିଏ ସ୍ୱପ୍ନ। ସପ୍ତାହେ ପରେ ନିର୍ବନ୍ଧ ହୋଇଥାନ୍ତା। ଉଜ୍ଜୟିନୀରୁ ଫେରିବା ପରେ ଆସନ୍ତା ୨୭ ତାରିଖରେ ଧାର୍ଯ୍ୟ ହୋଇଥିଲା ଶୁଭଲଗ୍ନ। ହାତରେ ମେହନ୍ଦୀ ଲାଗିଥାନ୍ତା, ବନ୍ଧୁବାନ୍ଧବରେ ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ
### ୫ ଲକ୍ଷ ଅନୁକମ୍ପାମୂଳକ ସହାୟତା ଘୋଷଣା

ଭୁବନେଶ୍ୱର: ମଧ୍ୟପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେମିକନ ୨୦୨୬ରେ ଯୋଗଦେଇ ଆଜି ଦିଲ୍ଲୀରୁ ଫେରିବା ପରେ ଭୁବନେଶ୍ୱର ବିମାନବନ୍ଦରଠାରେ ଗଣମାଧ୍ୟମ ଆଗରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ଅଧିକାରୀମାନେ ମଧ୍ୟପ୍ରଦେଶ ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛନ୍ତି ଓ ମୃତ ପର୍ଯ୍ୟଟକଙ୍କ ମରଶରୀରକୁ ଆଣିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

### ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସହ କଥାହେଲେ ଧର୍ମେନ୍ଦ୍ର



ଭୁବନେଶ୍ୱର: ମଧ୍ୟପ୍ରଦେଶର ଆଗର ମାଲୱା ଜିଲ୍ଲାରେ ଘଟିଥିବା ଏକ ଅଭାବନୀୟ ଦୁର୍ଘଟଣାରେ ଓଡ଼ିଆ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ଘଟିବା ଖବର ଶୁଣି ଶୋକ ପ୍ରକାଶ କରିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ ଶୋକବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମଧ୍ୟପ୍ରଦେଶର ଆଗର ମାଲୱା ଜିଲ୍ଲାରେ ଅଭାବନୀୟ ଘଟଣାରେ ଓଡ଼ିଆ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ହେବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି। ଏହି ଅସହ୍ୟ ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶୋକସନ୍ତପ୍ତ ➪ପୃଷ୍ଠା-୬

# ଆଇ ଲଭ୍ ୟୁ କହି ୨ ଲକ୍ଷ ଦଣ୍ଡ




କମିଶନରେଟ୍ ପୁଲିସରେ କାମ କମ୍ ପ୍ରେମ ବେଶୀ। ଗୋଟିଏ ପରେ ଗୋଟିଏ ଅଜବ କାଣ୍ଡ ଘଟୁଛି। ଏବେ ୨ ଲକ୍ଷ ଟଙ୍କାର ପ୍ରେମ କାହାଣୀ ପୁଲିସ୍ ମହଲାରେ ଚର୍ଚ୍ଚର ବିଷୟ ପାଲଟିଛି। କନିଷ୍ଠଠାରୁ ବରିଷ୍ଠ ସବୁ ମାତିଛନ୍ତି ପ୍ରେମରେ। ତା’ ପୁଣି ପର ସ୍ତ୍ରୀକୁ। ଦୁଇଟି ବିଶ୍ୱବିଦ୍ୟାଳୟ ମଝିରେ ଥିବା ଜଣେ ଥାନା ବାବୁଙ୍କ ରଙ୍ଗିନ କାରନାମା ଏବେ ପଦାକୁ ଆସିଛି। ସ୍ୱାମୀଙ୍କ ବିରୋଧରେ ଏତଲା ଦେବାକୁ ଥାନାକୁ ଯାଇଥିବା ଜଣେ ସୁନ୍ଦରୀ ମହିଳାଙ୍କ ଫୋନ୍ ନମ୍ବର ମାଗି ରଖିଥିଲେ ଥାନାବାବୁ। କେତେବେଳେ ଭଲ ମନ୍ଦ କଥା ପଚାରି ବୁଝିଥିଲେ। ମଉକା ଦେଖି ତାଙ୍କୁ ‘ଆଇ ଲଭ୍ ୟୁ’ ବି ଲେଖିଦେଲେ। ତେବେ ଉକ୍ତ ମହିଳା ଜଣଙ୍କ ଏହାକୁ ବିରୋଧ କରିବାରୁ ଥାନାବାବୁ ସଫେଇ ଦେଇ କହିଥିଲେ ଯେ ତାଙ୍କ ସ୍ତ୍ରୀଙ୍କ ପାଖକୁ ପଠାଉଥିଲେ, ଭୁଲରେ ତାଙ୍କ ପାଖକୁ ଚାଲିଗଲା। ହେଲେ ମହିଳା ଜଣଙ୍କ ଯେତେବେଳେ ଥାନାକୁ ଯାଇଥିଲେ, ବାବୁଙ୍କ ଖରାପ ନଜରର ଶିକାର ହୋଇଥିଲେ। ମହିଳା ଏ ସମ୍ପର୍କରେ କମିଶନରଙ୍କୁ ଜଣାଇବେ ବୋଲି ଥାନାବାବୁଙ୍କୁ କହିଥିଲେ। ଫଳତଃ ରଙ୍ଗିଲା ଥାନାବାବୁ ଜଣଙ୍କ ସେଟଲ୍‌ମେଣ୍ଟ ଯୋଜନା କଲେ। ମଧ୍ୟସ୍ଥିଙ୍କୁ ଧରି ମହିଳାଙ୍କୁ ୨ ଲକ୍ଷ ଟଙ୍କା ବି ଦେଲେ। ବାବୁ ଭାବିଥିଲେ ଏମିତି ଲେଖି ଖସିଯିବେ। ନିଜକୁ ସବୁବେଳେ ନିରୀହ ବୋଲି ଦର୍ଶାଉଥିଲେ। ହେଲେ ଏହି ନିରୀହ ଚେହେରା ତଳେ ଯେ ତାଙ୍କର କାମୁକ କାରନାମା ଥିଲା, ତାହା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି।

### ଅର୍ଥମନ୍ତ୍ରୀ ସମ୍ମିଳନୀରେ ରାଜ୍ୟ ଆବଶ୍ୟକତା ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

# କୃଷିରେ କେନ୍ଦ୍ର ଓ ରାଜ୍ୟର ମିଳିତ ଫଣ୍ଡିଂକୁ ଗୁରୁତ୍ୱ



ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରୁ ଫେରିଛନ୍ତି। ଏହି ଦୁଇଦିନ ମଧ୍ୟରେ ଗତକାଲି ସେମିକନ୍ ଇଣ୍ଡିଆ-୨୦୨୬ ସମ୍ମିଳନୀରେ ଯୋଗ ଦେଇଥିଲେ ଏବଂ ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ପାଇଁ ଆୟୋଜିତ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗ ଦେଇଛନ୍ତି।

ଏହି ସମ୍ମିଳନୀରୁ ଫେରିବା ପରେ ଆଜି ଭୁବନେଶ୍ୱର ବିମାନବନ୍ଦରଠାରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ଆଗରେ ବିବୃତି ରଖି କହିଥିଲେ ଯେ ଆଜି ଅନୁଷ୍ଠିତ ହୋଇଥିବା ରାଜ୍ୟ ଅର୍ଥମନ୍ତ୍ରୀ ସମ୍ମିଳନୀରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକ ଅର୍ଥ ଉପଲବ୍ଧତା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଛି। ଏଥିରେ ବିଶେଷକରି କୃଷି କ୍ଷେତ୍ରର ବିକାଶ ଦିଗରେ ଏଗ୍ରିକଲ୍‌ଚର ଲଜିଷ୍ଟିକ୍, କୋଲ୍ଡ ଚେନ୍, ଓୟାର୍ ହାଉସିଙ୍ଗ୍ ପାଇଁ ଅର୍ଥର ବ୍ୟାପକ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଏଥିପାଇଁ ଅର୍ଥ ଯୋଗାଇଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ।

ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ କ୍ଲିନ୍ ଏନର୍ଜି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଓଡ଼ିଶା ମଧ୍ୟ ପାରମ୍ପରିକ ଶକ୍ତି ଉତ୍ପାଦନରୁ କ୍ଲିନ୍ ଏନର୍ଜି ଉତ୍ପାଦନ ଦିଗରେ ଅଗ୍ରସର ହେଉଛି। କ୍ଲିନ୍ ଏନର୍ଜି ଉପରେ ଫୋକସ୍ ରଖି ରାଜ୍ୟରେ ଶକ୍ତି ଭିତ୍ତିଭୂମି କ୍ଷେତ୍ରରେ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଙ୍ଗ୍ ଏବଂ ମଲ୍‌ଟି ଲେଟରାଲ୍ ପାର୍ଟନର୍‌ଶିପ୍ ଉପରେ ସେ ଏହି ସମ୍ମିଳନୀରେ ଗୁରୁତ୍ୱ ଆରୋପ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିଭଳି ଗତକାଲିର ସେମିକନ ଇଣ୍ଡିଆ-୨୦୨୬ ସମ୍ମିଳନୀ ବିଷୟରେ ଆଲୋକପାତ କରି ସେ କହିଥିଲେ ଯେ ଏହି ସମ୍ମିଳନୀରେ ଓଡ଼ିଶାର ସେମିକଣ୍ଡକ୍ଟର ଓ ଆଡ୍‌ଭାନ୍ସ ଟେକ୍ନୋଲୋଜି କ୍ଷେତ୍ରକୁ ଅଭୂତପୂର୍ବ ସଫଳତା ମିଳିଛି। ➪ପୃଷ୍ଠା-୬

- ଶକ୍ତି କ୍ଷେତ୍ର ପାଇଁ ଆବଶ୍ୟକ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ
- ଖଣି ଅର୍ଥନୀତିରୁ ଜ୍ଞାନ ଅର୍ଥନୀତି ଆଡ଼କୁ ଆଗଉଛି ଓଡ଼ିଶା
- ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ପୂର୍ବ ଭାରତର ନେତୃତ୍ୱ ନେବା ପାଇଁ ଓଡ଼ିଶା ପ୍ରସ୍ତୁତ

## ସୁରକ୍ଷିତ ହେବ ଭୂଦାନ ଜମିର ଐତିହାସିକ ରେକର୍ଡ



### ଭୂଦାନ ଜମିର ପଞ୍ଜୀକରଣ ଓ ମ୍ୟୁଟେସନ୍ ଉପରେ ଅସ୍ଥାୟୀ ନିଷେଧ

### ପ୍ରାମାଣିକ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତି ପାଇଁ ଏସଓପି

ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ଭୂଦାନ ଓ ଗ୍ରାମଦାନ ଜମିର ଐତିହାସିକ ରେକର୍ଡକୁ ସୁରକ୍ଷିତ କରିବା, ବର୍ତ୍ତମାନର ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ସହ ତାହାକୁ ସମନ୍ୱିତ କରିବା ଏବଂ ଏହି ଜମି ସମ୍ପର୍କିତ ପ୍ରଶାସନିକ ଓ ଆଇନଗତ ଜଟିଳତାର ସ୍ଥାୟୀ ସମାଧାନ ଦିଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ସମୟବଦ୍ଧ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ଭୂଦାନ ଓ ଗ୍ରାମଦାନ ଜମିର ରାଜ୍ୟବ୍ୟାପୀ ପ୍ରାମାଣିକ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତି ନିମନ୍ତେ ମାନକ କାର୍ଯ୍ୟପ୍ରଣାଳୀ (ଏସଓପି)-୨୦୨୬ କାର୍ଯ୍ୟକାରୀ କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଆରଡିସି, ରାଜସ୍ୱ ପର୍ଷଦର ସଚିବ ଏବଂ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି। ଭୂଦାନ ଆନ୍ଦୋଳନର ମୂଳ ଲକ୍ଷ୍ୟ ଥିଲା ସ୍ୱେଚ୍ଛାରେ ଦାନ ➪ପୃଷ୍ଠା-୬

### ବିଦ୍ୟୁତ ବିଭାଗର ମନମାନୀ

## ୨୫ ବିଦ୍ୟାଳୟରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ



ପୁରୀ,୧୯।୯(ସଂଚାର ବ୍ୟୁରୋ): ବିଦ୍ୟୁତ ବିଭାଗର ମନମାନୀ। ୧୨ଟି ବିଦ୍ୟାଳୟରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇଛି। ଫଳସ୍ୱରୂପ ଛାତ୍ରଛାତ୍ରୀମାନେ ବାରଣ୍ଡାରେ ବସି ପାଠ ପଢ଼ିବାକୁ ବାଧ୍ୟ ହୋଇଛନ୍ତି। ପୁରୀ ଜିଲ୍ଲା ଡେଲାଙ୍ଗର ୨୫ଟି ବିଦ୍ୟାଳୟରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି। କେତେକ ବିଦ୍ୟାଳୟରେ ପିଲାମାନେ ଗଛ ମୂଳେ ପାଠ ପଢୁଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ବିଭାଗର ଏପରି ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଏବେ ସ୍କୁଲ ପିଲାଙ୍କ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି। ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ଏକାଧିକ ସରକାରୀ ବିଦ୍ୟାଳୟରୁ ବିଦ୍ୟୁତ ବିଭାଗ ପକ୍ଷରୁ ହଠାତ୍ ଲାଇନ୍ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ପ୍ରଚଣ୍ଡ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। କୋମଳମତି ଶିଶୁମାନେ ଶ୍ରେଣୀଗୃହ ଭିତରେ ବସି ନ ପାରି ଶେଷରେ ବାଧ୍ୟ ହୋଇ ଗଛ ମୂଳ ଓ ବାରଣ୍ଡାରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି। ସ୍ମାର୍ଟ ମିଟର ଯୋଗୁଁ ଏଭଳି ସମସ୍ୟା ଉପୁଜିଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି।

ବିଦ୍ୟୁତ ସଂଯୋଗ କଟିଯିବା କାରଣରୁ ବିଦ୍ୟାଳୟଗୁଡ଼ିକରେ ➪ପୃଷ୍ଠା-୬

### ୨୨ରୁ ବିଧାନସଭା

# ଶକ୍ତି ପ୍ରଦର୍ଶନ ପାଇଁ ଶାସକ-ବିରୋଧୀ ତୟାର



ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ଆସନ୍ତା ୨୨ରୁ ବସିବ ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ। ଏହି ଅଧିବେଶନରେ ନିଜ ନିଜର ଶକ୍ତି ପ୍ରଦର୍ଶନ ପାଇଁ ଏବେ ଉଭୟ ଶାସକ ଓ ବିରୋଧୀ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଏଥିପାଇଁ ତିନି ଶିବିରରେ ମନ୍ତ୍ରଣା ଚାଲିଥିବା ବେଳେ ସୋମବାର ଦିନ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିବେ।

ବିଧାନସଭା ଅଧିବେଶନକୁ ନେଇ ବିରୋଧୀ ଶିବିର ଅଧିକ ଚଳଚଞ୍ଚଳ ହୋଇ ଉଠିଛି। ଏମଏମଡିଆର ସଂଶୋଧନ ଆଇନଠାରୁ ନେଇ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଥିବା ବେଳେ ଏବେ ସେଥିରେ ୟୁପିଆଇର ନୂଆ ନିୟମ ଯୋଡ଼ି ହୋଇଯାଇଛି। ଏହିସବୁ ପ୍ରସଙ୍ଗକୁ ବିଧାନସଭାରେ ଉଠାଇବା ପାଇଁ ଗତ କିଛିଦିନ ହେଲା ବିଜେଡି ପକ୍ଷରୁ ପ୍ରତିଦିନ ସାମ୍ବାଦିକ ସମ୍ମିଳନୀରେ ଏହାକୁ ରଖାଯାଉଛି। ପାଠ୍ୟପୁସ୍ତକ ପ୍ରସଙ୍ଗରେ ଦଳ ପକ୍ଷରୁ ରାଜ୍ୟର ଏକାଧିକ ଜିଲ୍ଲାରେ ପ୍ରଦର୍ଶନ ହୋଇଥିବା ବେଳେ ଏମଏମଡିଆର ପ୍ରସଙ୍ଗରେ ଦଳ ପକ୍ଷରୁ ଶାସକ ଦଳର ସାଂସଦମାନଙ୍କୁ ଘେରିବା ପାଇଁ ବୟାନବାଜି ଜାରି ରହିଛି।

ସେହିଭଳି କେନ୍ଦ୍ର ସରକାର ୟୁପିଆଇ ପେମେଣ୍ଟ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ସୂଚନା ଦେବା ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ଏହାକୁ ବିରୋଧ କରି ମନ୍ତବ୍ୟ ରଖିଛନ୍ତି। ଦିଲ୍ଲୀରେ ମଧ୍ୟ ବିଜେଡି ଏହି ପ୍ରସଙ୍ଗକୁ ଉଠାଇଛି। ସଂସଦରେ ଉଠାଇବାର ସଙ୍କେତ ଦେଇଛି। ଏହାଛଡ଼ା ଦରଦାମ ବୃଦ୍ଧିକୁ ମଧ୍ୟ ଏକ ବଡ଼ ପ୍ରସଙ୍ଗ କରିବାକୁ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ ହେଉଥିବାର ସୂଚନା ମିଳିଛି। କଂଗ୍ରେସ ବି ଏ କ୍ଷେତ୍ରରେ ପଛରେ ନାହିଁ। ଯଦିଓ ଏହି ସମସ୍ତ ପ୍ରସଙ୍ଗକୁ କଂଗ୍ରେସ ମଧ୍ୟ ଜାବୁଡ଼ି ଧରିଛି କିନ୍ତୁ ରାଜ୍ୟସଭା ନିର୍ବାଚନ ଭଳି ବିଜେଡି ସହ କାନ୍ଧରେ କାନ୍ଧ ମିଳାଇ ପ୍ରତିବାଦ କରିପାରୁନାହିଁ। ଏମଏମଡିଆର ପ୍ରସଙ୍ଗରେ ଉଭୟ ଦଳ ରାଜଧାନୀରେ ଅଲଗା ଅଲଗା ପ୍ରତିବାଦ କରିଛନ୍ତି। ଦରଦାମ ହେଉ କିମ୍ବା ପାଠ୍ୟପୁସ୍ତକ ପ୍ରସଙ୍ଗ ହେଉ ଦୁଇ ବିରୋଧୀ ଦଳ ଦୁଇ ପଟକୁ ମୁହଁ କରି ପ୍ରତିବାଦ କରୁଛନ୍ତି। ଏହା ଶାସକ ଦଳକୁ ବେଶ୍ ସୁହାଇବ ବୋଲି ଆଶା କରାଯାଉଛି।

### ତିନି ଦଳରେ ଚାଲିଛି ରଣନୀତି ପ୍ରସ୍ତୁତି

ତେବେ ଶାସକ ବିଜେପି ବିରୋଧୀ ଦଳକୁ କାଉଣ୍ଟର କରିବା ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛି। ବିଶେଷକରି ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଦେଶ ଗସ୍ତରେ ଯାଇ ରାଜ୍ୟର ବିକାଶ ପାଇଁ ଆଣିଥିବା ନିବେଶ ମୁଖ୍ୟ ପ୍ରସଙ୍ଗ ହେବ। ସେହିଭଳି ଦେଶର ବିଭିନ୍ନ ସ୍ଥାନରେ ନିବେଶକମାନଙ୍କ ସହ ଆଲୋଚନା କରି ମଧ୍ୟ ଓଡ଼ିଶାକୁ ପୁଞ୍ଜି ଆଣିବାର ସରକାର ସଫଳ ହୋଇଛନ୍ତି। ଏହାଛଡ଼ା ଚାଷୀମାନଙ୍କ ପାଇଁ ଧାନ କ୍ୱିଣ୍ଟାଲରେ ୮୦୦ ଟଙ୍କା ବୃଦ୍ଧି ଓ ଦଳର ଫ୍ଲାଗଶିପ୍ ଯୋଜନା ସୁଭଦ୍ରାର ସଫଳତା ରହିଛି। ଏହାବାଦ୍ ସରକାର ଗ୍ରହଣ କରିଥିବା ଜନକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ବିଧାନସଭାରେ ଉଠାଯିବ। ରାଜନୈତିକ ଦୃଷ୍ଟିକୋଣରୁ ଚଳିତ ବିଧାନସଭାର ବର୍ଷାକାଳୀନ ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବିରୋଧୀ ଦଳ କିଭଳି ବିରୋଧ କରୁଛନ୍ତି ଓ ଶାସକ ଦଳ କିଭଳି ଏହାର ମୁକାବିଲା କରୁଛନ୍ତି, ତାହାକୁ ରାଜ୍ୟବାସୀ ଚାହିଁ ବସିଛନ୍ତି।



### କାନ ଡେରିଥା

ଜନ ପ୍ରତିନିଧି ସଦା ମୁହାଁମୁହିଁ
ଇଏ ଆମ ଖଲ୍ଲିକୋଟ
ଇଂଲିଶ ଫିଂଗଲିସ ଫାଇଟିଂ ଚାଲେ
ଜଣାଇଦେବାକୁ ଫାଟ
ଇଏ ରାଜନୀତି ନାଟ...
ଜନତା ସମସ୍ୟା ଜଳି ପଛେ ଯାଉ
ତାଙ୍କୁ ଦରକାର ନୋଟ ।

■ ଦେବାଶିଷ

# ସୋଆ ଦନ୍ତ ଚିକିତ୍ସା ଛାତ୍ରୀଙ୍କୁ ସମ୍ମାନଜନକ ଆଇସିଏମ୍ଆର୍ ଏମ୍‌ଡିଏସ୍ ଥେସିସ୍ ଗ୍ରାଂଟ



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନ୍‌ସେସ୍ (ଆଇଡିଏସ୍)ର ଦୁଇଜଣ ସ୍ନାତକୋତର ଛାତ୍ରୀ ୨୦୨୬ ପାଇଁ ଆଇସିଏମ୍ଆର୍ ଏମ୍‌ଡିଏସ୍ ଥେସିସ୍ ଗ୍ରାଂଟ ନିମନ୍ତେ ମନୋନୀତ ହୋଇଛନ୍ତି। ଏକାଡେମିକ୍ ଉତ୍କର୍ଷତା ଓ ଗବେଷଣା ପ୍ରତି ସେମାନଙ୍କ ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ ଏହି ସମ୍ମାନଜନକ ଗ୍ରାଂଟ ପ୍ରଦାନ କରାଯାଇଛି। ଡାକ୍ତର ସିଦ୍ଧି ପଟ୍ଟନାୟକ ଓ ଡାକ୍ତର ସୋହିନୀ ନିୟୋଗୀ ସେମାନଙ୍କ ସ୍ନାତକୋତର ଗବେଷଣା କାର୍ଯ୍ୟ ପାଇଁ ଏହି ଗ୍ରାଂଟ ପାଇଛନ୍ତି। ଏହା ଉଭୟ ଛାତ୍ରୀଙ୍କ ସହ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ମଧ୍ୟ ଏକ ଉଲ୍ଲେଖନୀୟ ସଫଳତା। ଏହି ଗବେଷଣା ପ୍ରକଳ୍ପଗୁଡ଼ିକ ଆଇଡିଏସର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁ ଏବଂ ଡାକ୍ତର ମନୀଷା ଦାସଙ୍କ ମାର୍ଗଦର୍ଶନରେ ଚାଲିଛି। ଶନିବାର ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଉଭୟ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ସଫଳତାର ପ୍ରଶଂସା କରିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ସଫଳତା ଦନ୍ତ ଚିକିତ୍ସା ବିଜ୍ଞାନରେ ଗବେଷଣା, ବୈଜ୍ଞାନିକ ଅନୁସନ୍ଧାନ ଓ ନବସୃଜନକୁ ପ୍ରୋତ୍ସାହନ ଦେବା ଦିଗରେ ଆଇଡିଏସ୍‌ର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ସ୍ୱୀକୃତି ଛାତ୍ରୀମାନଙ୍କୁ ଅଧିକ ପ୍ରଭାବଶାଳୀ ଗବେଷଣା କରିବା ସହ ମୁଖ ସ୍ୱାସ୍ଥ୍ୟସେବାର ଉନ୍ନତି ନିମନ୍ତେ ପ୍ରେରଣା ଯୋଗାଇବ। ପ୍ରଫେସର (ଡକ୍ଟର) ନାୟକ ଓ କୁଳପତି ପ୍ରଫେସର ନନ୍ଦ ଛାତ୍ରୀମାନଙ୍କ ମାର୍ଗଦର୍ଶକଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଏକାଡେମିକ୍ ଓ ଗବେଷଣା କ୍ଷେତ୍ରରେ ନିରନ୍ତର ସଫଳତା କାମନା କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଫେସର (ଡାକ୍ତର) ଭୂୟାଁ ଓ ଡାକ୍ତର ଦାସ ମଧ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଆଦେଶକୁ ଫୁ

# ଟ୍ରକ ଧକ୍କାରେ ଅଟୋ ଚାଳକ ମୃତ



କେନ୍ଦ୍ରାପଡ଼ା, ୧୯।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକରେ ଏକ ଲୁହା ପଥର ବୋଝେଇ ଟ୍ରକ ଧକ୍କାରେ ଜଣେ ଅଟୋଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଅଟୋ ଚାଳକ ହେଉଛନ୍ତି ନିକିରାଇ ଥାନା ଅନ୍ତର୍ଗତ ନିକିରାଇପଟଣା ଗ୍ରାମର ନୃସିଂହ ଚରଣ ସାହୁ(୫୭)। ଖବର ନେବାରୁ ଜଣାପଡ଼ିଛି ନୃସିଂହ ୨ ଜଣ ମହିଳା ଓ ଜଣେ ଛୋଟ ପିଲାକୁ ଅଟୋରେ ବସାଇ ଗ୍ରାମରୁ କେନ୍ଦ୍ରାପଡ଼ା ସହର ଅଭିମୁଖେ ଆସୁଥିଲେ। ଦଣ୍ଡାମୁଣ୍ଡ ଛକ ନିକଟରେ ଏକ ଲୁହା ପଥର ବୋଝେଇ ଟ୍ରକ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରୁ ଅଟୋ ଚାଳକ ନୃସିଂହ ଛିଟିକି ପଡ଼ିଥିଲେ। ତାଙ୍କ ଉପରେ ଟ୍ରକ ଚଢ଼ି ଯାଇଥିଲା। ଏହାଦ୍ୱାରା ଦୁର୍ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଟୋରେ ବସିଥିବା ଯାତ୍ରୀମାନେ ଭାଗ୍ୟ ବଶତଃ ସୁରକ୍ଷିତ ଥିବା ଜଣାପଡ଼ିଛି। ଟ୍ରକ ଚାଳକ ଅଟୋକୁ ଧକ୍କା ଦେବା ପୂର୍ବରୁ ଏକ ସ୍କୁଟି ଓ ଏକ କାରକୁ ମଧ୍ୟ ଧକ୍କା ଦେଇଥିଲେ ବୋଲି ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି। ଖବର ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହି ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ଟ୍ରକ ଚାଳକ ସଞ୍ଜୟ ବେହେରାଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଲୁହା ପଥର ବୋଝେଇ ଟ୍ରକର ମାଲିକ ନିକିରାଇ ଗ୍ରାମର ମହେଶ୍ୱର ଜେନା ବୋଲି ପୋଲିସ କହିଛି। ଅପରପକ୍ଷରେ ଟ୍ରକ ମାଲିକମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମାନୁ ନାହାଁନ୍ତି। ଜିଲ୍ଲାପାଳ ନିକଟରେ ନିର୍ଦ୍ଦେଶ ଦେଇଥିଲେ ଯେ ଭାରୀଯାନ ସକାଳ ୭ଟାରୁ ରାତି ୯ଟା ମଧ୍ୟରେ ଚଳ ପ୍ରଚଳ କରିପାରିବ ନାହିଁ। ହେଲେ ଏହି ନିର୍ଦ୍ଦେଶକୁ ଟ୍ରକ ମାଲିକମାନେ ପାଳନ କରୁନାହାଁନ୍ତି। ଯାହା ଫଳରେ ଏଭଳି ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଦୀପ ଲିଭି ଯାଉଛି। ଗତ ବର୍ଷ ଜଣେ ମହିଳା ସ୍କୁଟିରେ ଯାଉଥିବା ବେଳେ ତିନିମୁହାଣୀ ଛକ ନିକଟରେ ଏକ ହାଇୱା ଧକ୍କା ଦେବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଜିଲ୍ଲାପାଳ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରିଥିଲେ। କିଛି ଦିନ ପୋଲିସ ସେହି ନିର୍ଦ୍ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଟାଉନ୍ ଥାନାର ପୂର୍ବତନ ଆଇଆଇସି ଦିଲ୍ଲୀପ ସାହୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୩ ଲକ୍ଷ ଟଙ୍କା ଜୋରିମାନା ମଧ୍ୟ ଆଦାୟ କରିଥିଲେ। ଏହାସହ ୧୦ଟି ଟ୍ରକକୁ ଜବତ କରିଥିଲେ। ଫଳରେ ଟ୍ରକ ମାଲିକମାନଙ୍କ ମନରେ ଛନକା ପଶିଥିଲା। ଫଳରେ ସେହି ସମୟରେ ଦୁର୍ଘଟଣା ହ୍ରାସ ପାଇଥିଲା। ହେଲେ ତାଙ୍କର କେନ୍ଦ୍ରାପଡ଼ ଟାଉନ ଥାନାରୁ ଅନ୍ୟତ୍ର ବଦଳି ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଆଉ କାର୍ଯ୍ୟକାରୀ ହେଲା ନାହିଁ ବୋଲି ସହରର ବୁଦ୍ଧିଜୀବୀମାନେ କହିଛନ୍ତି।

# ରାମଚଣ୍ଡୀ ବିଜୟାନନ୍ଦ ହାଇସ୍କୁଲରେ ସ୍ୱଚ୍ଛତା ଶପଥ ଗ୍ରହଣ



ମହାକାଳପଡ଼ା,୧୯।୯ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ଅନ୍ତର୍ଗତ ରାମଚଣ୍ଡୀ ବିଜୟାନନ୍ଦ ହାଇସ୍କୁଲ ପରିସରରେ ଆଜି ସ୍ୱଚ୍ଛତା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ରାମନଗର ପଞ୍ଚାୟତର ସରପଞ୍ଚ ମିଳନ ଦେବନାଥ ଓ ପିଇଓ ବିଜୟ କୁମାର ସେଠୀ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅନ୍ୟମାନେ ଏଥିରେ ସାମିଲ ହୋଇ ସ୍ୱଚ୍ଛତା ରକ୍ଷା ପାଇଁ ଶପଥ ନେଇଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛ ଭାରତର ସ୍ୱପ୍ନକୁ ସାକାର କରିବା, ନିଜେ ସ୍ୱଚ୍ଛ ରହିବା ସହ ଆଖପାଖ ପରିବେଶକୁ ପରିଷ୍କାର ରଖିବା, ସପ୍ତାହକୁ ଅତିକମରେ ଦୁଇ ଘଣ୍ଟା ସ୍ୱଚ୍ଛତା କାର୍ଯ୍ୟରେ ସମୟ ଦେବା, ଖୋଲାରେ ମଳତ୍ୟାଗ ନ କରିବା ଓ ଅନ୍ୟମାନଙ୍କୁ ଏଥିରୁ ନିବୃତ୍ତ କରିବା ପାଇଁ ଶପଥ ନିଆଯାଇଥିଲା। ଏଥିସହ ଘର, ପରିବାର, ରାସ୍ତା ଓ କର୍ମସ୍ଥଳୀରେ ସ୍ୱଚ୍ଛତା ଅଭିଯାନକୁ ଆଗେଇ ନେବା, ଯେଉଁଠି ସେଠି ଆବର୍ଜନା ନ ପକାଇବା ଏବଂ ଆବର୍ଜନା ପୋଡ଼ିବା ଭଳି ଅଭ୍ୟାସରୁ ଦୂରେଇ ରହିବାକୁ ମଧ୍ୟ ଶପଥ ନିଆଯାଇଥିଲା। ସ୍ୱଚ୍ଛତା ହିଁ ବିକାଶର ମୂଳମନ୍ତ୍ର ବୋଲି ଉଲ୍ଲେଖ କରି ସମସ୍ତେ ମିଳି ଦେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ସଂକଳ୍ପ ନେଇଥିଲେ।

# ପ୍ରକୃତି ମିତ୍ରଙ୍କୁ ବନ୍ୟା ଯୋଦ୍ଧା ସମ୍ବର୍ଦ୍ଧନା



ଆଳି, ୧୯।୯(ସଂଚାର ବ୍ୟୁରୋ): ଆଳି ରାଧାନଗର ର ଯୁବ ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ବନ୍ୟା ଯୋଦ୍ଧା ରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଆଶାର ଦିଶା ଫାଉଣ୍ଡେସନ ତରଫରୁ ଏହି ସମ୍ବର୍ଦ୍ଧନା କରାଯାଇଛି। ଶ୍ରୀ କୃଷ୍ଣଚନ୍ଦ୍ର ଚଳିତ ବନ୍ୟା ରେ ଆଳି ଅଞ୍ଚଳ ଉବୁଟୁବୁ ହେଉଥିବା ବେଳେ ବନ୍ୟା ପ୍ରପୀଡ଼ିତ ଙ୍କୁ ସୌଜନ୍ୟ ମୂଳକ ଭାବେ ଶୁଖିଲା ଖାଦ୍ୟ ଓ ଔଷଧ ବାଣ୍ଟି ଚର୍ଚ୍ଚାରେ ଥିଲେ। ପେସାରେ ଛୋଟ ବ୍ୟବସାୟ ଥିଲେବି ନିଶା ତାଙ୍କର ସମାଜ ସେବା।ସେତିକି ନୁହେଁ ପ୍ରକୃତି ମିତ୍ର ସାଜି ଖରାଦିନ ଆସିଲେ ଗଛ ମାନଙ୍କରେ ପାଣି ଠେକି ବାନ୍ଧି ପକ୍ଷୀ ମାନଙ୍କର ତୃଷା ମେଂଣ୍ଟାଉଥିବା ତାଙ୍କର ନିଶା। ଏହି ପରିପ୍ରେକ୍ଷୀରେ କୃଷ୍ଣଚନ୍ଦ୍ର ଙ୍କୁ ଜୟଦେବ ବିହାରଠାରେ ଆଶାର ଦିଶା ଫାଉଣ୍ଡେସନ ର ନବମ ବାର୍ଷିକ ର ବର୍ଣ୍ଣାଢ୍ୟ ଉତ୍ସବ ରେ ବନ୍ୟା ଯୋଦ୍ଧା ଗୌରବ ସମ୍ମାନ ରେ ସମ୍ମାନିତ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇ ଥିବାରୁ ଆଶାର ଦିଶା ଫାଉଣ୍ଡେସନ ର ସମସ୍ତ କର୍ମକର୍ତା ଙ୍କୁ ସାଧୁବାଦ ଜଣାଇଛନ୍ତି କୃଷ୍ଣଚନ୍ଦ୍ର।

## ଗ୍ଲୋବାଲ ଜେଟ ତରଫରୁ ବନ୍ଧୁ ମିଳନ

# ଝରଣା ଇଣ୍ଡଷ୍ଟ୍ରିଜ ତରଫରୁ ସମ୍ବର୍ଦ୍ଧନା ସମାରୋହ



ଆଳି,୧୯।୯(ସଂଚାର ବ୍ୟୁରୋ): ଆଳି ଭୂଇଁପୁର ଝରଣାମଣ୍ଡପ ପରିସରରେ ଗ୍ଲୋବାଲ ଜେଟ ତରଫରୁ ବନ୍ଧୁ ମିଳନ ଏକ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଚଳଚିତ୍ର ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି ସମ୍ମାନିତ ଅତିଥି ଚଳଚିତ୍ର ଜଗତର ଅନ୍ୟ ଏକ ପ୍ରତିଭା ଜୀବନ ପଣ୍ଡା ଏବଂ ଅନ୍ୟତମ ପ୍ରତିଭା ସରୋଜ କୁଣ୍ଡୁ ଯୋଗ ଦେଇ ଗ୍ଲୋବାଲ ଜେଟର ବ୍ୟବସାୟୀ ମାନଙ୍କୁ ମାନପତ୍ର ଟ୍ରଫି ସହିତ ଉପହାର ପ୍ରଦାନ କରିଥିଲେ।ସ୍ୱରୂପ କୁମାର ପରିଡା ଙ୍କ ପ୍ରୟାସ ଶ୍ରୀକାନ୍ତ କୁମାର ସାହୁଙ୍କ ସଂଯୋଜନାରେ ରେ ପ୍ରାୟୋଜିତ ସଭାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ବ୍ୟବସାୟୀ ମାନେ ଅଧିକ ସଫଳତା ନିମିତ୍ତ ପ୍ରୟାସ ଜାରି ରଖିବାକୁ ମନ୍ତବ୍ୟ ପ୍ରଦାନ କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ଗ୍ଲୋବାଲ ଜେଟ ର ଉତ୍ତରୋତ୍ତର ଉର୍ନ୍ନତି କାମନା କରିଥିଲେ।ଉପଭୋକ୍ତା ଙ୍କ ଚାହିଦା ପୂରଣ କରୁଥିବାରୁ ଗ୍ଲୋବାଲ ଜେଟ କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟ ପଟେ ଏହି ବନ୍ଧୁ ମିଳନଟି ସରସ ସୁନ୍ଦର ହୋଇଥିଲା।

# ବିଭିନ୍ନ ଦାବି ନେଇ ନବନିର୍ମାଣ କୃଷକ ସଂଗଠନର ଆନ୍ଦୋଳନ



କେନ୍ଦ୍ରାପଡ଼ା,୧୯।୯(ସଂଚାର ବ୍ୟୁରୋ): ନବନିର୍ମାଣ କୃଷକ ସଂଗଠନ ଏବଂ ଯୁବଛାତ୍ର ସଂଗଠନ ଗତ ୧୭ ବର୍ଷ ଧରି ଅହିଂସା ଓ ଗଣତାନ୍ତ୍ରିକ ପଦ୍ଧତିରେ ଋଷୀ ଓ ଚାଷର ବିକାଶ ପାଇଁ, ଶିକ୍ଷା ବ୍ୟବସ୍ଥାରେ ସୁଧାର, ଛାତ୍ରଛାତ୍ରୀଙ୍କ ସୁରକ୍ଷା, ମହିଳାଙ୍କ ସୁରକ୍ଷା, ନିଶାମୁକ୍ତ ଅଭିଯାନ ଏବଂ ଜନସାଧାରଣଙ୍କ ହିତସାଧନ ନିମନ୍ତେ ଅନବରତ ଭାବରେ ସରକାର ଏବଂ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଆସୁଛି। ଚଳିତବର୍ଷ ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଅଧିନରେ ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ଛପାହୋଇ ଆସିଥିବା ୫୫ଟି ଟେଷ୍ଟ ବୁକ ଗୁଡିକରେ ୧୬୭୮ଟି ଭୁଲ (ସରକାରୀ ତଥ୍ୟ ଅନୁଯାୟୀ) ପରିଲକ୍ଷିତ ହୋଇଛି। ଯାହା କେବଳ ମୁଦ୍ରଣ ତ୍ରୁଟି ନୁହେଁ ବରଂ ରାଜନୈତିକ, ଐତିହାସିକ ଓ ଭୌଗଳିକ ଭାବରେ ଭୟଙ୍କର ତ୍ରୁଟି ହୋଇଛି। ଯେଉଁଥିରେ ସାର ଆଇଜାକ ନିଉଟନ ଜଣେ ପାଇଲଟ ଥିଲେ। କର୍ଣାଟକ ବିଧାନସଭାକୁ ଓଡିଶା ବିଧାନସଭା ଏବଂ ଇଂରେଜୀ ବହିରେ ଓଡିଆ ଗୀତ, ଓଡିଆ ବହିରେ ଇଂରେଜୀ ଗୀତ, ଗଣିତ ବହିରେ ବିଜ୍ଞାନ ତ, ବିଜ୍ଞାନ ବହିରେ ଗଣିତ ଇତ୍ୟାଦି ଭର୍ତ୍ତି କରାଯାଇଛି। ଯେଉଁଗୁଡିକ ସରଳ ଶିଶୁର ମସ୍ତିଷ୍କକୁ ସହଜ ଭାବରେ ପ୍ରଭାବିତ କରିଥାଏ। ଏହି ତ୍ରୁଟି ଗୁଡିକୁ ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରିଥିଲେ ବି, ଏ ପର୍ଯ୍ୟନ୍ତ ପିଲାମାନେ ସେହି ଭୁଲ ଛପିଥିବା ବହି ଗୁଡିକ ପଢି ଚାଲିଛନ୍ତି। ଏଥିପାଇଁ ବହି ଲେଖିବାରେ, ପ୍ରସ୍ତୁତି ଓ ମୁଦ୍ରଣରେ ସହଯୋଗ କରିଥିବା ବ୍ୟକ୍ତିମାନେ ପ୍ରତ୍ୟେକ୍ଷ ଭାବରେ ଯେତିକି ଦାୟୀ, ତା ଠାରୁ ଅଧିକ ଦାୟୀ ସେହି ବିଭାଗର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଯିଏ ଉତ୍ତରଦାୟୀତ୍ୱକୁ ସ୍ୱୀକାର କରି ନୈତିକତା ଆଧାରରେ ଇସ୍ତଫା ଦେଇଦେବା ବହୁତ ଜରୁରୀ ଅଟେ। ଏହି ପରିପ୍ରେକ୍ଷୀରେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଇସ୍ତଫା ଦିଅ, ନୂଆ ପାଠ୍ୟ ପୁସ୍ତକରେ ଭୁଲ ବହି ସଂଶୋଧନ କରି ତୁରନ୍ତ ନୂଆ ବହି ଦିଅ, ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦିଅ, ଶିକ୍ଷା ପରେ ନିଯୁକ୍ତିର ଗ୍ୟାରେଣ୍ଟି ଦିଅ, ଖାଲି ପଡ଼ିଥିବା ଶିକ୍ଷକ ପଦବୀରେ ଯୁବପିଢୀଙ୍କୁ ନିଯୁକ୍ତି ଦିଅ, ତୁରନ୍ତ ପାଠ୍ୟ ପୁସ୍ତକ ମୁଦ୍ରଣରେ ଖର୍ଚ୍ଚ ହୋଇଥିବା ୩୮୦ କୋଟି ଟଙ୍କା ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଫେରସ୍ତ କରନ୍ତୁ ଭଳି ୬ ଦଫା ଦାବୀରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡି ମନଓ୍ୱର ଅଲ୍ଲୀ ଅଗଷ୍ଟ ୨୦ ତାରିଖରୁ ଅନଶନ ଆରମ୍ଭ କରି ମିଳିତ କ୍ରିୟାନୁଷ୍ଠାନର ନିବେଦନ କ୍ରମେ ସେପ୍ଟେମ୍ବର ୬ ତାରିଖରେ ଅନିର୍ଦ୍ଦିଷ୍ଟ କାଳୀନ ଅନଶନ ସମାପ୍ତି ପରେ ନବନିର୍ମାଣ ଯୁବଛାତ୍ର ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ଏହି ୬ ଦଫା ଦାବୀରେ ସେପ୍ଟେମ୍ବର ୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଅନଶନ ବସି ରହିଛନ୍ତି।

# ବିର୍ସା ମୁଣ୍ଡା ଜୋନରେ କ୍ରୀଡ଼ା ପ୍ରତିଯୋଗିତା



ମହାକାଳପଡ଼ା, ୧୯।୯(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦୁଃଶାସନ ରାମପ୍ରସାଦ ହାଇସ୍କୁଲ, ଜମ୍ବୁ ପଡ଼ିଆରେ ବିଦ୍ୟାଳୟସ୍ତରୀୟ ବିର୍ସା ମୁଣ୍ଡା ଜୋନ କ୍ରୀଡ଼ା ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୁଶଦେବ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜୋନ ଅଧୀନ ବିଦ୍ୟାଳୟଗୁଡ଼ିକର ଷଷ୍ଠରୁ ଦଶମ ଶ୍ରେଣୀର ପ୍ରାୟ ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଷଷ୍ଠରୁ ଅଷ୍ଟମ ଏବଂ ନବମ-ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ୍, ଡିସକସ୍, ଶଟଲ, କବାଡି, ଚେସ୍, କ୍ରିକେଟ୍, ବର୍ଚ୍ଛା ନିକ୍ଷେପ, ବ୍ୟାଡମିଣ୍ଟନ, ଖୋ-ଖୋ ଓ ଭଲିବଲ ଆଦି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା, ଝାନ୍ସୀରାଣୀ ଦାସ, ସତ୍ୟବ୍ରତ ପୁହାଣ ଓ ଅଚ୍ୟୁତ ବେଉରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଓ ସମାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମଣିଭୂଷଣ ଦାସ, ମୁଖ୍ୟବକ୍ତା ଭାବେ ଜମ୍ବୁ ଗ୍ରାମପଞ୍ଚାୟତ ସରପଞ୍ଚ ବିଶ୍ୱଜିତ ବସୁ, ସମ୍ମାନିତ ଅତିଥି ଭାବେ ନରେନ୍ଦ୍ରନାଥ କ୍ଲଷ୍ଟରର ସିଆରସିସି ରବିଶଙ୍କର ବେରା, ବିମଳ କୁମାର ମଣ୍ଡଳ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁଚରଣ ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ଗରାପୁର ଶିବାନନ୍ଦ ଆଶ୍ରମ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ



କେନ୍ଦ୍ରାପଡ଼ା,୧୯।୯(ସଂଚାର ବ୍ୟୁରୋ): ବିଶ୍ୱ ଦିବ୍ୟଜୀବନ ସଙ୍ଘର ପ୍ରତିଷ୍ଠାତା ସଦଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜଙ୍କର ୧୩୯ତମ ଜୟନ୍ତୀ କେନ୍ଦ୍ରାପଡାର ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପକ୍ଷରୁ ପାଳିତ ହେଉଥିବା ଅବସରରେ ଶନିବାର ଆଶ୍ରମ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ୱାର୍ଡର ରୋଗୀମାନଙ୍କୁ ଫଳ, ବିସ୍କୁଟ ଓ ଚକୋଲେଟ ପ୍ରଭୃତି ବଣ୍ଟନ କରାଯାଇଛି। ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଶ୍ୟାମଗୁଡିଆସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବିଭିନ୍ନ ୱାର୍ଡର ଅନ୍ତେବାସୀ ରୋଗୀ ମାନଙ୍କୁ ଫଳ, ବିସ୍କୁଟ, ଚକୋଲେଟ ଓ ବିଭୁତି ପ୍ରଦାନ କରିବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ ଏବଂ ଦୀର୍ଘ ଜୀବନ କାମନା କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ ପୂର୍ବକ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମାଙ୍କ ସହିତ ଆଶ୍ରମର ଭକ୍ତମାନେ, ଧର୍ମଜାଗରଣ ସମନ୍ୱୟ ସମିତି, ବଜରଙ୍ଗ ଦଳ ଓ ବଳଦେବ ସେନାର ପିଲାମାନେ, ଶିବାନନ୍ଦ ବିଦ୍ୟାମନ୍ଦିରର ଗୁରୁଜୀ ଓ ଗୁରୁମା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମକର୍ତା ମାନେ ଉପସ୍ଥିତ ଥିଲେ। ଆସନ୍ତା ୨୪ତାରିଖରେ ବିଶ୍ୱ ଦିବ୍ୟଜୀବନ ସଙ୍ଘର ସଭାପତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ଆଶ୍ରମ ପକ୍ଷରୁ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି। ବ୍ରହ୍ମଚାରୀ ନୃସିଂହ ନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବନେତା ହିମାଂଶୁ ନନ୍ଦ ହେଲେ ଜିଲ୍ଲା କିଷାନ କଂଗ୍ରେସ କାର୍ଯ୍ୟକାରୀ ସଭାପତି



କେନ୍ଦ୍ରାପଡ଼ା, ୧୯।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିଭାବାନ ଯୁବନେତା ହିମାଂଶୁ ନନ୍ଦଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା କିଷାନ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପରେ ଜିଲ୍ଲା କଂଗ୍ରେସ ଶିବିରରେ ଉତ୍ସାହର ଲହରୀ ଖେଳିଯାଇଛି। କୃଷକମାନଙ୍କ ହକ୍ ଓ ସମସ୍ୟା ପାଇଁ ସଦାସର୍ବଦା ସଂଗ୍ରାମ ଜାରି ରଖିଥିବା ହିମାଂଶୁଙ୍କୁ ଏହି ଗୁରୁଦାୟିତ୍ୱ ମିଳିଥିବାରୁ ସେ କଂଗ୍ରେସ ହାଇକମାଣ୍ଡ, ରାଜ୍ୟ ନେତୃବୃନ୍ଦ ଏବଂ ଜିଲ୍ଲା କଂଗ୍ରେସ କମିଟିକୁ ଧନ୍ୟବାଦ ଜଣାଇଛନ୍ତି।ନିଜର ଏହି ସଫଳତା ଓ ନୂତନ ଦାୟିତ୍ୱ ପାଇଁ ହିମାଂଶୁ କଂଗ୍ରେସର ଶୀର୍ଷ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସଭାପତି ମାଲିକାର୍ଜୁନ ଖଡ଼ଗେ, ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଳ ଏବଂ ଅଖିଳ ଭାରତୀୟ କିଷାନ କଂଗ୍ରେସ ଅଧ୍ୟକ୍ଷ ସୁଖପାଲ ସିଂହ ଖାଇରାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।ଏହାସହିତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ, କିଷାନ କଂଗ୍ରେସ ରାଜ୍ୟ ସଭାପତି ଅଭୟ ସାହୁ, ଉପସଭାପତି କାର୍ତ୍ତିକ ବରାଳ, ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ, କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଡା.ଦେବସ୍ମିତା ଶର୍ମା, କିଷାନ କଂଗ୍ରେସ ଜିଲ୍ଲା ସଭାପତି ଜୟଦେବ ପରିଡ଼ା ଏବଂ ନିଜର ରାଜନୈତିକ ଗୁରୁ ତଥା ପୂର୍ବତନ ବିଧାୟିକା ଡ.ସିପ୍ରା ମଲ୍ଲିକଙ୍କୁ ସଶ୍ରଦ୍ଧ ଧନ୍ୟବାଦ ଜଣାଇଛନ୍ତି।ହିମାଂଶୁ ପ୍ରକାଶ କରିଛନ୍ତି ଯେ, ଶୀର୍ଷ ନେତୃବୃନ୍ଦ ତାଙ୍କ ଉପରେ ଯେଉଁ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଛନ୍ତି ସେ ତାହାକୁ ନିଷ୍ଠାର ସହ ପାଳନ କରିବେ। ଜିଲ୍ଲାର ଚାଷୀମାନଙ୍କ ବିବିଧ ସମସ୍ୟା, ସେମାନଙ୍କ ହକ୍ ଓ ଦାବି ହାସଲ ପାଇଁ କିଷାନ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବେଗବାନ୍ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ହିମାଂଶୁଙ୍କ ଏହି ନୂତନ ଦାୟିତ୍ୱ ଗ୍ରହଣ ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଗାନ୍ଧୀ କୁଇଜ ପ୍ରତିଯୋଗିତା

# ଜିଲ୍ଲାର ୨୨୦୦ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



କେନ୍ଦ୍ରାପଡ଼ା,୧୯।୯(ସଂଚାର ବ୍ୟୁରୋ): ଗାନ୍ଧୀ ଆଦର୍ଶ ଓ ବିଚାରଧାରା ସହିତ ଉତ୍ତର ପିଢ଼ିଙ୍କୁ ପରିଚିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ୯ ଗୋଟି ବ୍ଲକ ଓ ୨ ଟି ସହରାଳରେ ୫ ଟି ଲେଖାଏଁ କରି ମୋଟ ୫୫ ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୨୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗାନ୍ଧୀ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିଜୀଙ୍କ ହତ୍ୟା ପରେ ଦେଶର ବିଶିଷ୍ଟ ଗାନ୍ଧୀବାଦୀ ନେତାମାନଙ୍କ ଦ୍ୱାରା ଗାନ୍ଧୀ ବିଚାରକୁ ସମଗ୍ର ବିଶ୍ୱରେ ପ୍ରଚାର ପ୍ରସାର କରିବା ନିମନ୍ତେ ଗଠନ କରାଯାଇଥିବା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓଡିଶା ଶାଖା ପକ୍ଷରୁ ସମଗ୍ର ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହେଉଥିବା ଏହି ଲିଖିତ ପ୍ରତିଯୋଗିତା ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହା ସଂଗଠିତ କରାଯାଇଥିଲା। ଗୋଟିଏ ଦିନରେ ଓ ଏକ ସମୟରେ ହୋଇଥିବା ଏହି ପ୍ରତିଯୋଗିତାକୁ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳରେ ଅଧ୍ୟାପକ ଅଜୟ ସାମଲ, ରବୀନ୍ଦ୍ର ପ୍ରସାଦ ଜେନା, ଅବଧୂତ ରାଉତ, ଅବନ୍ତୀ ବେହେରା, ଭାଗୀରଥି ଜେନା, ନରୋମ ପାର୍ଥସାରଥୀ, ଅଭିମନ୍ୟୁ ରାଉତ, ଗୋପୀନାଥ ଦାଶ, ମନୋରଞ୍ଜନ ତ୍ରିପାଠୀ, ମହେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ମହାପାତ୍ର, ସରୋଜକାନ୍ତ ନାୟକ, ବିଷ୍ଣୁପ୍ରିୟା ସାମଲ, ଅଭୟ କୁମାର ସ୍ୱାଇଁ, ଦେବାଶିଷ ପ୍ରଧାନ ପ୍ରମୁଖ ସଂଗଠନର କର୍ମକର୍ତାମାନେ ପରିଚାଳନା କରିଥିଲେ। ପ୍ରତି ବିଦ୍ୟାଳୟରେ ପ୍ରଥମ ତିନିଟି ସ୍ଥାନ ହାସଲ କରିଥିବା ଜିଲ୍ଲାର ପ୍ରାୟ ୧୬୫ ଜଣ କୃତି ଛାତ୍ରଛାତ୍ରୀଙ୍କୁ ଆସନ୍ତା ଗାନ୍ଧୀ ଜୟନ୍ତୀ ଅବସରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଗାନ୍ଧୀ ଭବନ ସଭାଗୃହରେ ହେବାକୁ ଥିବା ଗାନ୍ଧୀ ଜୟନ୍ତୀ ଉତ୍ସବ ଅବସରରେ ପୁରସ୍କୃତ କରାଯିବ ବୋଲି ସଂଗଠନର ଜିଲ୍ଲା ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡା ଓ ସମ୍ପାଦକ ଆଦିକନ୍ଦ ରାଉଳ ଜଣାଇଛନ୍ତି।

# ପଟ୍ଟାମୁଣ୍ଡାଇ ତହସିଲରେ ରାଜସ୍ୱ ଜନଶୁଣାଣୀ



ପଟ୍ଟାମୁଣ୍ଡାଇ,୧୯।୯(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିଭିନ୍ନ ତହସିଲରେ ପଡ଼ିରହିଥିବା ରାଜସ୍ୱ ମାମଲାର ତ୍ୱରିତ ସମାଧାନ ପାଇଁ ତହସିଲ ସ୍ତରୀୟ ରାଜସ୍ୱ ଜନଶୁଣାଣୀ ଶିବିର ଅନୁଷ୍ଠିତ ହେଉଛି। ଏଇ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ତହସିଲରେ ଆଜି ରାଜସ୍ୱ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଯୋଗ ଦେଇ ପ୍ରାୟ ୧୫ଟି ରାଜସ୍ୱ ମାମଲା ବିଚାର କରି ଫଇସଲା କରିଥିଲେ। ଏହି ଜନଶୁଣାଣୀ ଶିବିରରେ ସରକାରୀ ଓକିଲ ଶିଶିର ମଲିକ ଓ ବିଭିନ୍ନ ସର୍କଲ ରାଜସ୍ୱ ନିରୀକ୍ଷକ ଯୋଗ ଦେଇ ସହାୟତା କରିଥିଲେ।

## ଜର୍ସି ବାଛୁରିଙ୍କ ପାଇଁ ବ୍ୟବସ୍ଥା କେବେ ?

# କ୍ଷୀର ଦେଉଛି ଗାଈ, ଅଣ୍ଡିରା ବାଛୁରି ପାଲଟୁଛି ଚାଷୀଙ୍କ ଚିନ୍ତା; ଖୋଲାରେ ବୁଲି ଉଜାଡୁଛି ଚାଷ

କେନ୍ଦ୍ରାପଡ଼ା,୧୯।୯(ସଂଚାର ବ୍ୟୁରୋ): ଗୋପାଳନକୁ ନେଇ ସରକାରୀ ପ୍ରୋତ୍ସାହନ ବଢ଼ୁଛି । ଜର୍ସି ଗାଈ ପାଳି ଅନେକ ପରିବାର କ୍ଷୀର ବିକ୍ରି କରି ରୋଜଗାର କରୁଛନ୍ତି। ଗାଈ କିଣିବା, ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ପାଇଁ ବିଭିନ୍ନ ସହାୟତା ଓ ଯୋଜନା ମଧ୍ୟ ରହିଛି ।କିନ୍ତୁ ଗାଈର ଅଣ୍ଡିରା ବାଛୁରି ଜନ୍ମ ହେବା ପରେ ତାହାର ଦାୟିତ୍ୱ ନେବ କିଏ— ଏହି ପ୍ରଶ୍ନ ଏବେ ଗ୍ରାମାଞ୍ଚଳର ଅନେକ ଗୋପାଳକଙ୍କୁ ଚିନ୍ତାରେ ପକାଇଛି । କ୍ଷୀର ଦେଉଥିବା ଗାଈ ଚାଷୀଙ୍କ ପାଇଁ ଆୟର ଉତ୍ସ ।ହେଲେ ଅଣ୍ଡିରା ବାଛୁରିକୁ ବଡ଼ କରିବା ପାଇଁ ଖାଦ୍ୟ, ଔଷଧ ଓ ଯତ୍ନର ଖର୍ଚ୍ଚ ରହୁଥିବାରୁ ଅନେକ ଗୋପାଳକ ଏହାକୁ ଅତିରିକ୍ତ ବୋଝ ଭାବେ ଦେଖୁଥିବା ଅଭିଯୋଗ ହେଉଛି ।ବାଛୁରି ନେବାକୁ ଲୋକଙ୍କ ଆଗ୍ରହ କମିଥିବାରୁ ପରିସ୍ଥିତି ଆହୁରି ଜଟିଳ ହେଉଛି । କେତେକ ସ୍ଥାନରେ ନାମମାତ୍ର ମୂଲ୍ୟରେ ମଧ୍ୟ ବାଛୁରି ନେବାକୁ ଲୋକ ରାଜି ହେଉନଥିବା କୁହାଯାଉଛି। ଫଳରେ କେତେକ ଗୋପାଳକ ବାଛୁରିଙ୍କୁ ଖୋଲାରେ ଛାଡ଼ି ଦେଉଥିବା ଅଭିଯୋଗ ରହିଛି।ଏହି ପଶୁମାନେ ପରବର୍ତ୍ତୀ ସମୟରେ ଗାଁ ଦାଣ୍ଡ, ରାସ୍ତା, ଖେଳପଡ଼ିଆ ଓ ଚାଷଜମିରେ ବୁଲୁଥିବା ଦେଖାଯାଉଛି। ଚାଷୀଙ୍କ ଫସଲକୁ କ୍ଷତି ଖୋଲାରେ ବୁଲୁଥିବା ଗୋରୁଙ୍କ ଯୋଗୁଁ ଚାଷୀମାନେ ମଧ୍ୟ ସମସ୍ୟାରେ ପଡୁଛନ୍ତି।ଧାନବିଲରେ ପଶି ଫସଲ ନଷ୍ଟ କରିବା ସହ ଘର ବାଡ଼ିରେ ଲଗାଯାଇଥିବା ପନିପରିବା ମଧ୍ୟ ନଷ୍ଟ ହେଉଥିବା ଅଭିଯୋଗ ଆସୁଛି । ଦିନରାତି ପରିଶ୍ରମ କରି ଚାଷ କରିଥିବା ଫସଲ ଖୋଲା ପଶୁଙ୍କ ଯୋଗୁଁ ନଷ୍ଟ ହେବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି । ଏପରି ସ୍ଥିତିରେ ସମସ୍ୟାଟି କେବଳ ଗୋପାଳକଙ୍କ ନୁହେଁ। ଗୋଟିଏ ପଟେ ଅଣ୍ଡିରା ବାଛୁରି ଗୋପାଳକଙ୍କ ପାଇଁ ଆର୍ଥିକ ବୋଝ ପାଲଟୁଛି, ଅନ୍ୟପଟେ ସେହି ବାଛୁରି ଖୋଲାରେ ବୁଲି ଅନ୍ୟ ଚାଷୀଙ୍କ ଫସଲ ନଷ୍ଟ କରୁଛି । ଏହା ଏବେ ଗ୍ରାମୀଣ ଅର୍ଥନୀତି ସହ ଜଡ଼ିତ ଏକ ସମସ୍ୟାର ରୂପ ନେଉଛି । ୧୦ ହଜାରରୁ ଅଧିକ ବାଛୁରି ନେଇ ଚର୍ଚ୍ଚା କେନ୍ଦ୍ରାପଡ଼ା ଜିଲ୍ଲାରେ ୧୦ ହଜାରରୁ ଅଧିକ ଜର୍ସି ଅଣ୍ଡିରା ବାଛୁରି ଖୋଲାରେ ବୁଲୁଥିବା ନେଇ ଚର୍ଚ୍ଚା ହେଉଛି ।ତେବେ ଏହି ସଂଖ୍ୟାର ସରକାରୀ ଆଧାର କ'ଣ, ଜିଲ୍ଲାରେ ପ୍ରକୃତରେ କେତେ ଅଣ୍ଡିରା ବାଛୁରି ଅଛନ୍ତି ଏବଂ କେତେ ପଶୁ ଖୋଲାରେ ବୁଲୁଛନ୍ତି ତାହାର ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବା ଆବଶ୍ୟକ ।

## ରାସ୍ତା ଅଭାବରୁ ଶିଶୁର ମୃତ୍ୟୁ ଅଭିଯୋଗ, କେନ୍ଦୁଘାଟରେ ଝାଡ଼ାବାନ୍ତି ଚିନ୍ତା

# ଗାଁରେ ପହଞ୍ଚିଲା ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜର ୫ ଜଣିଆ ଟିମ୍



ନବରଙ୍ଗପୁର,୧୯।୯(ସଂଚାର ବ୍ୟୁରୋ): ରାସ୍ତା ନାହିଁ। ଦୁଇଟି ନାଳ ପାର ହୋଇ କଚା ରାସ୍ତାରେ ଯିବାକୁ ପଡୁଛି। ଗାଁକୁ ଆମ୍ବୁଲାନ୍ସ ଯିବା ମଧ୍ୟ କଷ୍ଟକର। ଏଭଳି ଦୁର୍ଗମ ଯୋଗାଯୋଗ ବ୍ୟବସ୍ଥା ଯୋଗୁଁ ଜରୁରୀ ସମୟରେ ଚିକିତ୍ସା ନପାଇ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲ୍ଲା ତୋରା ପଞ୍ଚାୟତ ଅଧୀନ କେନ୍ଦୁଘାଟ ଗ୍ରାମରେ ଝାଡ଼ାବାନ୍ତି ଓ ଜ୍ୱର ବ୍ୟାପିବା ଘଟଣା ମଧ୍ୟରେ ଏହି ଅଭିଯୋଗ ଚିନ୍ତା ବଢ଼ାଇଛି। ଗତକାଲି ଝାଡ଼ାବାନ୍ତିରେ ୮ ବର୍ଷର ଶିଶୁ ଉଦୟନାଥଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ଗ୍ରାମବାସୀଙ୍କ କହିବାନୁସାରେ, ଅସୁସ୍ଥ ଶିଶୁକୁ ଚିକିତ୍ସାଳୟ ନେବା ସମୟରେ ରାସ୍ତା ସମସ୍ୟା ବାଧା ସୃଷ୍ଟି କରିଥିଲା। ଗାଁକୁ ଯିବା ପାଇଁ ଦୁଇଟି ନାଳ ପାର ହେବା ସହ କଚା ରାସ୍ତାରେ ଯିବାକୁ ପଡୁଥିବାରୁ ଆମ୍ବୁଲାନ୍ସ ଯାତାୟାତ ମଧ୍ୟ ସହଜ ନୁହେଁ। ଏପଟେ ଗ୍ରାମରେ ଝାଡ଼ାବାନ୍ତି ଓ ଜ୍ୱରରେ ଅସୁସ୍ଥ ୧୬ ଜଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିଛି। ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୭ ଜଣ ଚିକିତ୍ସାଧୀନ ଥିବା ବେଳେ ସେମାନଙ୍କ ଅବସ୍ଥା ସ୍ଥିର ରହିଛି। ରୋଗର କାରଣ ଜାଣିବା ପାଇଁ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜର ୫ ଜଣିଆ ଟିମ୍ କେନ୍ଦୁଘାଟରେ ପହଞ୍ଚି ଯାଞ୍ଚ କରିଛନ୍ତି। ଟିମ୍‌ରେ ଡାକ୍ତର ରମେଶ ଚନ୍ଦ୍ର ବିଶାଳ, ଆସିଷ୍ଟାଣ୍ଟ ପ୍ରଫେସର, କମ୍ୟୁନିଟି ମେଡିସିନ; ଡାକ୍ତର ସୌରଭ ମହାନ୍ତି, ଆସିଷ୍ଟାଣ୍ଟ ପ୍ରଫେସର, ମାଇକ୍ରୋବାୟୋଲୋଜି; ଡାକ୍ତର ନିହାରରଞ୍ଜନ ସାହୁ, ଜେନେରାଲ୍ ମେଡିସିନ; ଲକ୍ଷ୍ମୀନାରାୟଣ ନାୟକ, ଆସିଷ୍ଟାଣ୍ଟ ପ୍ରଫେସର, ପିଡିଆଟ୍ରିକ୍ସ ଏବଂ ସୁରୂପ ସାବତ, ଲାବ୍ ଟେକ୍ନିସିଆନ୍ ରହିଛନ୍ତି।



■ ପୋଡ଼ାମରାଇ 'ଗଜାନନ ମହୋତ୍ସବ-୨୦୨୬'ରେ ସାଂସଦ

## ପର୍ବପର୍ବାଣୀ ସମାଜରେ ନୂଆ ସଂସ୍କାର ଶିଖାଏ

କଟକ/ମାହାଙ୍ଗା,୧୯।୯(ସଂଚାର ବ୍ୟୁରୋ): ଗଣେଶ ପୂଜା ଭଳି ଆମର ପର୍ବପର୍ବାଣୀଗୁଡ଼ିକ କେବଳ ଆଲୋକସଜ୍ଜା କିମ୍ବା ନାଚ-ଗୀତରେ ସୀମିତ ନ ରହି ସମାଜକୁ ନୂଆ ସଂସ୍କାର ଶିଖାଇବାର ଏକ ପ୍ରମୁଖ ମାଧ୍ୟମ ହେବା ଉଚିତ୍। ଶନିବାର କଟକ ଜିଲ୍ଲା ମାହାଙ୍ଗା ପୋଡ଼ାମରାଇଠାରେ ଆୟୋଜିତ ପବିତ୍ର 'ଗଜାନନ ମହୋତ୍ସବ-୨୦୨୬'ରେ ଯୋଗଦେଇ କହିଛନ୍ତି ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୋଷଣ ମାସ' ଓ 'ତିଥି ଭୋଜନ' ଆହ୍ୱାନର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଙ୍ଗନବାଡ଼ି ଓ ପ୍ରାଥମିକ ବିଦ୍ୟାଳୟର ଛୋଟ ପିଲାଙ୍କୁ ପୁଷ୍ଟିକର ଫଳ, ପରିବା ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇଦେବା ପାଇଁ ସମାଜ ଦାୟିତ୍ୱ ନେବା ଆବଶ୍ୟକ। ପ୍ରୋସେସ୍ଡ ଓ ପ୍ୟାକେଟ୍ ଫୁଡ୍ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥିବାରୁ ଶିଶୁମାନଙ୍କୁ ସବଳ, ସାହସୀ, ସ୍ୱାଭିମାନୀ, ନିର୍ଭୀକ ଓ ସଂସ୍କାରୀ କରି ଗଢ଼ିତୋଳିବା ପାଇଁ ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ସେ ନିବେଦନ କରିଛନ୍ତି।

ଏହି ଅବସରରେ ପରିବେଶ ସୁରକ୍ଷା ସମ୍ପର୍କରେ ସେ କହିଛନ୍ତି ଯେ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ର ବ୍ୟବହାର କମାଇବା ଓ ସ୍ୱଚ୍ଛତାକୁ ଏକ ସାମାଜିକ ସଂସ୍କାରରେ ପରିଣତ କରିବା ଅତ୍ୟନ୍ତ ଜରୁରୀ। ସବୁ କିଛି କେବଳ ଆଇନ କିମ୍ବା କଟକଣା ଦ୍ୱାରା ନୁହେଁ, ବରଂ ଲୋକଙ୍କ ଆଚରଣ ଓ ଚରିତ୍ରଗତ ପରିବର୍ତ୍ତନ ଦ୍ୱାରା ହିଁ ସମାଜ ପରିବର୍ତ୍ତନ ସମ୍ଭବ। ମାହାଙ୍ଗାକୁ ଏକ ସମୃଦ୍ଧ, ସଂସ୍କୃତିସମ୍ପନ୍ନ ଓ ନେତୃତ୍ୱ ନେଉଥିବା ଅଞ୍ଚଳ ଭାବେ ବର୍ଣ୍ଣନା କରି ଶ୍ରୀ ପ୍ରଧାନ ବିଶ୍ୱାସ ପ୍ରକଟ କରିଛନ୍ତି ଯେ ସମାଜ ପରିବର୍ତ୍ତନ ଏବଂ ଶିଶୁ ସୁରକ୍ଷାର ଏହି ମହତ୍ ପ୍ରୟାସରେ ମାହାଙ୍ଗା ସମଗ୍ର ରାଜ୍ୟ ପାଇଁ ପଥପ୍ରଦର୍ଶକ ସାଜିବ।

# ଉପକୂଳ ସୁରକ୍ଷା ପାଇଁ ଏକଜୁଟ୍ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

### ପରମ୍ପରାର ସମ୍ମାନ ସହ ସୁଦୃଢ଼ ନୀଳ ଅର୍ଥନୀତି ଗଠନ ଲକ୍ଷ୍ୟ



ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ଓଡ଼ିଶାର ସଂସ୍କୃତି, ଜୀବନଶୈଳୀ ଏବଂ ସମୁଦ୍ର ମଧ୍ୟରେ ଥିବା ଆଧ୍ୟାତ୍ମିକ ଓ ଅର୍ଥନୈତିକ ସମ୍ପର୍କକୁ ଦୋହରାଇ ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ଅବସରରେ ରାଜ୍ୟସାରା ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜାତୀୟ ଅଭିଯାନ 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର' ଅଧୀନରେ ଜନ ଭାଗୀଦାରୀ ମାଧ୍ୟମରେ ଉପକୂଳ ସୁରକ୍ଷା, ସାମୁଦ୍ରିକ ପରିସଂସ୍ଥାର ସଂରକ୍ଷଣ ଓ ଏକ ସୁଦୃଢ଼ ନୀଳ ଅର୍ଥନୀତି ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ସୋସିଆଲ ମିଡିଆ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପାଇଁ ଉପକୂଳ କେବଳ ବାଲି ଓ ସମୁଦ୍ରର ଏକ ବିସ୍ତୃତ ଭାଗ ନୁହେଁ; ଏହା ଆମ ଓଡ଼ିଆ ଅସ୍ମିତା ଓ ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ। ପୁରୀର ପବିତ୍ର ବେଳାଭୂମିରୁ ଆରମ୍ଭ କରି ଗୋପାଳପୁର, ଭିତରକନିକାର ହେନ୍ତାଳ ବଣରୁ ଆରମ୍ଭ କରି ଅଲିଭ୍ ରିଡ୍ଲେ କଇଁଛଙ୍କ ଅଣ୍ଡାଦାନ ପର୍ଯ୍ୟନ୍ତ ଆମ ଉପକୂଳ ଯୁଗ ଯୁଗର କାହାଣୀ, ପରମ୍ପରା ଓ ସ୍ମୃତିକୁ ବହନ କରିଆସିଛି।

ତେଣୁ ସମୁଦ୍ର ଆମ ପାଇଁ କେବଳ ଏକ ଜଳରାଶି ନୁହେଁ, ଏହା ଆମର 'ମହୋଦଧି' ଯାହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମିର ମୂକସାକ୍ଷୀ। ଏହା ପ୍ରକୃତି, ଆସ୍ଥା ଓ ଆମ ଜୀବନଶୈଳୀ ସହ ଆମର ଚିରନ୍ତନ ସମ୍ପର୍କକୁ ପ୍ରତିଫଳିତ କରେ। ଉପକୂଳ ସୁରକ୍ଷା ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଉପକୂଳବାସୀଙ୍କ ବିକାଶ। ଶତାବ୍ଦୀ ଶତାବ୍ଦୀ ଧରି ମତ୍ସ୍ୟଜୀବୀ, ନାବିକ, କୃଷକ, ମହିଳା ଓ ଯୁବବର୍ଗ ମହୋଦଧି କୂଳରେ ବାସ କରିଆସୁଛନ୍ତି। ତେଣୁ ଉପକୂଳ ସୁରକ୍ଷାର ମହତ୍ତ୍ୱ ବହୁମୁଖୀ ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଜନ ଭାଗୀଦାରୀ' ଜରିଆରେ ସ୍ୱଚ୍ଛ ଓ ସୁସ୍ଥ ଭାରତ ଗଠନର ଆହ୍ୱାନକୁ ଆଗେଇ ନେଇ କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଓ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର' ଅଭିଯାନ ଚାଲୁ ରହିଛି। ଏହି ଅଭିଯାନରେ ଓଡ଼ିଶାର ହଜାର ହଜାର ଯୁବବର୍ଗ, ନାଗରିକ ଓ ସ୍ଥାନୀୟ ସମୁଦାୟ ସାମିଲ ହୋଇଛନ୍ତି। ଆମ ଉପକୂଳର ସୁରକ୍ଷା କେବଳ ବେଳାଭୂମିକୁ ସଫା ରଖିବା ମଧ୍ୟରେ ସୀମିତ ନୁହେଁ; ଏହା ଜୀବିକାର ସୁରକ୍ଷା, ସାମୁଦ୍ରିକ ପରିସଂସ୍ଥାର ସଂରକ୍ଷଣ ଏବଂ ଆମ ନୀଳ ଅର୍ଥନୀତିର ଭବିଷ୍ୟତ ସହ ଜଡ଼ିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୟୁପିଆଇ ନେଣଦେଣରେ ଏମଡିଆର ଲାଗୁ ନିଷ୍ପତ୍ତିର ପୁନର୍ବିଚାର ଦାବି

ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ଦେଶର ସବୁଠାରୁ ବଡ଼ ପେମେଣ୍ଟ ପ୍ଲାଟଫର୍ମ ୟୁପିଆଇରେ ନେଣଦେଣ ପାଇଁ କେନ୍ଦ୍ର ସରକାର ଆସନ୍ତା ଅକ୍ଟୋବରରୁ ଏମ.ଡି.ଆର ଫ୍ରେମୱାର୍କ ଲାଗୁ କରିବାକୁ ଯାଉଛନ୍ତି। ନୂତନ ବ୍ୟବସ୍ଥା ଅନୁଯାୟୀ ବ୍ୟବସାୟୀମାନେ ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ କାରବାର କ୍ଷେତ୍ରରେ ୦.୪ ପ୍ରତିଶତ ଆକାରରେ ୟୁପିଆଇ ମର୍ଚେଣ୍ଟ ଯଥା- ଫୋନ୍ ପେ, ଗୁଗୁଲ ପେ ଇତ୍ୟାଦି କମ୍ପାନୀଙ୍କୁ ଦେବେ। ବ୍ୟବସାୟୀମାନେ ସେହି ଫି'କୁ ପରୋକ୍ଷଭାବରେ ସାଧାରଣ ଜନତାଙ୍କଠାରୁ ଅସୁଲ କରିବେ। ବର୍ତ୍ତମାନ ଦେଶର ୫୫ କୋଟି ଜନତା ୟୁପିଆଇ କାରବାର ସହ ଜଡିତ ଓ ବର୍ଷକୁ ପ୍ରାୟ ୩୦ ଲକ୍ଷ କୋଟି ଟଙ୍କାର କାରବାର ୟୁପିଆଇ ଆଇ ମାଧ୍ୟମରେ ହେଉଛି। ଏହା ଫଳରେ ଦେଶର କୋଟି କୋଟି ଜନତା ଆର୍ଥିକ କ୍ଷତି ସହିତ ଏ ବିଦେଶୀ କମ୍ପାନୀମାନେ ଲାଭବାନ ହେବେ। ତେଣୁ ସାଧାରଣ ଜନତା, କ୍ଷୁଦ୍ର ବ୍ୟବସାୟୀ, ଅନଲାଇନ ଗାଡି ଚାଳକ ଇତ୍ୟାଦିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ବ୍ୟବସ୍ଥାର ପୁନର୍ବିଚାର କରିବା ପାଇଁ ପୂର୍ବତନ ଅର୍ଥମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଏକ ପ୍ରେସ୍ ବିବୃତିରେ ଅନୁରୋଧ କରିଛନ୍ତି।

■ ଗଣମାଧ୍ୟମ ପ୍ରତିନିଧିଙ୍କୁ କଂଗ୍ରେସ ବିଧାୟକଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

## ଗଣମାଧ୍ୟମ ଆଗରେ କ୍ଷମା ମାଗନ୍ତୁ ତାରାବାବୁ: ପୂର୍ଣ୍ଣିମା



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ନିକଟରେ କୋରାପୁଟରେ ଅନୁଷ୍ଠିତ 'ଦିଶା' ବୈଠକରେ ଜୟପୁରର କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଯେଭଳି ଦୁର୍ବ୍ୟବହାର ପ୍ରଦର୍ଶନ କଲେ ଓ ଧମକ ଦେଲେ, ତାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କହୁଥିବା ବେଳେ ଜଣେ ବିଧାୟକ ହୋଇଥିବା ସତ୍ତ୍ୱେ ସାମ୍ବାଦିକମାନଙ୍କ ପ୍ରତି ତାରାବାବୁଙ୍କ ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ବିଶେଷକରି ସାମ୍ବାଦିକା ଭଉଣୀଙ୍କ ସଙ୍ଗେ ସେ ଯେଉଁଭଳି ଆଚରଣ ପ୍ରଦର୍ଶନ କରିଛନ୍ତି, ତାହା ଅତ୍ୟନ୍ତ ଅଶୋଭନୀୟ। ଜଣେ ମହିଳା ହିସାବରେ ଓ ବିଜେପି ପକ୍ଷରୁ ଏହି ଘଟଣାକୁ ଘୋର ନିନ୍ଦା କରିବା ସହ ଗଣମାଧ୍ୟମ ଆଗରେ ତାରାବାବୁ କ୍ଷମା ମାଗନ୍ତୁ ବୋଲି ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ ଆଜି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କହିଛନ୍ତି।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର, ୧୯।୯ (ସଂଚାର ବ୍ୟୁରୋ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା 'ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର'ରେ ସମ୍ମାନିତ ହୋଇଥିବା ଜଗତସିଂହପୁର ଜିଲ୍ଲା, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିକୁଦା ବ୍ଲକ ନହରଣା ହାଇସ୍କୁଲର ପୂର୍ବତନ ଛାତ୍ର ତଥା ଆଲିପିଙ୍ଗଳ ସରକାରୀ ହାଇସ୍କୁଲର ଶିକ୍ଷକ ପଦରାଜ ଉମାକାନ୍ତ ନାୟକଙ୍କୁ ଜଗତସିଂହପୁରସ୍ଥିତ ତାଙ୍କ ବାସଭବନରେ ସ୍ୱାଗତ ଜଣାଇଛନ୍ତି ବାଲିକୁଦା-ଏରସମାର ବିଜେପି ନେତା ସତ୍ୟ ସାରଥି ମହାନ୍ତି ଓ ଅଞ୍ଚଳର କାର୍ଯ୍ୟକର୍ତ୍ତା ଓ ବରିଷ୍ଠ ନେତୃବୃନ୍ଦ ସାକ୍ଷାତ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ତାଙ୍କର ଏହି ଅସାଧାରଣ ସଫଳତା ଓ ଜାତୀୟସ୍ତରର ସମ୍ମାନ କେବଳ ଆମ ଅଞ୍ଚଳ ପାଇଁ ନୁହେଁ, ବରଂ ସମଗ୍ର ଜଗତସିଂହପୁର ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଓ ଗୌରବର ବିଷୟ। ତାଙ୍କର ନିଷ୍ଠା, ଶିକ୍ଷାଦାନ ପ୍ରତି ଆନ୍ତରିକ ସମର୍ପଣ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ଶୈଳୀ ଆଗାମୀ ପିଢ଼ିର ଛାତ୍ରଛାତ୍ରୀ ଓ ଶିକ୍ଷକସମାଜ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇରହିବ।

## ୨୨ରେ ଆନ୍ଦୋଳନକୁ ଓହ୍ଲାଇବ ୬୬୨ ବର୍ଗ କଲେଜ ସଂଘ

ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ଆସନ୍ତା ସେପ୍ଟେମ୍ବର ୨୨ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବ ୬୬୨ବର୍ଗ କଲେଜ ସଂଘ। ଆଜି ରାଜ୍ୟ କାର୍ଯ୍ୟକାରିଣୀ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ସଂଘର ମୁଖ୍ୟ ଦାବି ଚାକିରି ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ, ଅଧ୍ୟାପକମାନଙ୍କ ପ୍ରମୋସନ ଅଣଶିକ୍ଷା କର୍ମଚାରୀଙ୍କୁ ଏମ.ଏ.ସି.ପି ପ୍ରଦାନ, ବାଦ୍ ପଡ଼ିଥିବା କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା, ଚାକିରିର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ଓ ସମସ୍ତ ମହାବିଦ୍ୟାଳୟକୁ ସରକାରୀକରଣ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହି ଦାବି ବିଷୟରେ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ଦେଇ ସରକାର କର୍ମଚାରୀମାନଙ୍କୁ ଠକି ଚାଲିଛନ୍ତି। ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଉଚ୍ଚଶିକ୍ଷାର ୭୦ ଭାଗ ଦାୟିତ୍ୱ ବହନ କରୁଥିବା କର୍ମଚାରୀମାନେ ଅବସର ପରେ ରିକ୍ତ ହସ୍ତରେ ବିଦାୟ ନେଉଛନ୍ତି। କୌଣସି ଗୋଟିଏ ଟଙ୍କାର ମଧ୍ୟ ଅବସରକାଳିନ ସୁବିଧା ନପାଇ ହାହୁତାଶରେ କାଳାତିପାତ କରୁଛନ୍ତି। ଏହା ବ୍ୟତୀତ କର୍ମଚାରୀମାନେ ୧୦ ବର୍ଷ କାର୍ଯ୍ୟ କଲେ ସେମାନଙ୍କୁ ପ୍ରମୋସନ ଦେବାର ବ୍ୟବସ୍ଥା ଅଛି। କିନ୍ତୁ ସରକାର ଏହାକୁ କାର୍ଯ୍ୟକାରୀ ନକରି ପକାଇ ରଖିଛନ୍ତି। ଅନେକ କର୍ମଚାରୀ ୧୯୬୯ ଆଇନ ଅନୁଯାୟୀ ନିଯୁକ୍ତି ପାଇଥିଲେ ମଧ୍ୟ ସେମାନଙ୍କୁ ଏ ପର୍ଯ୍ୟନ୍ତ ଅନୁଦାନ ପରିସରଭୁକ୍ତ କରାଗଲା ନାହିଁ। ସରକାରୀ କର୍ମଚାରୀଙ୍କ ବୟସ ସୀମା ୫୮ରୁ ୬୦ ବର୍ଷ କୁ ବୃଦ୍ଧି ପାଇଥିବା ବେଳେ ବେସରକାରୀ କଲେଜର କର୍ମଚାରୀଙ୍କ ବୟସ ସୀମା ୬୨କୁ ବୃଦ୍ଧି ହେବା କଥା। ଏସବୁ ଯୁକ୍ତିଯୁକ୍ତ ହୋଇଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି ତାର ରିର୍ପୋଟ ପ୍ରଦାନ କରିଥିଲେ ମଧ୍ୟ ସରକାର ତାହାକୁ କାର୍ଯ୍ୟକାରୀ କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ମାନ୍ୟବର ଉଚ୍ଚନ୍ୟାୟାଳୟ ଓ ଉଚ୍ଚତମ ନ୍ୟାୟାଳୟ ଏସବୁ ଦାବିକୁ ଯୁକ୍ତିଯୁକ୍ତ ଦର୍ଶାଇ ପେନସନ୍ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ପରେ ମଧ୍ୟ ସରକାର ବିଭିନ୍ନ ଆଳ ଦେଖାଇ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବ କରିବାରେ ଲାଗିଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାର ପ୍ରତିବାଦରେ ଆଗାମୀ ବିଧାନସଭା ସମୟ ସେପ୍ଟେମ୍ବର ୨୨ ତାରିଖରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘର ରାଜ୍ୟ ସଭାପତି ଗୋଲକ ନାୟକନଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

● ଭୁବନେଶ୍ୱର ଓ କଟକରେ ଜାତୀୟ ରୋଜଗାର ମେଳା

# ଦେଶରେ ୫୧ ହଜାରଙ୍କୁ ନିଯୁକ୍ତି, ରାଜ୍ୟର ୨୪୦ରୁ ଉର୍ଦ୍ଧ୍ୱ

■ କଟକରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ବାଣ୍ଟିଲେ ନିଯୁକ୍ତିପତ୍ର

■ ଭୁବନେଶ୍ୱରରେ ନିଯୁକ୍ତିପତ୍ର ବାଣ୍ଟିଲେ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ



ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଂଶତମ 'ରୋଜଗାର ମେଳା'ରେ ବିଭିନ୍ନ ସରକାରୀ ସଂସ୍ଥାରେ ନୂତନ ଭାବେ ନିଯୁକ୍ତ ଯୁବକଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି କ୍ରମରେ ଭୁବନେଶ୍ୱର ଏବଂ କଟକରେ ଦୁଇଟି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି।

ଆୟ କର ବିଭାଗ, ଓଡ଼ିଶା ଶାଖା ପକ୍ଷରୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮୦ରୁ ଅଧିକ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି। ଆୟ କର ବିଭାଗ, ଡାକ ବିଭାଗ, ସିଆଇଏସଏଫ ଓ ବିଭିନ୍ନ ସରକାରୀ ବ୍ୟାଙ୍କରେ ଏହି ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିଛି। କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ କହିଛନ୍ତି ଯେ ରୋଜଗାର ମେଳା ଭାରତ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ। ଚଳିତ ଥର ଏହି ମେଳା ଦେଶର ୪୫ଟି ସ୍ଥାନରେ ୫୧ ହଜାର ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିଛି। ସରକାରୀ ସେବାରେ ନୂତନ ନିଯୁକ୍ତି ପ୍ରଦାନ କରିବା ଓ ନବନିଯୁକ୍ତ କର୍ମଚାରୀମାନଙ୍କୁ ଦେଶସେବାରେ ସାମିଲ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ସେ ଆହୁରି କହିଛନ୍ତି ଯେ ନବନିଯୁକ୍ତ ପ୍ରାର୍ଥୀମାନେ ଦାୟିତ୍ୱବାନ ଭାବେ ରାଷ୍ଟ୍ର ଗଠନରେ ସହାୟକ ହେବା ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ଅନୁରୂପ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ହାତରେ ଏକ ବଡ଼ ଦାୟିତ୍ୱ ରହିବ। ଆଜି ମିଳିଥିବା ନିଯୁକ୍ତିକୁ ଏକ ଦାୟିତ୍ୱ ରୂପେ ଗ୍ରହଣ କରିବା ସହ ଭାରତ ସରକାରଙ୍କ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଓ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ଶ୍ରୀ ଓରାମ୍ ଅପିଲ୍ କରିଥିଲେ।

ଅନ୍ୟପକ୍ଷରେ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ଆୟୋଜିତ ରୋଜଗାର ମେଳାରେ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ବିଭିନ୍ନ କେନ୍ଦ୍ରୀୟ ବିଭାଗରେ ମୋଟ ୧୬୧ ଜଣ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ହସ୍ତାନ୍ତର କରିଛନ୍ତି। ରେଳ ବିଭାଗରେ ୩୭, ଏମ୍ସରେ ୪୧, ଡାକ ବିଭାଗରେ ୩୦, ସିଜିଏସଟି ଭୁବନେଶ୍ୱରରେ ୨୨, ଆୟ କର ବିଭାଗରେ ୧୦, ଇଏସଆଇସିରେ ୮ ଜଣଙ୍କୁ ନିଯୁକ୍ତି ମିଳିଛି। ସେହିପରି କେନ୍ଦ୍ରୀୟ ଭୂଜଳ ବୋର୍ଡରେ ୪, ଆର୍ଥିକ ସେବାରେ ୩, ସିଆଇଏସଏଫ ଓ ଶିକ୍ଷା ମନ୍ତ୍ରଣାଳୟରେ ୨ ଜଣ ଲେଖାଏଁ, ସିଜିଡିଏ ଏବଂ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ବିଭାଗରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳା ମରାମତିରେ ୩.୩ କୋଟି ଖର୍ଚ୍ଚ ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀଙ୍କ ବିଳାସପୂର୍ଣ୍ଣ ମାନସିକତାକୁ ପ୍ରଦର୍ଶିତ କରୁଛି: ବିଜେଡି



ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୨ଟି ସରକାରୀ ଘରର ମରାମତି ଓ ଉନ୍ନତିକରଣ ପାଇଁ ୩.୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଖବର ଲୋକଲୋଚନକୁ ଆସିବା ପରେ ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଥିବା ରାଜ୍ୟ ବିଜେପି ସରକାର ମାତ୍ର ୨ ବର୍ଷରେ ୧,୩୮,୦୦୦ କୋଟି ଟଙ୍କା ଋଣ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାର ମରାମତି ଓ ଉନ୍ନତିକରଣରେ ୩.୩ କୋଟି ଟଙ୍କା ଖର୍ଚ୍ଚ ହେବା କେତେଦୂର ଯୁକ୍ତିଯୁକ୍ତ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ଦଳ ପକ୍ଷରୁ ଜାରି ପ୍ରେସ ବିବୃତିରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ କହିଥିଲେ ଯେ ଓଡ଼ିଶା ପରି ଏକ ଗରିବ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦୁଇଟି ଘରର ମରାମତି ଓ ଉନ୍ନତିକରଣ ପାଇଁ ୩.୩ କୋଟି ଟଙ୍କା ଖର୍ଚ୍ଚ ହେବା ଚିନ୍ତାଜନକ ବିଷୟ। ନିଜକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ କହୁଥିବା ବେଳେ ପ୍ରଥମେ ଦୁଇ ଦୁଇଟି ଘର ରଖିବା ଓ ଏହାର ମରାମତି ଓ ଉନ୍ନତିକରଣ ପାଇଁ ରାଜ୍ୟ ରାଜକୋଷରୁ ବିପୁଳ ଟଙ୍କା ବ୍ୟୟ କରାଯିବା ମୁଖ୍ୟମନ୍ତ୍ରୀଙ୍କ ବିଳାସପୂର୍ଣ୍ଣ ମାନସିକତାକୁ ପ୍ରଦର୍ଶିତ କରୁଛି। ସୂଚନା ଅଧିକାର ଆଇନ ବଳରେ କେଉଁ କେଉଁ କାମ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ପ୍ରଶ୍ନର ଉତ୍ତରରେ ଏହି ଉତ୍ତର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବିପନ୍ନ ହେବ ଓ ରାଜ୍ୟର କ୍ଷତି ହେବ ବୋଲି ଅବାନ୍ତର ଯୁକ୍ତି ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ କେଉଁ କାରଣ ପାଇଁ ରାଜ୍ୟ ସରକାର ଏହି ତଥ୍ୟ ଲୁଚାଇବାକୁ ଉଦ୍ୟମ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଡ ମହାନ୍ତି ଆହୁରି କହିଛନ୍ତି ଯେ ଅଢ଼େଇ ବର୍ଷର ବିଜେପି ଶାସନରେ ରାଜ୍ୟର ବିକାଶ ଠପ୍ ହୋଇଥିବା ବେଳେ ରାଜ୍ୟର ଆର୍ଥିକ ସ୍ଥିତି ବିଗିଡ଼ିଛି। ଗତ ୨ ବର୍ଷରେ ରାଜ୍ୟ ସରକାର ୧,୩୮,୦୦୦ କୋଟି ଟଙ୍କା ଋଣ କରିଛନ୍ତି।

■ ୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ନେଣଦେଣ ଉପରେ ୟୁପିଆଇ ଚାର୍ଜ ପ୍ରସଙ୍ଗ

## ସାଧାରଣ ଲୋକ ଓ କ୍ଷୁଦ୍ର ବ୍ୟବସାୟୀ କ୍ଷତିଗ୍ରସ୍ତ ହେବେ



ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ୟୁପିଆଇକୁ ନେଇ କେନ୍ଦ୍ର ସରକାର ଆଣିଥିବା ନୂଆ ନିୟମ ଯୋଗୁଁ ସାଧାରଣ ଜନତା ଓ କ୍ଷୁଦ୍ର ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଥିବା ଅନୁଭବ କରି ବିଜେଡି ରାଜ୍ୟସଭା ସାଂସଦ ଡ ସଂତୃପ୍ତ ମିଶ୍ର ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। କେନ୍ଦ୍ର ସରକାର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୟୁପିଆଇକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରିଆସିଛନ୍ତି। ନାଗରିକ, ବ୍ୟବସାୟୀ ଓ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଦୈନନ୍ଦିନ କାରବାରରେ ଡିଜିଟାଲ୍ ପେମେଣ୍ଟକୁ ପ୍ରାଧାନ୍ୟ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରସ୍ତାବିତ ଏମଡିଆର୍ ବ୍ୟବସ୍ଥା ନୀତିର ଏହି ପରିବର୍ତ୍ତନ ଅନେକ ପ୍ରଶ୍ନ ଉଠାଉଛି। ଡ ମିଶ୍ର କହିଥିଲେ ଯେ ୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ନେଣଦେଣ ଉପରେ କେନ୍ଦ୍ର ସରକାର ଯେଉଁ ଶୁଳ୍କ ଲାଗୁ କରିଛନ୍ତି, ଏହାଦ୍ୱାରା ସାଧାରଣ ଜନତା, ସୀମିତ ଲାଭରେ କାରବାର କରୁଥିବା କ୍ଷୁଦ୍ର ବ୍ୟବସାୟୀ ଓ ବ୍ୟାବସାୟିକ ପ୍ରତିଷ୍ଠାନ ଉପରେ ଏହାର ପ୍ରଭାବ ପଡ଼ିବ। ସରକାର ପୂର୍ବରୁ ୟୁପିଆଇକୁ ଏକ ସ୍ୱଳ୍ପ ଖର୍ଚ୍ଚ ଓ ସହଜରେ ଉପଲବ୍ଧ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ଭାବେ ପ୍ରୋତ୍ସାହିତ କରିଆସିଛନ୍ତି। କିନ୍ତୁ ଏବେ ୟୁପିଆଇକୁ ନେଇ ଯେଉଁ ପରିବର୍ତ୍ତନ କରାଯାଇଛି, ତା'ର ପରିଣାମ ବିଷୟରେ ଆକଳନ କରାଯିବା ଆବଶ୍ୟକ। ସରକାର କହୁଛନ୍ତି ଯେ ଏହି ନୂଆ ନିୟମରେ ସିଧାସଳଖ ଭାବେ ଗ୍ରାହକଙ୍କଠାରୁ ଶୁଳ୍କ ଆଦାୟ କରାଯିବ ନାହିଁ। କିନ୍ତୁ କ୍ଷୁଦ୍ର ବ୍ୟବସାୟୀ ଓ ବ୍ୟବସାୟୀମାନେ ପ୍ରାୟତଃ ସୀମିତ ଲାଭ ମାର୍ଜିନରେ କାରବାର କରନ୍ତି, ତେଣୁ ଡିଜିଟାଲ୍ କାରବାର ସହ ଜଡ଼ିତ ଯେକୌଣସି ଅତିରିକ୍ତ ଖର୍ଚ୍ଚ ସେମାନଙ୍କ ବ୍ୟାବସାୟିକ ଅର୍ଥନୀତି ଉପରେ ପ୍ରଭାବ ପକାଇବାର ଆଶଙ୍କା ରହିଛି। ବ୍ୟବସାୟୀମାନେ ଯେପରି ପରୋକ୍ଷ ଭାବେ ଏହି ଅତିରିକ୍ତ ଖର୍ଚ୍ଚକୁ ଅଧିକ ମୂଲ୍ୟ କିମ୍ବା ଅନ୍ୟାନ୍ୟ ଶୁଳ୍କ ଆକାରରେ ଗ୍ରାହକଙ୍କ ଉପରେ ଲଦିବାକୁ ବାଧ୍ୟ ନ ହୁଅନ୍ତି, ସେଥିପାଇଁ ସରକାର କେଉଁ ବ୍ୟବସ୍ଥା କରିବେ ତାହା ସ୍ପଷ୍ଟ କରିବା ଆବଶ୍ୟକ।

## ଜେଲ ପରିସରରେ ଶ୍ରୀ ଗୁରୁ ଭାଗବତ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ) : ବିଶ୍ୱ ପ୍ରସିଦ୍ଧ ଧର୍ମୀୟ କାବ୍ୟ ସାହିତ୍ୟ, ଯୁଗାନ୍ତକାରୀ,ନର ଚେତନା କୁ ଉଦବୃଦ୍ଧ ତଥା ଉତ୍ତରଣ କରୁଥିବା, ଓଡ଼ିଆ ସମେତ ୨୫ ଟି ଆଞ୍ଚଳିକ ଭାଷା ରେ ଅନୁବାଦିତ ଓ ପ୍ରକାଶିତ ହୋଇଥିବା ଶ୍ରୀ ଗୁରୁ ଭାଗବତ ଗ୍ରନ୍ଥ ଯାହାକୁ ପୂଜ୍ୟ ଗୁରୁଜୀ ଡ଼ ଚନ୍ଦ୍ରଭାନୁ ଶତପଥି ରଚନା କରିଛନ୍ତି, ତାଙ୍କ ଆଶୀର୍ବାଦ ଓ ପ୍ରେରଣାରୁ କାରାଗାର ମହାନିର୍ଦ୍ଦେଶକଙ୍କ ଅନୁମତି ଦ୍ୱାରା, ଓଡ଼ିଶାର ତିନିଟି ବଡ ଜେଲ ପରିସର ରେ ଶ୍ରୀ ଗୁରୁ ଭାଗବତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିପାଇଁ ଗତ ଜୁଲାଇ ୧୨ରେ ଝାରପଡା ଜେଲ ସୁପରିଣ୍ଟେଣ୍ଡେଣ୍ଟ ସର୍ବେଶ୍ୱର ସାହୁ, ଜୁଲାଇ ୧୪ରେ ଚୌଦ୍ୱାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳ ଓ ୧୮ରେ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ ଜାମୁଝରିର ସୁପରିଣ୍ଟେଣ୍ଡେଣ୍ଟ ସ୍ମିତା ମହାନ୍ତିଙ୍କ ସାହାଯ୍ୟ ସହଯୋଗ ପ୍ରଶଂସାଯୋଗ୍ୟ। କାର୍ଯ୍ୟକ୍ରମରେ ଶ୍ରୀ ଗୁରୁ ଭାଗବତରେ ଥିବା ଗୁରୁ ତତ୍ତ୍ୱ ଓ ତାହା କିପରି ଭାବେ ଜଣେ ନିଜ କର୍ମ, ଧର୍ମ, ବିଚାର ଦ୍ୱାରା ଅନୁଭବ ଓ ଅନୁକରଣ କରି ମନୁଷ୍ୟ ଜନ୍ମର ସାର୍ଥକତା ପାଇପାରିବବ ସେ ସମ୍ପର୍କରେ ବୁଝାଯାଇଥିଲା। ଶ୍ରୀ ଗୁରୁଭାଗବତ ଏକ ବିଦେହୀ ଗୁରୁ ଭାବେ କିପରି ମନୁଷ୍ୟ ର ଆତ୍ମା ଓ ମନ କୁ ସଂଚାଳିତ କରି ମୁକ୍ତିର ମାର୍ଗକୁ ପରିଷ୍କାର କରେ, ତାହାର ଉଦାହରଣ ଉପସ୍ଥାପିତ ହୋଇଥିଲା। ଗୁରୁ ପୂଜାର ମହତ୍ତ୍ୱ, ଶ୍ରେଷ୍ଠତ୍ୱ ସହ ନିଜ କର୍ମର ପ୍ରାୟଶ୍ଚିତ୍ତ ଓ ପାଶ୍ଚାତାପ କିପରି କରାଯାଇପାରିବ ଓ ଏଥିରେ ସଦଗୁରୁଙ୍କ ଭୂମିକା କିପରି ରହିଥାଏ, ତାହା ମଧ୍ୟ ଆଲୋଚିତ ହୋଇଥିଲା। କିପରି ଭାବେ, ମନ ମଧ୍ୟରୁ ଅତୀତର ସ୍ମୃତିକୁ ପୋଛି, ମନକୁ ଦିବ୍ୟ, ଶୁଦ୍ଧ କରି ଗୁରୁଙ୍କ କୃପା ପାଇବାକୁ ନିଜକୁ ଯୋଗ୍ୟ କରିବାକୁ ହୁଏ, ତାହା ମଧ୍ୟ ଆଲୋଚିତ ହୋଇଥିଲା. ନିଜର ଆତ୍ମଶକ୍ତି ଦ୍ୱାରା ନିଜେ କିପରି ଶାନ୍ତିରେ ବଂଚିପାରିବ, ତାହା ମଧ୍ୟ ଆଲୋଚନା କରାଯାଇଥିଲା.ଏଥିରେ ତିନିଟି ଜେଲ ର ଅନ୍ତେବାସୀ ମାନଙ୍କ ଯୋଗଦାନ, ଭାବ ର ଆଦାନପ୍ରଦାନ ସହ ସେମାନଙ୍କ ସହ ଗୁରୁତତ୍ତ୍ୱ ଜନିତ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ ଥିଲା।

# ଦିଲ୍ଲୀ-ପଞ୍ଜାବରେ ଛାତ୍ର ସଂସଦ ନିର୍ବାଚନ, ଓଡ଼ିଶାରେ କେବେ ?



ଭୁବନେଶ୍ୱର,୧୯।୯: ଦେଶର କେତେକ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ନିର୍ବାଚନ ପ୍ରଚାର ପାଇଁ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକର ପରିବେଶ ସରଗରମ ରହିଛି। କିନ୍ତୁ ପ୍ରାୟ ୮ ବର୍ଷ ଧରି ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ହେଉ ନ ଥିବା ବେଳେ ଏଯାବତ୍ ନିର୍ବାଚନୀ କାର୍ଯ୍ୟସୂଚୀ ପ୍ରକାଶ ପାଇନାହିଁ। ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ, ସେଥିନେଇ ମଧ୍ୟ କେହି ସ୍ପଷ୍ଟ ଭାବେ ସୂଚନା ଦେଇପାରୁନାହାନ୍ତି।

ଇତି ମଧ୍ୟରେ ପଞ୍ଜାବରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ଅଗ୍ରଣୀ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ସରିଛି। ପଞ୍ଜାବରେ ଆପ୍ ସରକାର ଥିବା ବେଳେ ଦିଲ୍ଲୀରେ ବିଜେପି ସରକାର ରହିଛି। କ୍ଷମତାସୀନ ଦଳ ସମର୍ଥିତ ଛାତ୍ର ସଂଗଠନ ନିର୍ବାଚନରେ ଜିତୁ କି ହାରୁ, ତାହାର ହିସାବ ନିକାଶ ନ କରି ସେଠାକାର ସରକାରମାନେ ଛାତ୍ର ସଂସଦ ନିର୍ବାଚନ କରାଉଛନ୍ତି। କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲଙ୍ଗାନା ଆଦି ରାଜ୍ୟରେ ବି ଛାତ୍ର ସଂସଦ ନିର୍ବାଚନ ହେଉଛି।

ବିଜେଡି ସରକାର ସମୟରେ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନକୁ ଆଇନ୍ଶୃଙ୍ଖଳା ପରିସ୍ଥିତି ଓ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ଆଳରେ ବନ୍ଦ ରଖାଯାଇଥିଲା। ପରେ ପରେ କରୋନା ଯୋଗୁଁ ଛାତ୍ର ସଂସଦ ନିର୍ବାଚନ କରାଯାଇ ନ ଥିଲା। କରୋନାର କୋପ ପ୍ରଶମିତ ହେବା ପରେ ବି ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ନିର୍ବାଚନ ବନ୍ଦ ରଖାଯାଇଥିଲା। ଅଥଚ ଦେଶର ବହୁ ରାଜ୍ୟରେ କରୋନା ପୂର୍ବରୁ ଓ ପରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। ସେତେବେଳେ ଏବିଭିପି, ଡିଏସ୍ଓ, ଛାତ୍ର କଂଗ୍ରେସ, ଏସ୍ଏଫ୍ଆଇ, ଏଆଇଏସ୍ଏଫ୍ ସମେତ ବିଭିନ୍ନ ଛାତ୍ର ସଂଗଠନ ଏହାର କଟୁ ସମାଲୋଚନା କରିଥିଲେ। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବି ଛାତ୍ର ସଂସଦ ନିର୍ବାଚନ ପାଇଁ ଲଗାତାର ଦାବି ହେଉଥିଲା। ଏସବୁ ସତ୍ତ୍ୱେ ବିଜେଡି ସରକାର ଛାତ୍ର ସଂସଦ ନିର୍ବାଚନକୁ ଅଗ୍ରାହ୍ୟ କରିଥିବା ବେଳେ ଶାସନ କ୍ଷମତାକୁ ଆସିଲେ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି ବିଜେପି ନେତାମାନେ ବାରମ୍ବାର ଘୋଷଣା କରିଆସୁଥିଲେ।

୨୦୨୪ରେ ଓଡ଼ିଶାର ବିଜେପି ସରକାର ଗଢ଼ାଯିବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା କରିବା ପରେ ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କିନ୍ତୁ ନିର୍ବାଚନ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ଆଳରେ ପରବର୍ଷ ନିର୍ବାଚନ କରାଯିବ ବୋଲି କହିଥିଲେ। ୨୦୨୫ରେ ବି ଛାତ୍ର ସଂସଦ ନିର୍ବାଚନକୁ ସରକାର ଏଡ଼ାଇଯାଇଥିଲେ। ୨୦୨୬-୨୭ର କ୍ୟାଲେଣ୍ଡରରେ ଉଚ୍ଚଶିକ୍ଷା ବିଭାଗ ଛାତ୍ର ସଂସଦ ନିର୍ବାଚନ ପାଇଁ କୌଣସି ତାରିଖ ରଖିନାହାନ୍ତି। ତେବେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଆସୁଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ ଠିକଣା ସମୟରେ ରାଜ୍ୟ ସରକାର ଠିକଣା ନିଷ୍ପତ୍ତି ନେବେ।

ଏଠାରେ ଉଲ୍ଲେଖନୀୟ ଯେ ଛାତ୍ର ସଂସଦ ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ଲିଙ୍ଗ୍ଡୋ କମିଶନ ଅନେକଗୁଡ଼ିଏ ଉପାଦେୟ ସୁପାରିସ କରିଥିଲେ। ଏହି ଆଧାରରେ କିଛିବର୍ଷ ଧରି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହେଉଥିଲା। ବିଶେଷକରି ଏହି ନିର୍ବାଚନକୁ ବାହୁବଳ ଓ ଅର୍ଥ ବଳରୁ ଦୂରରେ ରଖିବା ପାଇଁ ଲିଙ୍ଗ୍ଡୋ କମିଶନ ସୁପାରିସ ବେଶ୍ ଉପାଦେୟ ହେଉଥିଲା। ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ପାଇଁ ନାକ୍ ମାନ୍ୟତା ପ୍ରଦାନ ଲାଗି ଆସୁଥିବା କମିଟି ଅନେକ ସମୟରେ ଛାତ୍ର ସଂସଦ ନିର୍ବାଚନ କରା ନ ଯିବାକୁ ନାପସନ୍ଦ କରିଆସୁଛନ୍ତି। ଏଥିପାଇଁ ଅନେକ ଶିକ୍ଷାନୁଷ୍ଠାନର ନାକ୍ ରେଟିଂ କମ୍ ରହୁଥିବାରୁ ଅପେକ୍ଷାକୃତ ଭାବେ କେନ୍ଦ୍ରୀୟ ଅନୁଦାନ ବି କମୁଛି। ବିଜେପି, କଂଗ୍ରେସ, ବିଜେଡି ଓ ବାମପନ୍ଥୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ବହୁ ନେତା ଛାତ୍ର ସଂସଦ ନିର୍ବାଚନ ପୃଷ୍ଠଭୂମିରେ ତିଆରି ହୋଇଥିବା ପରିପ୍ରେକ୍ଷୀରେ ସେମାନେ ବି ଏହି ପ୍ରସଙ୍ଗକୁ ଏବେ ସେତେଟା ଗୁରୁତ୍ୱ ଦେଉନାହାନ୍ତି।(ତଥ୍ୟ)

# ଅପମିଶ୍ରଣ: ଏକ ନୀରବ ଆକ୍ରମଣ

ଆଜିର ଭାରତରେ ଖାଦ୍ୟ, ମନ୍ଦିର ପ୍ରସାଦ ଏବଂ ଔଷଧରେ ମିଶ୍ରଣ ବା ଅଡଲ୍ଟରେସନ୍ ଏକ ଗମ୍ଭୀର ଜାତୀୟ ସମସ୍ୟା ରୂପ ନେଇଛି। ଏହା କେବଳ ସ୍ୱାସ୍ଥ୍ୟକୁ ନଷ୍ଟ କରୁନାହିଁ, ବରଂ ଧର୍ମ, ବିଶ୍ୱାସ ଓ ସାମାଜିକ ବିଶ୍ୱାସକୁ ମଧ ଧ୍ୱଂସ କରୁଛି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଏହି ମିଶ୍ରିତ ଖାଦ୍ୟ ଓ ଔଷଧ ଗ୍ରହଣ କରୁଛନ୍ତି, ଯାହା ଧୀରେ ଧୀରେ ସେମାନଙ୍କ ଶରୀରକୁ ବିଷାକ୍ତ କରୁଛି। ଏହି ସମସ୍ୟା ଏତେ ବ୍ୟାପକ ଯେ ଏହାକୁ ଏକ ନୀରବ ଆକ୍ରମଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଖାଦ୍ୟ କ୍ଷେତ୍ରରେ ମିଶ୍ରଣ ସବୁଠାରୁ ଅଧିକ ଦେଖାଯାଏ। ଦୁଧରେ ପାଣି, ଡିଟର୍ଜେଣ୍ଟ ଓ ୟୁରିଆ; ମସଲାରେ ରଙ୍ଗ ଓ ରାସାୟନିକ ପଦାର୍ଥ; ତେଲରେ ଅନ୍ୟ ତେଲର ମିଶ୍ରଣ; ଏବଂ ମିଠାରେ କୃତ୍ରିମ ରଙ୍ଗ ଓ ସ୍ୱେଟନର୍ — ଏସବୁ ଆମ ରୋଜକାର ଜୀବନର ଅଂଶ ହୋଇଯାଇଛି। ବଜାରରେ ସସ୍ତା ଖାଦ୍ୟ ପାଇବା ପାଇଁ ଲୋକେ ଆକର୍ଷିତ ହୁଅନ୍ତି, କିନ୍ତୁ ସେହି ସସ୍ତା ଖାଦ୍ୟ ପଛରେ ଲୁଚି ରହିଛି ବିଷ। ଫଳସ୍ୱରୂପ ପିଲାମାନେ କୁପୋଷଣର ଶିକାର ହେଉଛନ୍ତି, ବୟସ୍କମାନେ କିଡନି ଓ ଯକୃତ ରୋଗରେ ପୀଡ଼ିତ ହେଉଛନ୍ତି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଋଃଝଝଇଓ) ନିୟମିତ ଭାବେ ଅନେକ ନମୁନା ଅଯୋଗ୍ୟ ବୋଲି ଘୋଷଣା କରୁଛି, ତଥାପି ବଜାରରେ ଏହି ମିଶ୍ରିତ ଉତ୍ପାଦ ସହଜରେ ମିଳୁଛି। ଲାଭର ଲୋଭ ଏତେ ବଡ଼ ଯେ ବ୍ୟବସାୟୀମାନେ ମାନବ ଜୀବନକୁ ବିପଦରେ ପକାଇ ମଧ ପଛକୁ ଫେରୁନାହାନ୍ତି।



ଆହୁରି ଗମ୍ଭୀର କଥା ହେଉଛି ମନ୍ଦିର ପ୍ରସାଦର ମିଶ୍ରଣ। ମନ୍ଦିର ହେଉଛି ବିଶ୍ୱାସର ସ୍ଥାନ। ଭକ୍ତମାନେ ଈଶ୍ୱରଙ୍କ ନାମରେ ପ୍ରସାଦ ଗ୍ରହଣ କରନ୍ତି ଏବଂ ତାକୁ ପବିତ୍ର ମନେ କରନ୍ତି। କିନ୍ତୁ ବିଭିନ୍ନ ସ୍ଥାନରେ ପ୍ରସାଦରେ ମଧ ମିଶ୍ରଣ ଦେଖାଯାଉଛି। କେତେକ ମନ୍ଦିରରେ ଲଡ୍ଡୁ, ପେଡା କିମ୍ବା ଅନ୍ୟ ମିଠାରେ କୃତ୍ରିମ ରଙ୍ଗ, ଖରାପ ଗୁଣବତ୍ତାର ତେଲ କିମ୍ବା ଅନ୍ୟ ରାସାୟନିକ ପଦାର୍ଥ ମିଶାଯାଉଛି। କିଛି ଘଟଣାରେ ପ୍ରସାଦ ବିତରଣ ପୂର୍ବରୁ ଯଥେଷ୍ଟ ପରୀକ୍ଷା ନ ହେବା ଯୋଗୁଁ ଭକ୍ତମାନେ ଅସୁସ୍ଥ ହୋଇଛନ୍ତି। ଏହା କେବଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ; ଏହା ଧର୍ମ ପ୍ରତି ବିଶ୍ୱାସକୁ ଆଘାତ ଦେଉଛି। ଯେଉଁ ପ୍ରସାଦ ଈଶ୍ୱରଙ୍କ ଆଶୀର୍ବାଦ ବୋଲି ବିବେଚିତ ହୁଏ, ସେଥିରେ ବିଷ ମିଶିବା ଏକ ଗମ୍ଭୀର ଅପରାଧ। ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନକୁ ଏହି ବିଷୟରେ ଅଧିକ ସତର୍କ ହେବାକୁ ପଡ଼ିବ।

ଔଷଧ କ୍ଷେତ୍ରରେ ମିଶ୍ରଣ ସବୁଠାରୁ ବିପଜ୍ଜନକ। ନକଲି କିମ୍ବା ନିମ୍ନ ଗୁଣବତ୍ତାର ଔଷଧ ବଜାରରେ ବ୍ୟାପକ ଭାବେ ଉପଲବ୍ଧ। ବିଶେଷକରି ଗ୍ରାମାଞ୍ଚଳ ଓ ଶସ୍ତା ମେଡିକାଲ୍ ଷ୍ଟୋର୍‌ରେ ଏହି ସମସ୍ୟା ଅଧିକ। କିଛି ଔଷଧରେ ସକ୍ରିୟ ଉପାଦାନ କମ ଥାଏ, କିଛିରେ ସମ୍ପୂର୍ଣ୍ଣ ଭିନ୍ନ ପଦାର୍ଥ ଥାଏ। ଫଳସ୍ୱରୂପ ରୋଗୀମାନେ ସଠିକ୍ ଚିକିତ୍ସା ପାଆନ୍ତି ନାହିଁ ଏବଂ ରୋଗ ଆହୁରି ବଢ଼ିଯାଏ। କେତେକ କ୍ଷେତ୍ରରେ ଏହା ମୃତ୍ୟୁ ପର୍ଯ୍ୟନ୍ତ ଘଟାଇଛି। ଔଷଧ ନିୟନ୍ତ୍ରଣ ପ୍ରାଧିକରଣ ନିୟମିତ ରେଡ୍ କରୁଛି, ତଥାପି ନକଲି ଔଷଧର ବ୍ୟବସାୟ ବନ୍ଦ ହୋଇନାହିଁ। ଲାଭର ଲାଳସା ଏତେ ଶକ୍ତିଶାଳୀ ଯେ ମାନବ ଜୀବନର ମୂଲ୍ୟ ତା' ସାମ୍ନାରେ କିଛି ନୁହେଁ।

ଏହି ସମସ୍ୟାର ମୂଳରେ ରହିଛି ଦୁର୍ବଳ ନିୟମ ପ୍ରୟୋଗ, ଲାଭଲୋଭ ଏବଂ ସାଧାରଣ ଲୋକଙ୍କ ଅଜ୍ଞତା। ବହୁ ଲୋକ ସସ୍ତା ଉତ୍ପାଦ କିଣନ୍ତି କାରଣ ସେମାନେ ଜାଣନ୍ତି ନାହିଁ ଯେ ସେଥିରେ କ'ଣ ମିଶିଛି। ସରକାରୀ ବିଭାଗ ମଧ କେତେକ ସ୍ଥାନରେ ଯଥେଷ୍ଟ ସକ୍ରିୟ ନୁହଁନ୍ତି। ତଥାପି ଆଶାର କିଛି ଦିଗ ଅଛି। ଋଃଝଝଇଓ ଓ ଔଷଧ ନିୟନ୍ତ୍ରଣ ବିଭାଗ ଅଧିକ କଠୋର ହେବା ଆବଶ୍ୟକ। ମନ୍ଦିର ପ୍ରଶାସନକୁ ପ୍ରସାଦ ପ୍ରସ୍ତୁତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ପଡ଼ିବ। ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ବ୍ୟାପକ ଅଭିଯାନ ଚଳାଇବା ଦରକାର। ଏହି ମିଶ୍ରଣ ବିରୋଧରେ ଲଢ଼ିବା ଆମ ସମସ୍ତଙ୍କ ଦାୟିତ୍ୱ। ସରକାର, ବ୍ୟବସାୟୀ, ମନ୍ଦିର ପରିଚାଳନା କମିଟି ଏବଂ ସାଧାରଣ ନାଗରିକ — ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବା ଉଚିତ। ଯଦି ଆମେ ଆଜି ସତର୍କ ନ ହେବୁ, ତେବେ ଆସନ୍ତା ପିଢ଼ି ଏହି ବିଷାକ୍ତ ଖାଦ୍ୟ ଓ ଔଷଧର ଶିକାର ହେବ। ସ୍ୱାସ୍ଥ୍ୟ, ଧର୍ମ ଓ ବିଶ୍ୱାସକୁ ରକ୍ଷା କରିବା ପାଇଁ ଏବେ ହିଁ କଠୋର ପଦକ୍ଷେପ ନେବା ଆବଶ୍ୟକ। ନଚେତ୍ ଏହି ନୀରବ ଆକ୍ରମଣ ଆମ ସମାଜକୁ ଧ୍ୱଂସ କରିଦେବ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ରବିବାର ୨୦ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Sunday 20 September 2026, Bhubaneswar



# ଆପଣାର ଭାବ, ଜୀବନ ଧର୍ମ

ଦେବଦ୍ୟୁତି ସ୍ୱାଇଁ

ଆତ୍ମା ମନୁଷ୍ୟ ସ୍ୱଭାବତଃ ଆନନ୍ଦମୟ ଏବଂ ସହଜାତ ଦିବ୍ୟତ୍ୱ ହେଉଛି ତାର ଅସ୍ତିତ୍ୱର ମୂଳାଧାର। ମନୁଷ୍ୟ ସ୍ୱଭାବତଃ ଦିବ୍ୟ ହୋଇଥିବା ସତ୍ତ୍ୱେ ତାର ନିଜର ପାଶବିକ ପ୍ରବୃତ୍ତି ହେତୁ ତା' ଉପରେ ଅଜ୍ଞାତର ଆବରଣ ପଡ଼ିଯାଇଥିବା ହେତୁ, ନିଜର ଦିବ୍ୟତ୍ୱ ବିଷୟରେ ତାର ଜ୍ଞାନ ହିଁ ନାହିଁ। ଅଜ୍ଞାନ ହେତୁ ହିଁ ମନୁଷ୍ୟ ତାର ଦେହ, ତାର ମନ, ତାର ପ୍ରାଣ ଓ ଇନ୍ଦ୍ରିୟ ତା'ଠାରୁ ଅଭିନ୍ନ ବୋଲି ଭାବୁଛି। ସେ ଯଦି ଏହି ଅଳିକ ଭାବନାକୁ ଅତିକ୍ରମ କରିଯିବ, ତେବେ ସେ ହୋଇଯିବ ବ୍ରହ୍ମଙ୍କ ଠାରୁ ଅଭିନ୍ନ, ଶୁଦ୍ଧାନନ୍ଦମୟ ପରମାତ୍ମାଙ୍କ ଠାରୁ ମଧ୍ୟ ଅଭିନ୍ନ। ଅବତାର ପୁରୁଷ କୌଣସି କର୍ମ ବନ୍ଧନ ଦ୍ୱାରା ଆବଦ୍ଧ ନୁହନ୍ତି। ଯୋଗୀ ଏବଂ ସାଧକଙ୍କ ଅଭିଳାଷ ପୂରଣ କରିବାପାଇଁ ନିରାକାର ଭଗବାନ ସାକାର ହୋଇ ମନୁଷ୍ୟ ରୂପରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି। ତାଙ୍କର ଜୀବନ ପ୍ରେମପୂର୍ଣ୍ଣ ଏବଂ ସେ ସମସ୍ତ ଦିବ୍ୟଗୁଣରେ ଦିବ୍ୟାୟିତ ହୋଇଥାନ୍ତି। ଯେଉଁ ସାଧକମାନେ ସାରା ଜୀବନ ଧର୍ମ ପଥରେ ଦୃଢ଼ ରହି ଅସତ କାର୍ଯ୍ୟରୁ ଦୂରରେ ଥାନ୍ତି, ସେମାନଙ୍କୁ ଆନନ୍ଦ ଓ ଶାନ୍ତି ପ୍ରଦାନ କରିବାକୁ ଅବତାର ପୁରୁଷମାନେ ଜନ୍ମ ନିଅନ୍ତି।

ଆମ୍ଭମାନଙ୍କର ଜାଣିବା ଭିତରେ ଯେତେ ଧର୍ମ ଓ ବିଭିନ୍ନ ବିଶ୍ୱାସ ମାର୍ଗ ଅଛି ସେ ସମସ୍ତ ପରସ୍ପରର ଆପଣାର ଭାବି ସେମାନଙ୍କୁ ସ୍ୱାଗତ କରିବା ଓ ବିଶ୍ୱାସ ରଖିବା ହିଁ ଜୀବନ ଧର୍ମ। ଯେତେ ଧର୍ମ, ପଥ ବା ତତ୍ତ୍ୱ ରହିଛି ସେଗୁଡ଼ିକ ଆମ ମାନଙ୍କୁ ପବିତ୍ର ମାର୍ଗ ଦେଖାଇବାକୁ ଉଦ୍ଦିଷ୍ଟ। ସତକର୍ମ ଦ୍ୱାରା ମନକୁ ନିର୍ମଳ ରଖି ସେହି ଏକମାତ୍ର ଆଲୋକ ପାଇଁ ବ୍ୟାକୁଳିତ ହେବା। ବେଦାନ୍ତ ଅନ୍ତର୍ଗତ ସନାତନ ଧର୍ମ ସବୁ ଧର୍ମାବଲମ୍ବୀ ମାନଙ୍କ ପରିପୋଷକ। ସେହି ଧର୍ମ ଭଗବାନଙ୍କ ନିକଟରେ ପହଞ୍ଚିବାର ସବୁ ରାସ୍ତା ଗୁଡ଼ିକ ବିଷୟ ଜାଣେ। କେଉଁ ଲୋକପାଇଁ ତାହାର ଯୋଗ୍ୟତା ଏବଂ କ୍ଷମତା ଅନୁସାରେ କେଉଁ ରାସ୍ତାଟି ଉପଯୋଗୀ ତାହା ନିଶ୍ଚିତ ହୋଇଛି। ଯଦି ବିଭିନ୍ନ ମତାବଲମ୍ବୀମାନଙ୍କ ମଧ୍ୟରେ କିଛି ମନାନ୍ତର ଥାଏ, ତାହା ସେମାନଙ୍କ ପାରିବାରିକ ଅବୁଝାବଣା। ପୈତୃକ ସମ୍ପତ୍ତି ଏକ ଏବଂ ଆମେ ସମସ୍ତେ ତହିଁର ଭାଗୀଦାର ହୋଇଥାଉ। ଏହିଠି ହିଁ ଆମେ ସଂସାରର ମାୟାଚକ୍ରରେ ପଡ଼ି ଯାଇ ଏକ ପ୍ରକାର ଉବୁଟୁବୁ ହେଉଥାଉ।

ରାମ ଓ କୃଷ୍ଣ ଅବତାରରେ ଭଗବାନ ଧର୍ମ ପଥରେ କଣ୍ଟକ ସ୍ୱରୂପ ଦୁଷ୍ଟ ପ୍ରକୃତିର ଏକ ବା ଏକାଧିକ ଲୋକଙ୍କୁ ନିପାତ କରି ଧର୍ମ ସଂସ୍ଥାପନ କରିଥିଲେ। ଏ ଯୁଗରେ ପୁରା ସାଧୁ ପ୍ରକୃତିର ଲୋକ କେହି ନଥିବାରୁ ଭଗବାନ କାହାର ସଂରକ୍ଷଣ କରିବେ? ପ୍ରତ୍ୟେକଙ୍କ ଠାରେ କିଛି ନା କିଛି ଦୁଷ୍ପ୍ରବୃତ୍ତି ଥିବାରୁ ଅବତାରୀ ନିଧନ କରିବାକୁ ବସିଲେ କିଏ ବର୍ତ୍ତି ପାରିବ? ତେଣୁ ସତ୍ୟସାଇ ବାବା କହନ୍ତି 'ସେ ବୁଦ୍ଧିର ସଂଶୋଧନ କରିବାକୁ ଜନ୍ମ ନେଇଛନ୍ତି। ସେ ବନ୍ଧୁ ଭଳି ଉପଦେଶ, ଭର୍ତ୍ସନା, ସାହାଯ୍ୟ, ଆଦେଶ ମାଧ୍ୟମରେ ପାଖରେ ଠିଆ ହୋଇ ବାଟ ଦେଖାଉଛନ୍ତି, ଯାହା ମାନବ ମଧ୍ୟରୁ ମନ୍ଦଗୁଣ ଗୁଡ଼ିକ ବହିଷ୍କାର କରିବାରେ ସାହାଯ୍ୟ କରିବ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସାହାଯ୍ୟ କରିବ। ସଦାଚାରପୂର୍ଣ୍ଣ ଜୀବନ ଦ୍ୱାରା ଆଧ୍ୟାତ୍ମିକ ପ୍ରଗତିକୁ ଆଗେଇ ନେବା ସହ ସବୁବେଳେ ନିଷ୍କପଟ ଭାବେ ଭଗବାନଙ୍କ ଠାରେ ସମର୍ପଣ ଭିତ୍ତିକ ପ୍ରାର୍ଥନା ହିଁ କରିଚାଲୁଥିବା।

ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି। ଶାସ୍ତ୍ର ମତରେ ପୂର୍ଣ୍ଣବତାର ଷୋଳକଳା ବିଶିଷ୍ଟ। ଏଥିରୁ ଅବତାରଙ୍କର ପାଞ୍ଚୋଟି ଇନ୍ଦ୍ରିୟ ଦର୍ଶନ, ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଏବଂ ସ୍ପର୍ଶ ସହିତ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର - ଏହି ଚାରୋଟି ଅନ୍ତଃକରଣ ସାଧାରଣ ମଣିଷ ସହିତ ସମାନ ହୋଇପାରେ। ଏହା ବ୍ୟତୀତ ତାଙ୍କର ସାତୋଟି କଳା ହେଲା - କର୍ମଫଳ ପ୍ରଦାନ, କର୍ମଫଳ ନିବାରଣ, ଧର୍ମ ସଂସ୍ଥାପନ, ଶିଷ୍ଟ ପାଳନ, ଦୁଷ୍ଟ ନିବାରଣ, ନାମ ସ୍ମରଣ ମାଧ୍ୟମରେ ପରମ ଶାନ୍ତି ପ୍ରଦାନ ଏବଂ ଅତ୍ୟନ୍ତ ସୁଦର୍ଶନ ଶରୀରରେ ଐଶ୍ୱରିକ ରୂପ ଦର୍ଶନ। ତେଣୁ ଅବତାରଙ୍କ ଠାରେ ମଣିଷ ସୁଲଭ ଗୁଣ ଦେଖାଯିବା ସ୍ୱାଭାବିକ। ଅବତାର ତତ୍ତ୍ୱକୁ କଥାରେ ପ୍ରମାଣ କରିବା ସମ୍ଭବ ନୁହେଁ। ଈଶ୍ୱର ଏକ କିନ୍ତୁ ସୃଷ୍ଟି ହେଉଛି ଈଶ୍ୱରଙ୍କର ବିବିଧ ରୂପ ଗ୍ରହଣ ଆତ୍ମା ଏକ ଏବଂ ସ୍ୱଭାବତଃ ଅପରିବର୍ତ୍ତନୀୟ ଅଥଚ ସେ ବିବିଧ ରୂପ ଗ୍ରହଣ କରିଥିବା ପରି ବୋଧହୁଏ। ବିଶ୍ୱର ବିବିଧ ରୂପରେ ବ୍ରହ୍ମ ହିଁ ପରିବ୍ୟାପ୍ତ ହୋଇଛନ୍ତି।

**ସାଧାରଣ ସମ୍ପାଦକ, ପୁରୁଷୋତ୍ତମ ସ୍ୱସ୍ତି ସେବା ସତସଙ୍ଗ, ପୁରୁଷୋତ୍ତମ କମ୍ପ୍ଲେକ୍ସ, ମେରିଆ ବଜାର କଟକ,**
**ମୋବାଇଲ୍:୯୪୩୭୧୯୯୬୮୭, ୯୪୩୯୬୧୯୮୯୩**

# ଶୈଶବରୁ ମୋଦିଜୀ ସମାଜସେବା କାର୍ଯ୍ୟ ପ୍ରତି ଆକୃଷ୍ଟ ଥିଲେ



ଶୁଭ୍ରଜିତ୍ ଦାଶ

ଯୁବାବସ୍ଥାରେ ସେ ଜାତୀୟ ଓ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। ପରବର୍ତ୍ତୀ ସମୟରେ ସଂଗଠନର କର୍ମୀ, ଗୁଜରାଟର ମୁଖ୍ୟମନ୍ତ୍ରୀ ଏବଂ ପରେ ଭାରତର ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ସମସ୍ତ ରାଜନୈତିକ ଯାତ୍ରାକୁ "ଜନସେବାରୁ ରାଷ୍ଟ୍ରସେବା"ର ଯାତ୍ରା ବୋଲି ବର୍ଣ୍ଣନା କରାଯାଉଛି। ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାରୁ ଆରମ୍ଭ କରି ୨୦୨୬ ପର୍ଯ୍ୟନ୍ତ ସେ ସାର୍ବଜନିକ ଜୀବନର ୨୫ ବର୍ଷ ପୂରଣ କରିଛନ୍ତି। ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦେଶବ୍ୟାପୀ "ସେବା ସଙ୍କଳ୍ପ ଅଭିଯାନ" ପାଳନ କରାଯାଉଛି। ତେବେ ଏହି କାର୍ଯ୍ୟକ୍ରମ ପାଳନ ପଛରେ ରହିଛି ମହତ ଉଦ୍ଦେଶ୍ୟ କାରଣ ୨୦୧୪ ପରେ ଭାରତର ବିକାଶ ଯାତ୍ରା ଏକ ନୂତନ ଗତି ପାଇଛି। ବିଶ୍ୱର ଦଶମ ବୃହତ୍ତମ ଅର୍ଥନୀତିରୁ ଭାରତ ଆଜି ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଡିଜିଟାଲ ଅର୍ଥନୀତି ଆଜି ଭାରତର ଜିଡିପିର ପ୍ରାୟ ୧୨-୧୪ ପ୍ରତିଶତ ଅଂଶ ଯୋଗାଉଛି। ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୨୦୧୪-୧୫ର ପ୍ରାୟ ୧.୯ ଲକ୍ଷ କୋଟିରୁ ବୃଦ୍ଧି ପାଇ ୨୦୨୫-୨୬ରେ ୧୩.୧୧ ଲକ୍ଷ କୋଟିକୁ ପହଞ୍ଚିଛି, ଯାହା ପ୍ରାୟ ସାତ ଗୁଣ ବୃଦ୍ଧି ପାଇଛି।

ଏହି ପରିବର୍ତ୍ତନର କେନ୍ଦ୍ରରେ ରହିଛି କିଛି ପ୍ରମୁଖ ଜାତୀୟ କାର୍ଯ୍ୟକ୍ରମ ଏବଂ ଯୋଜନା। ମେକ୍ ଇନ୍ ଇଣ୍ଡିଆ ଭାରତକୁ ଏକ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା। ମୋବାଇଲ୍ ଫୋନ୍, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ଉତ୍ପାଦନ କ୍ଷମତା ଉଲ୍ଲେଖନୀୟ ଭାବେ ବଢ଼ିଛି। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ସରକାରୀ ସେବାକୁ ଡିଜିଟାଲ ମାଧ୍ୟମରେ ଲୋକଙ୍କ ପାଖକୁ ପହଞ୍ଚାଇଛି ଏବଂ UPI ଭଳି ପ୍ଲାଟଫର୍ମ ଭାରତକୁ ବିଶ୍ୱ ଡିଜିଟାଲ ପେମେଣ୍ଟର ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ସ୍ଥାନ ଦେଇଛି। ସ୍ୱଚ୍ଛ ଭାରତ ଅଭିଯାନ ଦେଶର ସ୍ୱଚ୍ଛତା ଆନ୍ଦୋଳନକୁ ନୂଆ ଦିଗ ଦେଇଛି । ଗ୍ରାମୀଣ ସ୍ୱଚ୍ଛତା କଭରେଜ୍ ୨୦୧୪ର ୩୯ ପ୍ରତିଶତରୁ ୨୦୧୯ରେ ୧୦୦ ପ୍ରତିଶତରେ ପହଞ୍ଚିଛି ଏବଂ ୧୨ କୋଟିରୁ ଅଧିକ ଘରୋଇ ଶୌଚାଳୟ ନିର୍ମାଣ କରାଯାଇଛି। ୫୮୦୦୦ ରୁ ଊର୍ଦ୍ଧ୍ୱ ଜାତୀୟ ରାଜପଥ ଓ ଦ୍ରୁତଗାମୀ ରାଜପଥ ନିର୍ମାଣ ହୋଇଛି।

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ କୋଟି କୋଟି ପରିବାରକୁ ଏଲପିଜି ସଂଯୋଗ ମିଳିଛି। ଏହା ମହିଳାଙ୍କ ସ୍ୱାସ୍ଥ୍ୟ, ସମ୍ମାନ ଓ ଜୀବନମାନରେ ସକାରାତ୍ମକ ପ୍ରଭାବ ପକାଇଛି। ସାଗରମାଳା ପ୍ରକଳ୍ପ ଭାରତର ବନ୍ଦର, ଉପକୂଳ ଅର୍ଥନୀତି ଓ ସାମୁଦ୍ରିକ ସଂଯୋଗକୁ ଶକ୍ତିଶାଳୀ କରିବାର ଦୀର୍ଘମିଆଦୀ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇଛି। ଏହି ସମସ୍ତ ଯୋଜନାର ପଛରେ ଏକ ସାଧାରଣ ଲକ୍ଷ୍ୟ ଦେଖାଯାଏ ତାହା ହେଉଛି ବିକଶିତ ଭାରତର ସ୍ୱପ୍ନ। ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନକୁ କେବଳ ଉତ୍ସବ ଭାବେ ନୁହେଁ, ବରଂ ସେବା ଓ ସମାଜସେବାର ଏକ ଅଭିଯାନ ଭାବେ ପାଳନ କରାଯାଉଛି। "ସେବା ସଙ୍କଳ୍ପ ଅଭିଯାନ"ର ଉଦ୍ଦେଶ୍ୟ ହେଉଛି ସମାଜର ବିଭିନ୍ନ ସ୍ତରର ଲୋକଙ୍କ ମଧ୍ୟରେ ସେବା ମନୋଭାବକୁ ପ୍ରୋତ୍ସାହିତ କରିବା। ରକ୍ତଦାନ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ପରୀକ୍ଷା, ବୃକ୍ଷରୋପଣ ଓ ସାମାଜିକ ସଚେତନତା ଭଳି କାର୍ଯ୍ୟକ୍ରମ ଏହି ଅଭିଯାନର ଅଂଶ ହୋଇଛି।



ନୂତନ ପିଢ଼ି ସହିତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସଂଯୋଗ ମଧ୍ୟ ଏହି ଯୁଗର ଏକ ବିଶେଷ ଘଟଣା। ଡିଜିଟାଲ ମାଧ୍ୟମ, ଷ୍ଟାର୍ଟଅପ୍ ସଂସ୍କୃତି, ନବସୃଜନ, ସ୍କିଲ୍ ଡେଭେଲପମେଣ୍ଟ ଓ "ବିକଶିତ ଭାରତ"ର ଆହ୍ୱାନ ଯୁବପିଢ଼ିକୁ ଜାତୀୟ ବିକାଶର ଆଲୋଚନାରେ ସାମିଲ କରିଛି। ଏହି କାରଣରୁ "ସେବା ସଙ୍କଳ୍ପ ଅଭିଯାନ"ରେ ଯୁବବର୍ଗଙ୍କ ସକ୍ରିୟ ଭାଗିଦାରି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଓଡ଼ିଶାରେ ମଧ୍ୟ ଏହି ଅଭିଯାନକୁ ଉତ୍ସାହର ସହ ପାଳନ କରାଯାଉଛି। ଭାରତୀୟ ଜନତା ଯୁବ ମୋର୍ଚ୍ଚା ଓଡ଼ିଶା ପକ୍ଷରୁ "ସେବା ସଙ୍କଳ୍ପ ଅଭିଯାନ" ଅବସରରେ ବିଶାଳ ରକ୍ତଦାନ ଶିବିରର ଆୟୋଜନ କରାଯାଉଛି। ରକ୍ତଦାନକୁ ମହାଦାନ କୁହାଯାଏ। ଏହା କେବଳ ଜଣେ ରୋଗୀଙ୍କ ଜୀବନ ବଞ୍ଚାଏ ନୁହେଁ, ସମାଜରେ ମାନବିକତା ଓ ସେବାର ବାର୍ତ୍ତା ମଧ୍ୟ ପହଞ୍ଚାଏ। ଯୁବ ମୋର୍ଚ୍ଚାର ଏହି ପ୍ରୟାସ ଦେଖାଇଦେଉଛି ଯେ ସେବା କେବଳ ଏକ ସ୍ଲୋଗାନ୍ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ। ସେବାରୁ ସଙ୍କଳ୍ପ ଏବଂ ସଙ୍କଳ୍ପରୁ ରାଷ୍ଟ୍ରନିର୍ମାଣ ଏହି ଚିନ୍ତାଧାରା ହିଁ ଆଜିର "ସେବା ସଙ୍କଳ୍ପ ଅଭିଯାନ"ର ମୂଳ ବାର୍ତ୍ତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଏହି ଅଭିଯାନ କେବଳ ଜଣେ ବ୍ୟକ୍ତିଙ୍କୁ ସ୍ମରଣ କରିବା ନୁହେଁ; ବରଂ ସମାଜ, ଜାତି ଓ ମାନବତା ପ୍ରତି ଆମର କର୍ତ୍ତବ୍ୟକୁ ନବୀକୃତ କରିବାର ଏକ ସୁଯୋଗ।

**ଯୁବ ସମାଜସେବୀ, ରିସର୍ଚ୍ଚ ସ୍କୋଲାର, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଟାଙ୍ଗୀ, କଟକ**
**ମୋବାଇଲ୍:୯୩୪୮୪୪୧୮୩୪**

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୯ତମ ଜନ୍ମ ମହୋତ୍ସବ

# ଆଦର୍ଶ ହିଁ ଈଶ୍ୱରଙ୍କ ବ୍ୟକ୍ତ ପ୍ରତୀକ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଆଦର୍ଶମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା-ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ। ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ। ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ ଗୁରୁ ଥିବା ଆବଶ୍ୟକ। ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ। ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ। ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି। ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ। ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି। ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି। କୌଣସି ବ୍ୟକ୍ତିଙ୍କ ଭାବରେ ସେ ଆଘାତ କରନ୍ତି ନାହିଁ। ପୂର୍ବତନ ଋଷି,



ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି। ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ। ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ। ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ। ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ। ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ। କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି। ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ। ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ। ଧର୍ମାନ୍ତରୀକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି। ତାଙ୍କର କହିବା, ଭାବିବା ଓ କରିବାର ମଧରେ କୌଣସି ଅମେଳ ନଥାଏ। ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ। ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ। ସ୍ଥୂଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି। ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି। ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି।

ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ। ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ। ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି। ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି। ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ। ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ। ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉତ୍ସମୁଖୀ କରି ଷୋଡ଼କଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା। ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ। ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି। ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି। ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ। ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ। ସେହ ହିଁ ମୁକ୍ତ କଣ୍ଠରେ ଘୋଷଣା କରନ୍ତି - ମରନା, ମାରନା, ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର।

**ପ୍ରତିଋତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ,**
**ମୋବାଇଲ୍: ୯୪୩୭୦୫୧୯୫୭**

### ଭାରତ ଉପରେ କାହିଁକି ଉଠୁଛି ପ୍ରଶ୍ନ

# ବିକଶିତ ଦେଶର ମୁଣ୍ଡପିଛା କାର୍ବନ ନିର୍ଗମନ ଛଅ ଗୁଣା ଅଧିକ

## ଏନଜିଟି ସମ୍ମିଳନୀରେ କହିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୯।୯: ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ସମସ୍ୟା ଉପରେ ଆଲୋଚନା କରିବା ପାଇଁ ରାଜଧାନୀ ଦିଲ୍ଲୀରେ ଏକ ପ୍ରମୁଖ ଅନ୍ତର୍ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଛି। ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି) ଦ୍ୱାରା ସେପ୍ଟେମ୍ବର ୧୯ ଏବଂ ୨୦ ତାରିଖରେ ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମର ଶୀର୍ଷକ 'ପରିବେଶ ଏବଂ ଜଳବାୟୁ ଗତିଶୀଳତାର ଭବିଷ୍ୟତ' ରଖାଯାଇଛି। ଏହି ବିଶେଷ ଅବସରରେ ଭାରତ ଏବଂ ବିଦେଶର ଅନେକ ପ୍ରମୁଖ ବିଚାରପତି, ପରିବେଶ ବିଶେଷଜ୍ଞ ଏବଂ ସରକାରୀ ଅଧିକାରୀମାନେ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଏଥିରେ ୧୭ ଦେଶର ନ୍ୟାୟିକ ପ୍ରତିନିଧି ମଧ୍ୟ ଅଂଶଗ୍ରହଣ କରିଛନ୍ତି। ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ସମ୍ମୁଖରେ ଜଳବାୟୁ ପରିବର୍ତ୍ତନ ଉପରେ ଭାରତର ମତକୁ ଦୃଢ଼ ଭାବରେ ଉପସ୍ଥାପନ କରି ଉଲ୍ଲେଖ କରିଛନ୍ତି ଯେ, ବିକଶିତ ଦେଶଗୁଡ଼ିକରେ ପ୍ରତି ମୁଣ୍ଡପିଛା କାର୍ବନ ନିର୍ଗମନ ଭାରତ ତୁଳନାରେ ଛଅ ଗୁଣା ଅଧିକ। ଆଜି ଭାରତର ପ୍ରତି ମୁଣ୍ଡପିଛା ନିର୍ଗମନ ବିଶ୍ୱ ହାରାହାରି ତୁଳନାରେ ଅଧାରୁ କମ୍, ତଥାପି କାର୍ବନ ନିର୍ଗମନର ଦାୟିତ୍ୱ ପ୍ରାୟତଃ ବିକାଶଶୀଳ ଦେଶମାନଙ୍କ ଉପରେ ଅନୁଚିତ ଭାବରେ ନ୍ୟସ୍ତ କରାଯାଉଛି। ଭାରତ ଶତାବ୍ଦୀ ଧରି ପ୍ରକୃତି ଏବଂ ପରିବେଶ ପ୍ରତି ସମ୍ବେଦନଶୀଳ ରହିଛି ଏବଂ ବର୍ତ୍ତମାନ ଏହାର ସାଂସ୍କୃତିକ ଶିକ୍ଷା ଆଧାରରେ ଆଧୁନିକ ଜଳବାୟୁ ଚ୍ୟାଲେଞ୍ଜର ସମାଧାନ ପ୍ରଦାନ କରୁଛି।

ଏହି କାର୍ଯ୍ୟକ୍ରମରେ, ପ୍ରଧାନମନ୍ତ୍ରୀ 'ଏନଜିଟି ଗୋଲ୍‌ଡେନ୍ ଆପ୍' ଶୁଭାରମ୍ଭ କରିଛନ୍ତି। ଏହା ଲୋକମାନଙ୍କୁ ପରିବେଶଗତ ନ୍ୟାୟ ଏବଂ ସେବା ପାଇବାକୁ ସହଜ କରିବ। ଏହି ଅବସରରେ ଏନଜିଟି ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବ ଦେଶରେ ଚାଲିଥିବା ପରିବେଶଗତ ସଂସ୍କାରକୁ ପ୍ରଶଂସା କରି ସ୍ୱଚ୍ଛ ଭାରତ ମିଶନ, ଜଳ ଜୀବନ ମିଶନ, ପାନୀୟ ଜଳ ଉନ୍ନତି, ନମାମି ଗଙ୍ଗେ ଏବଂ ଆନ୍ତର୍ଜାତୀୟ ସୌର ମେଣ୍ଟ ଭଳି ଯୋଜନାଗୁଡ଼ିକର ଉଲ୍ଲେଖ କରିଛନ୍ତି। ପରିବେଶ ସୁରକ୍ଷା କୌଣସି ଗୋଟିଏ ସଂସ୍ଥା କିମ୍ବା ବ୍ୟକ୍ତିର ଦାୟିତ୍ୱ ନୁହେଁ, ବରଂ ଏହା ସମଗ୍ର ଦେଶ ଏବଂ ବିଶ୍ୱର ମିଳିତ ଦାୟିତ୍ୱ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

### ମମତାଙ୍କୁ ପୁଣି ବଡ଼ ଝଟକା

# ରେଜିନଗର ଉପନିର୍ବାଚନରୁ ଓହରିଲେ ଟିଏମସି ପ୍ରାର୍ଥୀ

କୋଲକାତା, ୧୯।୯: ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ରାଜନୈତିକ ସଙ୍କଟ ଆହୁରି ଗଭୀର ହେବାରେ ଲାଗିଛି। ନନ୍ଦିଗ୍ରାମ ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାର ମାତ୍ର ଗୋଟିଏ ଦିନ ପରେ ଏବେ ରେଜିନଗର ଉପନିର୍ବାଚନରୁ ମଧ୍ୟ ମମତାଙ୍କ ଘୋଷିତ ପ୍ରାର୍ଥୀ ଓହରି ଯାଇଛନ୍ତି। ଶନିବାର ରେଜିନଗରରେ ଟିଏମସି ପ୍ରାର୍ଥୀ ରବିଉଲ୍ ଆଲମ୍ ଚୌଧୁରୀ ଆନୁଷ୍ଠାନିକ ଭାବେ ନିଜର ପ୍ରାର୍ଥୀପଦ ପ୍ରତ୍ୟାହାର କରିନେଇଥିବା ଘୋଷଣା କରିଛନ୍ତି। ପ୍ରଶାସନିକ ଚାପ ଏବଂ ଦଳୀୟ କର୍ମୀଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦାୟୀ କରି ରବିଉଲ୍ ନିଜର ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଥିଲେ ବୋଲି ସୂଚନା ମିଳିଛି। ସେ କହିଛନ୍ତି ଯେ, ବର୍ତ୍ତମାନ ଦଳ ପାଖରେ କୌଣସି ଅଫିସିଆଲ୍ ନିର୍ବାଚନୀ ଚିହ୍ନ ନାହିଁ। ଏହାସହ ରାଜ୍ୟ ପ୍ରଶାସନ ପକ୍ଷରୁ କର୍ମୀମାନଙ୍କୁ ବିଭିନ୍ନ ଉପାୟରେ ହଇରାଣ ହରକତ କରାଯାଉଥିବାରୁ ଅଧିକାଂଶ କର୍ମୀ ନିଜ ନିଜ ଅଞ୍ଚଳ ଛାଡ଼ି ଚାଲିଯାଇଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନିକ ଚାପ ଯୋଗୁଁ କର୍ମୀମାନେ ନିର୍ବାଚନୀ ମଇଦାନରେ ରହିବାକୁ ଅସମର୍ଥ ପ୍ରକାଶ କରିବାରୁ ସେ ନିଜେ ଲଢ଼େଇରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଅକ୍ଟୋବର ୬ ତାରିଖରେ ନନ୍ଦିଗ୍ରାମ ଓ ରେଜିନଗର ଦୁଇଟି ଆସନରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବାର କାର୍ଯ୍ୟକ୍ରମ ରହିଛି। ମାତ୍ର ନିର୍ବାଚନ ପୂର୍ବରୁ ହିଁ ମମତା ବାନାର୍ଜୀ ଉଭୟ ଆସନରେ ନିଜର ପ୍ରାର୍ଥୀ ହରାଇ ସାରିଛନ୍ତି।

## ଭାରତୀୟ ନୌସେନା ଏକାଡେମୀରେ କାର୍ଯ୍ୟରତ ବାଂଲାଦେଶୀ ନାଗରିକ ଗିରଫ



କନ୍ନୁର, ୧୯।୯: ପାୟନ୍ନୁର ନିକଟସ୍ଥ ଏଜିମାଲାସ୍ଥିତ ଭାରତୀୟ ନୌସେନା ଏକାଡେମୀ (ଆଇଏନ୍‌ଏ)ରେ ଅସ୍ଥାୟୀ କର୍ମଚାରୀ ଭାବରେ କାର୍ଯ୍ୟ କରୁଥିବା ଜଣେ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ଏହାକୁ ମିଶାଇ ଗତ ଚାରି ଦିନ ମଧ୍ୟରେ କନ୍ନୁରରୁ ୬ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଗଲାଣି। ଅଭିଯୁକ୍ତ ୩୨ ବର୍ଷୀୟ ବିପ୍ଳବ ସୋରେନ ପ୍ରାୟ ଗୋଟିଏ ବର୍ଷ ହେଲା ନୌସେନା ଏକାଡେମୀରେ କାମ କରୁଥିଲା। ବିପ୍ଳବ ସୋରେନ ତା'ର ପ୍ରକୃତ ନାମ କି ନୁହେଁ ତାହା ତଦନ୍ତ କରାଯିବ। ଆଇଏନ୍‌ଏରେ ସୋରେନଙ୍କ କ'ଣ କାମ କରୁଥିଲା କିମ୍ବା ସେ ସେଠାରେ କିପରି ନିଯୁକ୍ତି ପାଇଲା ତାହା ପୁଲିସ ପ୍ରକାଶ କରିନାହିଁ। ଗତ ଚାରି ଦିନ ମଧ୍ୟରେ କନ୍ନୁର ପୁଲିସ ଜିଲ୍ଲାରେ ପାଞ୍ଚ ଜଣ ବାଂଲାଦେଶୀ ମହିଳାଙ୍କୁ ବୈଧ କାଗଜପତ୍ର ବିନା ଭାରତରେ ରହିବା ପାଇଁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଚାରି ଜଣଙ୍କୁ ଗୁରୁବାର କନ୍ନୁରରେ ଅବୈଧ ଭାବରେ ରହିବା ଓ ସହରର ଏକ ସ୍ପାରେ କାମ କରିବା ପାଇଁ ଗିରଫ କରିଥିଲା। ପୁଲିସ ମଙ୍ଗଳବାର ପଞ୍ଚମ ବାଂଲାଦେଶୀ ମହିଳାଙ୍କୁ ଅବୈଧ ଭାବରେ ଭାରତରେ ରହିବା ପାଇଁ ଗିରଫ କରିଥିଲା। ଚାରି ଜଣ ମହିଳା ହେଲେ ନଜମା ଅକ୍ତର (୪୦), ତସଲିମା ଖାତୁନ (୨୫), ମୋୟନା ଖାତୁନ (୨୯) ଓ ନାସରି ଭିବି (୨୮)। ପୁଲିସର ସୂଚନା ଅନୁଯାୟୀ, ଓଡେନପାରାମ୍ବୁରେ ଏକ ଭଡ଼ା ଘରେ ଅବୈଧ ଭାବେ ପ୍ରବାସୀ ରହୁଥିବା ସୂଚନା ପାଇଥିଲା।

## କାଜିପେଟରୁ ୧.୩୮ କୋଟି ଟଙ୍କାର ଅଚଳ ନୋଟ୍ ସହ ୮ ଗିରଫ



ହାଇଦ୍ରାବାଦ, ୧୯।୯: ତେଲେଙ୍ଗାନାର କାଜିପେଟ ପୁଲିସ ଏକ ବଡ଼ ଧରଣର ନୋଟ୍ ବଦଳ ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ୨୦୧୬ ମସିହାରେ ବନ୍ଦ ହୋଇଯାଇଥିବା ୫୦୦ ଓ ୧୦୦୦ ଟଙ୍କିଆ ପୁରୁଣା ନୋଟ୍ ଦେଖାଇ ଲୋକଙ୍କୁ ଠକିବା ସହ ସେମାନଙ୍କଠାରୁ ଅସଲି ନଗଦ ଟଙ୍କା ହଡ଼ପ କରିବାକୁ ଯୋଜନା କରୁଥିବା ଅଭିଯୋଗରେ ପୁଲିସ ୮ ଜଣ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ମୋଟ ୧.୩୮ କୋଟି ଟଙ୍କାର ଅଚଳ ନୋଟ୍ ଜବତ କରାଯାଇଛି। କାଜିପେଟ ଚୌରସ୍ତା ନିକଟରେ ଚାଲିଥିବା ଗାଡ଼ି ଯାଞ୍ଚ ସମୟରେ ପୁଲିସ ଇନ୍ସପେକ୍ଟର ଜାକ୍କୁଲା ଶ୍ୟାମ ସୁନ୍ଦରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏକ ସନ୍ଦିଗ୍ଧ କାରକୁ ଅଟକାଇ ତଲାସି ନେଇଥିଲେ। ଚେକିଂ ସମୟରେ କାର୍ ଭିତରୁ ବିପୁଳ ପରିମାଣର ପୁରୁଣା ନୋଟ୍ ଜବତ ହୋଇଥିଲା। ପୁଲିସ ସଂପୃକ୍ତ ଅଭିଯୁକ୍ତଙ୍କ ନିକଟରୁ ୧, ୩୮, ୫୦, ୦୦୦ ଟଙ୍କାର ଅଚଳ ନୋଟ୍ ସମେତ ୬ ହଜାର ଟଙ୍କାର ଚାଲୁ ନଗଦ ରାଶି, ୧୦ଟି ମୋବାଇଲ୍ ଫୋନ୍ ଏବଂ ଗୋଟିଏ କାର୍ ଜବତ କରିଛି। ଏହି ଘଟଣାରେ ସମସ୍ତ ୮ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା କାଜିପେଟ ଏସିପି ପିଙ୍ଗଳି ପ୍ରଶାନ୍ତ ରେଡ୍ଡୀ ସୂଚନା ଦେଇଛନ୍ତି। ଏହି ବେଆଇନ କାରବାର ଓ ଠକେଇ ରାକେଟରେ ଅନ୍ୟ କାହାର ସଂପୃକ୍ତି ରହିଛି କି ନାହିଁ, ସେ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଜବତ ହୋଇଥିବା ସମସ୍ତ ନୋଟ୍ ୨୦୧୬ ନୋଟବନ୍ଦୀ ସମୟରେ ସରକାରଙ୍କ ଦ୍ୱାରା ପ୍ରତ୍ୟାହୃତ ହୋଇଥିବା ୫୦୦ ଓ ୧୦୦୦ ଟଙ୍କିଆ ପୁରୁଣା କରେନ୍ସି ବୋଲି ଜଣାପଡ଼ିଛି।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୪ ମୃତ



ହାଇଦ୍ରାବାଦ, ୧୯।୯: ହାଇଦ୍ରାବାଦ-ବେଙ୍ଗାଲୁରୁ ୪୪ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଶନିବାର ଭୋର ପ୍ରାୟ ୪:୩୦ ସମୟରେ ପାଲାମାକୁଲା ଗ୍ରାମ ନିକଟରେ ଏକ ଦ୍ରୁତଗାମୀ ଇନୋଭା କାର୍ ନିୟନ୍ତ୍ରଣ ହରାଇ ପୋଲ ସହ ପିଟିହୋଇ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି। ମହବୁବନଗର ଜିଲ୍ଲାର ନିଜ ଗାଁରେ ଗଣେଶ ବିସର୍ଜନ ଉତ୍ସବ ସାରି ସମସାବାଦ ଫେରୁଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ନୱାବପେଟ ମଣ୍ଡଳ ଚୌଦୁର ଗ୍ରାମର କେଥାବତ ଲିମ୍ବିଆ (୫୪), ତାଙ୍କ ସ୍ତ୍ରୀ କେଥାବତ ଜମୁନା (୪୫), କାତ୍ରାବତ ମାନସିଂହ (୪୮) ଏବଂ କେଥାବତ ବାସରାମ (୪୫) ବୋଲି ସମସାବାଦ ପୁଲିସ ସୂଚନା ଦେଇଛି। ଦୁର୍ଘଟଣାରେ ଗୁରୁତର ଆହତ ଡ୍ରାଇଭର ସବାବତ ଅଶୋକଙ୍କୁ ସ୍ଥାନୀୟ ପ୍ରାଇଭେଟ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯାହାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସମସ୍ତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉସ୍ମାନିଆ ଜେନେରାଲ ହସ୍ପିଟାଲକୁ ପଠାଯାଇଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦେଶରେ ଆଇନଶୃଙ୍ଖଳା ଠିକ୍ ନାହିଁ

## ଦିଲ୍ଲୀ ଗଣବଳାତ୍କାରକୁ ନେଇ ବର୍ଷିଲେ ରାହୁଲ-ପ୍ରିୟଙ୍କା



ନୂଆଦିଲ୍ଲୀ, ୧୯।୯: ଦିଲ୍ଲୀର ସ୍ୱରୂପ ନଗରରେ ଜଣେ ନାବାଳିକାଙ୍କୁ ପ୍ରଥମେ ବଳାତ୍କାର ଏବଂ ପରେ ନିର୍ମମ ଭାବରେ ହତ୍ୟା କରାଯାଇଛି। ଏହି ମାମଲାରେ ପୋଲିସ ୧୯ ବର୍ଷୀୟ ଯୁବକ ଶିବମ ଗଣେଶ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ତିନି ଜଣ ନାବାଳକ। ଡାକ୍ତରୀ ରିପୋର୍ଟ ଗଣବଳାତ୍କାରକୁ ସ୍ପଷ୍ଟ କରିଛି। ଏହି ସମୟରେ କଂଗ୍ରେସ ଦଳ ଏହି ମାମଲାରେ ଦିଲ୍ଲୀ ପୋଲିସକୁ ଟାର୍ଗେଟ୍ କରିଛି। କଂଗ୍ରେସ ଏମ୍‌ପି ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ସୋସିଆଲ ମିଡିଆ ପୋଷ୍ଟରେ ମହିଳା ସୁରକ୍ଷା ପାଇଁ ଦିଲ୍ଲୀ ପୋଲିସକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, 'ଦିଲ୍ଲୀରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ଗଣବଳାତ୍କାର, ହତ୍ୟା ଏବଂ ତାଙ୍କ ମୃତଦେହକୁ ଖୋଲା ପଡ଼ିଆରେ ଫିଙ୍ଗି ଦିଆଯାଇଥିଲା। ରାଜଧାନୀରେ ଏପରି ଜଘନ୍ୟ ଅପରାଧ ଘଟୁଛି ଏବଂ ପୋଲିସ ଦିନଦିନ ପର୍ଯ୍ୟନ୍ତ ଅଜଣା ରହୁଛି।

ରାହୁଲ କହିଛନ୍ତି, ଏହା ଦୁର୍ଭାଗ୍ୟଜନକ ଦିଲ୍ଲୀ ଆଉ ରାଜଧାନୀ ନୁହେଁ, ବରଂ ମହିଳାମାନଙ୍କ ପାଇଁ ଏକ ପ୍ରତିଦିନ ଭୟଙ୍କର କାହାଣୀ। ସେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଆକ୍ରମଣ କରି କହିଛନ୍ତି, ଅମିତ ଶାହା ଜୀ, ଦିଲ୍ଲୀ ପୋଲିସ ଆପଣଙ୍କ ନିୟନ୍ତ୍ରଣରେ ଅଛି। ମହିଳାଙ୍କ ସୁରକ୍ଷା ପାଇଁ କିଏ ଦାୟୀ?

ରାହୁଲ ଆହୁରି ମଧ୍ୟ କହିଛନ୍ତି, ଦିଲ୍ଲୀ ପୋଲିସର କାମ କ'ଣ ସାଧାରଣ ନାଗରିକଙ୍କୁ ଭୟଭୀତ କରିବା ପର୍ଯ୍ୟନ୍ତ ସୀମିତ? କାରଣ ଅପରାଧୀମାନେ ମୁକ୍ତ ଭାବରେ ବୁଲୁଛନ୍ତି। ସେ ଅଭିଯୁକ୍ତଙ୍କ ପାଇଁ କଠୋରତମ ଦଣ୍ଡ ଦାବି କରି କହିଥିଲେ ଯେ ମହିଳା ସୁରକ୍ଷା ବିନା ଭାରତ ପ୍ରଗତି କରିପାରିବ ନାହିଁ। ସେହିପରି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଏକ ବିବୃତ୍ତି ଜାରି କରିଛନ୍ତି।

# ଭାରତ ଓ ଚୀନ୍ ଉପରେ ୧୦୦% ଶୁଳ୍କ ଲଗାଇବା ଅଧିକାର ଆମେରିକାକୁ ମିଳିଲା

## ବିଲ୍‌ରେ ସ୍ୱାକ୍ଷର କଲେ ଟ୍ରମ୍ପ




ୱାଶିଂଟନ, ୧୯।୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ଏସିଆ ଆଣ୍ଡ୍ ଇରାନ ଆକ୍ଟ'କୁ ଆଇନରେ ପରିଣତ କରିଛନ୍ତି। ଆମେରିକାର ପ୍ରତିନିଧି ସଭା ଏହି ବିଲ୍ ପାସ୍ କରିବାର ଦୁଇ ଦିନ ପରେ ଏହି ପଦକ୍ଷେପ ନିଆଯାଇଛି। ବିଲ୍‌ରେ ଟ୍ରମ୍ପ ସ୍ୱାକ୍ଷର କରିବା ପରେ ଏହା ଏବେ ଆଇନରେ ପରିଣତ ହୋଇଛି। ଏହି ଆଇନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ରୁଷଠାରୁ ତୈଳ ଏବଂ ଗ୍ୟାସ କିଣୁଥିବା ଶ୍ରେଷ୍ଠ ୫ ଜଣ କ୍ରେତାଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ଆମଦାନି ଶୁଳ୍କ ଲଗାଇବାର ଅତିରିକ୍ତ ଅଧିକାର ପ୍ରଦାନ କରିଛି। ଏହି ଆଇନ ଭାରତ, ଚୀନ୍‌କୁ ପ୍ରଭାବିତ କରିବାର ଆଶଙ୍କା ରହିଛି।

ଏହା ଉପରେ ପ୍ରତିକ୍ରିୟା ଦେଇ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଭାରତ ନିଜର ୧୪୦ କୋଟି ଜନସାଧାରଣଙ୍କର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଗତ କିଛି ମାସ ମଧ୍ୟରେ ଏହି ପ୍ରସଙ୍ଗରେ ବିଭିନ୍ନ ଆମେରିକୀୟ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ଭାରତ ସ୍ପଷ୍ଟ ଭାବରେ କହିଛି ଯେ, ଏହା କେବଳ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପାଇଁ ନୁହେଁ।

ଯଦିଓ ରୁଷ ତୈଳ ଏବଂ ଗ୍ୟାସର ସର୍ବବୃହତ ଉତ୍ସ ଭାବରେ ରହିଛି, ଭାରତ ବିବିଧ ଉତ୍ସରୁ ଯୋଗାଣ ସୁରକ୍ଷିତ କରିବା ପାଇଁ ପ୍ରୟାସର ଅଂଶ ସ୍ୱରୂପ ଗତ କିଛି ମାସ ମଧ୍ୟରେ ଆମେରିକା ଏବଂ ଭେନେଜୁଏଲାରୁ ଶକ୍ତି କ୍ରୟ ବୃଦ୍ଧି କରିଛି।

ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଭାରତ ଏହାର ବାଣିଜ୍ୟ ଏବଂ ଅର୍ଥନୈତିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସ୍ପଷ୍ଟ ଭାବରେ ସଂକଳ୍ପ ନେଇଛି। ତେବେ ପ୍ରସ୍ତାବିତ ପଦକ୍ଷେପ ବିଷୟରେ କୌଣସି ବିବରଣୀ ପ୍ରଦାନ କରାଯାଇ ନାହିଁ। ଏହି ନିୟମାବଳୀର ପ୍ରଭାବକୁ ସମାଧାନ କରିବା ପାଇଁ ସରକାର ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଗଠନଗୁଡ଼ିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବେ। ଆମେରିକା କଂଗ୍ରେସରେ ଏହି ଆଇନ ପାସ୍ ହେବା ପରେ ଭାରତ ଏହି ଆଇନ ସହିତ ଜଡ଼ିତ ପରବର୍ତ୍ତୀ ବିକାଶ ଉପରେ କଡ଼ା ନଜର ରଖିଛି। ଏହି ପ୍ରକ୍ରିୟା ଏପ୍ରିଲ୍ ୨୦୨୫ରେ ଆରମ୍ଭ ହୋଇଥିଲା, ଯେତେବେଳେ ସେନେଟର ଲିଣ୍ଡସେ ଗ୍ରାହାମ୍ ଏବଂ ରିଚାର୍ଡ ବ୍ଲୁମେନ୍ଥଲ୍ ଆମେରିକା ସିନେଟରେ ବିଲ୍‌ର ଏକ ସଂସ୍କରଣ ଉପସ୍ଥାପନ କରିଥିଲେ।

### ଗଣମାଧ୍ୟମ ବିରୋଧରେ କଠୋର ହେଲେ ଟ୍ରମ୍ପ

# ସିଏନଏନ, ଏମଏସ ନାଓଁକୁ ହ୍ୱାଇଟ୍ ହାଉସ ମନା



ୱାଶିଂଟନ, ୧୯।୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗଣମାଧ୍ୟମ ସଂଗଠନ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହା ଅନ୍ତର୍ଗତ ସିଏନଏନ, ଏମଏସନାଓ୍ୱ ଏବଂ ପଲିଟିକୋକୁ ହ୍ୱାଇଟ୍ ହାଉସରେ ପ୍ରବେଶ ମନା କରାଯାଇଛି। ଏହି ଗଣମାଧ୍ୟମ ସଂଗଠନଗୁଡ଼ିକୁ ତାଙ୍କ ବିଷୟରେ ମିଥ୍ୟା ଏବଂ ମନଗଢ଼ା ଖବର ପ୍ରସାରଣ କରୁଥିବା ନେଇ ସେ ଅଭିଯୋଗ କରିଛନ୍ତି। ଟ୍ରମ୍ପ କହିଛନ୍ତି, ମିଡ଼ିଆ ସଂଗଠନଗୁଡ଼ିକ ଆମେରିକା ରାଷ୍ଟ୍ରପତି, ଟ୍ରମ୍ପ ପ୍ରଶାସନ ତଥା ଆମେରିକା ସମ୍ପର୍କିତ ଖବରରେ ଆଉ କାଳ୍ପନିକ ଏବଂ ମିଛ ପ୍ରସାରଣ କରିପାରିବେ ନାହିଁ। ସେ ଏହା ମଧ୍ୟ ଧମକ ଦେଇଛନ୍ତି ଯେ, ଏପରି ଆହୁରି ଗଣମାଧ୍ୟମ ପ୍ରତିବନ୍ଧକ ଲାଗିପାରେ। ଏହା ରାଷ୍ଟ୍ରପତିଙ୍କ ପ୍ରତିକୂଳ ମନେ ହେଉଥିବା ଗଣମାଧ୍ୟମ କଭରେଜ୍ ପ୍ରତି କ୍ରମାଗତ ଆକ୍ରମଣାତ୍ମକ ମନୋଭାବର ଆଉ ଏକ ଉଦାହରଣ।

ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଗଣମାଧ୍ୟମ ସହିତ ହ୍ୱାଇଟ୍ ହାଉସର ମୁକାବିଲା ବୃଦ୍ଧି ପାଇଛି। ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ, ଟ୍ରମ୍ପ ଏବଂ ତାଙ୍କ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି, କୋର୍ଟ ଏବଂ ନିୟାମକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ କିଛି ଗଣମାଧ୍ୟମ ସଂସ୍ଥାକୁ ଦଣ୍ଡ ଦେଇଛନ୍ତି। ଟ୍ରମ୍ପ ବ୍ୟକ୍ତିଗତ ସାମ୍ବାଦିକମାନଙ୍କ ଉପରେ ମୁହାଁମୁହିଁ କିମ୍ବା ସାମାଜିକ ଗଣମାଧ୍ୟମ ମାଧ୍ୟମରେ କଡ଼ା ସମାଲୋଚନା ମଧ୍ୟ କରିଛନ୍ତି, କେତେକ ସମୟରେ ଅତ୍ୟନ୍ତ ବ୍ୟକ୍ତିଗତ ମନ୍ତବ୍ୟ ମଧ୍ୟ ଦେଇଛନ୍ତି। ଆସୋସିଏଟେଡ୍ ପ୍ରେସ୍ (ଏପି) ରିପୋର୍ଟରମାନଙ୍କୁ ଓଭାଲ୍ ଅଫିସ୍, ଏୟାର ଫୋର୍ସ ୱାନ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରୁ ଦୂରେଇ ରଖିବା ପାଇଁ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ପରେ ଏହି ପଦକ୍ଷେପ ନିଆଯାଇଛି। ଟ୍ରମ୍ପ ଦି ନ୍ୟୁୟର୍କ ଟାଇମ୍ସ, ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଏବଂ ବିବିସି ସମେତ ଅନେକ ବିଭିନ୍ନ ଗଣମାଧ୍ୟମ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତାଙ୍କ ପ୍ରଶାସନ ଏବିସିର ପ୍ରସାରଣ ଲାଇସେନ୍ସ ନବୀକରଣକୁ ନେଇ ଦୀର୍ଘ ସମୟ ଧରି ଚାଲିଥିବା ବିବାଦରେ ଫସି ରହିଛି।

ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ଗଣମାଧ୍ୟମର ଅଭିବ୍ୟକ୍ତିର ସ୍ୱାଧୀନତା ନେଇ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଦେଖାଦେଇଛି। ସେ କହିଛନ୍ତି ସିଏନଏନ କେବଳ ମିଥ୍ୟା ଖବର ପ୍ରସାର କରୁଛି। ସେଥିପାଇଁ ସେମାନଙ୍କର ରେଟିଂ ଭଲ ନାହିଁ। ଆମେ ନିଷ୍ପକ୍ଷ ଏବଂ ସଠିକ୍ ରିପୋର୍ଟିଂ ଚାହୁଁଛୁ। ସେହିପରି ଏମଏସ ନାଓ୍ୱ ମିଛ ଖବର ପ୍ରସାର କରୁଛି। ପଲିଟିକୋର ଖବର ମଧ୍ୟ ମିଛ କାହାଣୀ ଭଳି। ଆମ ଦେଶରେ ସଚ୍ଚୋଟ ଖବର ଆବଶ୍ୟକ। ସିଏନଏନ ଏହି ପଦକ୍ଷେପକୁ ନିନ୍ଦା କରି କହିଛି, ଆମର ହ୍ୱାଇଟ୍ ହାଉସ୍ ଟିମ୍ ସବୁବେଳେ ନିଷ୍ପକ୍ଷ ଏବଂ ସଠିକ୍ ରିପୋର୍ଟିଂ ପ୍ରତି ଗୁରୁତ୍ୱାରୋପ କରିଥାନ୍ତି। ଆମେରିକା ସମ୍ବିଧାନ ଅନୁଯାୟୀ, ଆମର ସରକାରୀ ବାଧା କିମ୍ବା ହସ୍ତକ୍ଷେପ ବିନା ରିପୋର୍ଟ କରିବାର ଅଧିକାର ଅଛି। ଯଦି ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ଅନୁଯାୟୀ ଏହି ନିଷେଧ କାର୍ଯ୍ୟକାରୀ ହୁଏ, ତେବେ ଏହା ସେହି ମୌଳିକ ଏବଂ ସାମ୍ବିଧାନିକ ଭାବରେ ସୁରକ୍ଷିତ ଅଧିକାର ଉପରେ ଏକ ବେଆଇନ ଆକ୍ରମଣ ହେବ।

### ତିରୁପତି ଲଡ୍ଡୁ ଘିଅରେ ପାମ୍ ଅଏଲ୍ ମିଶ୍ରଣ ଅଭିଯୋଗ

# ସୁକୃତି ଫୁଡ୍ସର ପ୍ରମୋଟରଙ୍କୁ ଗିରଫ କଲା ଇଡି



ନୂଆଦିଲ୍ଲୀ, ୧୯।୯: ତିରୁପତି ଲଡ୍ଡୁ ପ୍ରସାଦମ୍ ପ୍ରସ୍ତୁତିରେ ବ୍ୟବହୃତ ଘିଅରେ ଅପମିଶ୍ରଣ ଅଭିଯୋଗ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ। ସୁକୃତି ଫୁଡ୍ସର ପ୍ରମୋଟର କୈଳାଶ ଚନ୍ଦ୍ର ମଙ୍ଗଲାଙ୍କୁ ଗିରଫ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ମନି ଲଣ୍ଡରିଂ ମାମଲାରେ ସେପ୍ଟେମ୍ବର ୧୭ ତାରିଖରେ ଇଡିର ହାଇଦ୍ରାବାଦ କାର୍ଯ୍ୟାଳୟ ମଙ୍ଗଲାଙ୍କୁ ଗିରଫ କରିଥିବା ଏଜେନ୍ସି ପକ୍ଷରୁ କୁହାଯାଇଛି। ପରେ ତାଙ୍କୁ ବିଶାଖାପାଟଣାର ସ୍ୱତନ୍ତ୍ର ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ ବା ପିଏମଏଲଏ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ଜୁଡିସିଆଲ୍ କଷ୍ଟଡିକୁ ପଠାଇଥିବା ଇଡି କହିଛି।

ଇଡିର ତଦନ୍ତ ଅନୁସାରେ, ତିରୁମାଲା ତିରୁପତି ଦେବସ୍ଥାନମକୁ 'ଆଗମାର୍କ ସ୍ପେଶାଲ୍ ଗ୍ରେଡ୍ ଗାଈ ଘିଅ' ଭାବେ ଯେଉଁ ଘିଅ ଯୋଗାଣ କରାଯାଇଥିଲା, ସେଥିରେ ଅପମିଶ୍ରଣ ହୋଇଥିବା ଅଭିଯୋଗ ରହିଛି। ଏହି ଘିଅ ପ୍ରସ୍ତୁତିରେ ରିଫାଇଣ୍ଡ ପାମ୍ ଅଏଲ୍, ପାମ୍ କର୍ଣ୍ଣେଲ୍ ଅଏଲ୍, ପାମୋଲିନ୍ ସହିତ ବିଭିନ୍ନ କେମିକାଲ୍ ବ୍ୟବହାର କରାଯାଇଥିବା ଇଡି ଦାବି କରିଛି। ଏଥିରେ ଗଏ-୯୦, ମୋନୋଗ୍ଲିସେରାଇଡ୍, ମାଇଭାସେଟ୍ ସଫ୍ଟ ୪୦୦ ଏବଂ ଏସିଟିକ୍ ଏସିଡ୍ ଏଷ୍ଟର୍ ଭଳି ରାସାୟନିକ ପଦାର୍ଥ ବ୍ୟବହାର ହୋଇଥିବା ଏଜେନ୍ସି କହିଛି। ଏହାକୁ ପରେ ଗୋମାତାଙ୍କ କ୍ଷୀରରୁ ପ୍ରସ୍ତୁତ ଅସଲି ଘିଅ ଭାବେ ଟିଟିଡିକୁ ଯୋଗାଣ କରାଯାଇଥିବା ଅଭିଯୋଗ ହୋଇଛି।

ଇଡି ଅନୁସାରେ, ୨୦୧୯ରୁ ୨୦୨୪ ମଧ୍ୟରେ ଟିଟିଡିକୁ ହୋଇଥିବା କଥିତ ଭୁଲ୍ ଘିଅ ଯୋଗାଣର ମୂଲ୍ୟ ପ୍ରାୟ ୨୩୦ କୋଟି ଟଙ୍କା ହେବ। ଏଥିରୁ ମଙ୍ଗଲା ତାଙ୍କ କାରଖାନାରେ ପ୍ରାୟ ୯୬ କୋଟି ଟଙ୍କାର ଅପମିଶ୍ରିତ ଘିଅ ପ୍ରସ୍ତୁତ କରିଥିବା ଏଜେନ୍ସି ଅଭିଯୋଗ କରିଛି। ଇଡି ଆହୁରି ଅଭିଯୋଗ କରିଛି ଯେ, ମଙ୍ଗଲା ଏହି ଅପମିଶ୍ରିତ ଘିଅ ଯୋଗାଣ ପାଇଁ ବିଭିନ୍ନ ଆଗ ଧାଡ଼ିର ସଂସ୍ଥାର ସହାୟତା ନେଇଥିଲେ। ଏଥିରେ ଶ୍ରୀ ବୈଷ୍ଣବୀ ଡେୟରୀ ସ୍ପେସିଆଲିଟିଜ୍, ମାଲଗଙ୍ଗା ମିଲ୍କ ଆଣ୍ଡ ଏଗ୍ରୋ ପ୍ରଡକ୍ଟସ୍ ଏବଂ ଏ.ଆର୍. ଡେୟରୀ ଫୁଡ୍ସ ଭଳି ସଂସ୍ଥାର ନାଁ ରହିଛି। ତଦନ୍ତକାରୀ ସଂସ୍ଥାର ଅଭିଯୋଗ ଅନୁସାରେ, ମଙ୍ଗଲା ଘିଅ ଓ ରିଫାଇନ୍ଡ ପାମ୍ ଅଏଲ୍‌ର କିଣାବିକା ନେଇ ମିଥ୍ୟା ରେକର୍ଡ ତିଆରି ଓ ସଂରକ୍ଷଣ କରିଥିଲେ।

# ପାର୍ବଣ ଋତୁରେ ସୃଷ୍ଟି ହେବ ୨.୫ ଲକ୍ଷ ନିଯୁକ୍ତି



**ଏନ୍‌ଏଲ୍‌ବି ସର୍ଭିସେସ୍‌ର ରିପୋର୍ଟ**

**ମହିଳା ଓ ନୂତନ ପ୍ରାର୍ଥୀଙ୍କ ପାଇଁ ବଡ଼ ସୁଯୋଗ**

ନୂଆଦିଲ୍ଲୀ, ୧୯।୯: ଚଳିତ ବର୍ଷ (୨୦୨୬) ଜୁଲାଇରୁ ଡିସେମ୍ବର ମାସ ମଧ୍ୟରେ ଅର୍ଥାତ୍ ଆଗାମୀ ପର୍ବପର୍ବାଣୀ ଋତୁରେ ଭାରତରେ ୨ରୁ ୨.୫ ଲକ୍ଷ ମୌସୁମୀ ଏବଂ ଗିଗ୍ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଗ୍ଲୋବାଲ୍ ଟେକ୍ନୋଲୋଜି ଏବଂ ଡିଜିଟାଲ୍ ଟ୍ୟାଲେଣ୍ଟ ସଲ୍ୟୁସନର୍ ପ୍ରଦାନକାରୀ ସଂସ୍ଥା 'ଏନ୍‌ଏଲ୍‌ବି ସର୍ଭିସେସ୍' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏହି ପର୍ବପର୍ବାଣୀ ନିଯୁକ୍ତି ବା ଫେଷ୍ଟିଭ୍ ହାୟରିଂ ୧୫ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

ଦେଶରେ ପର୍ବପର୍ବାଣୀର ଆଗମନ ସହିତ ଇ-କମର୍ସ, କୁଇକ୍ କମର୍ସ, ଖୁଚୁରା ବଜାର (ରିଟେଲ), ଲଜିଷ୍ଟିକ୍ସ, ଆତିଥ୍ୟ (ହସ୍ପିଟାଲିଟି), ଭ୍ରମଣ ଏବଂ ଗ୍ରାହକ ସେବା ସମେତ ବିଭିନ୍ନ ବ୍ୟବସାୟିକ କ୍ଷେତ୍ରଗୁଡ଼ିକ ସେମାନଙ୍କର ଚାହିଦା ପୂରଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏନ୍‌ଏଲ୍‌ବି ସର୍ଭିସେସ୍‌ର ଏସଭିପି ତଥା ଏସିଆ ପ୍ରଶାନ୍ତ ମହାସାଗରୀୟ ମୁଖ୍ୟ ବରୁଣ ସଚ୍ଚଦେବା କହିଛନ୍ତି ଯେ ପର୍ବପର୍ବାଣୀ ଋତୁ ବର୍ତ୍ତମାନ ଭାରତର ଶ୍ରମଶକ୍ତି ପାଇଁ ଏକ ବଡ଼ ପରୀକ୍ଷା ପାଲଟିଛି ଏବଂ ନିଯୁକ୍ତିଦାତାମାନେ ପୂର୍ବ ଅପେକ୍ଷା ଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଦେଉଛନ୍ତି। ଏହା କେବଳ ଏକ ସ୍ୱଳ୍ପକାଳୀନ ଆବଶ୍ୟକତା ନୁହେଁ, ବରଂ ଦୀର୍ଘକାଳୀନ ନିଯୁକ୍ତିର ପଥ ପରିଷ୍କାର କରୁଛି।

ରିପୋର୍ଟ ଅନୁଯାୟୀ, ନିଯୁକ୍ତିଦାତାମାନେ ପର୍ବର ଶୀର୍ଷ ସମୟଠାରୁ ପ୍ରାୟ ୧୨ରୁ ୧୪ ସପ୍ତାହ ପୂର୍ବରୁ କର୍ମଚାରୀ ଯୋଜନା (ୱାର୍କଫୋର୍ସ ପ୍ଲାନିଂ) ଆରମ୍ଭ କରିଦେଇଥାନ୍ତି। ଏହାଦ୍ୱାରା ସେମାନେ ଆଗୁଆ ପ୍ରତିଭା ସଂଗ୍ରହ କରିପାରୁଛନ୍ତି ଏବଂ ଶେଷ ମୁହୂର୍ତ୍ତର ଚାପରୁ ମୁକ୍ତି ପାଉଛନ୍ତି। ଲାଷ୍ଟ-ମାଇଲ୍ ଡେଲିଭରି, ଖୁଚୁରା ବିକ୍ରି, ଗ୍ରାହକ ଅଭିଜ୍ଞତା, ଇନଭେଣ୍ଟୋରି ମ୍ୟାନେଜମେଣ୍ଟ, ଫିଲ୍ଡ ଅପରେସନ୍ସ ଏବଂ ଆତିଥ୍ୟ କ୍ଷେତ୍ରରେ ମୌସୁମୀ ଆବଶ୍ୟକତାର ଏକ ବଡ଼ ଭାଗ ରହିବ। ଏହାବ୍ୟତୀତ ଡାର୍କ-ଷ୍ଟୋର୍ ଇନଭେଣ୍ଟୋରି କଣ୍ଟ୍ରୋଲର୍, ରିଟର୍ଣ୍ଣ ଏବଂ ରିଫଣ୍ଡ ସ୍ପେସାଲିଷ୍ଟ, କଷ୍ଟମର୍-ରିଜୋଲୁସନ୍ ଏକ୍ଜିକ୍ୟୁଟିଭ୍, ମାର୍କେଟପ୍ଲେସ ଅପରେସନ୍ସ ପ୍ରଫେସନାଲ, ଫ୍ରଡ୍ ଏବଂ ଟ୍ରାଞ୍ଜାକ୍ସନ୍-ସପୋର୍ଟ ପର୍ସୋନେଲ ଏବଂ କାଟାଲଗ୍ ମ୍ୟାନେଜମେଣ୍ଟ ଏକ୍ଜିକ୍ୟୁଟିଭ୍ ଆଦି ନୂତନ ଯୁଗର କାର୍ଯ୍ୟକ୍ଷମ ଭୂମିକାରେ ୧୫-୨୦ ପ୍ରତିଶତ ଅଭିବୃଦ୍ଧି ଘଟିବ।

ଫେଷ୍ଟିଭ୍ ନିଯୁକ୍ତି ବର୍ତ୍ତମାନ କେବଳ ବଡ଼ ସହରରେ ସୀମିତ ନାହିଁ। ମୋଟ ଫେଷ୍ଟିଭ୍ ନିଯୁକ୍ତି ଚାହିଦାର ପ୍ରାୟ ୪୫ ପ୍ରତିଶତ କେବଳ ଟାୟାର୍-୨ ଏବଂ ଟାୟାର୍-୩ ସହରଗୁଡ଼ିକରୁ ଆସିବ ବୋଲି ଆଶା କରାଯାଉଛି। ଏହି ବଜାରଗୁଡ଼ିକରେ ନିଯୁକ୍ତି ୨୫ରୁ ୩୦ ପ୍ରତିଶତ ବୃଦ୍ଧି ପାଇବ। ଜୟପୁର, ଲକ୍ଷ୍ନୌ, ଇନ୍ଦୋର, ସୁରତ, ନାଗପୁର, ଭୁବନେଶ୍ୱର, କୋଏମ୍ବାଟୁର, ଚଣ୍ଡିଗଡ଼ ଏବଂ କୋଚି ଭଳି ସହରଗୁଡ଼ିକରେ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି।

ଏହି ନିଯୁକ୍ତି ବଜାର ଅଧିକ ଅନ୍ତର୍ଭୁକ୍ତୀକରଣ ଏବଂ କ୍ଷେତ୍ରୀୟ ଭାବେ ବିବିଧ ହେବାରେ ଲାଗିଛି। ଫ୍ରେସର୍ସ (ନୂତନ ପ୍ରାର୍ଥୀ), ପ୍ରଥମ ଥର ପାଇଁ କାମ କରୁଥିବା ବ୍ୟକ୍ତି ଏବଂ ମହିଳାମାନେ ଏକ ପ୍ରମୁଖ ପ୍ରତିଭା ଗୋଷ୍ଠୀ ଭାବରେ ଉଭା ହେଉଛନ୍ତି। ନମନୀୟ ସିଫ୍ଟ ଏବଂ ପାଖାପାଖି ସ୍ଥାନରେ ଚାକିରି ଯୋଗୁଁ ଅନେକ ବର୍ଗରେ ଅଣ-ମେଟ୍ରୋ ସହରର ମହିଳାମାନେ ନୂତନ ମହିଳା ନିଯୁକ୍ତିର ୩୦-୩୫ ପ୍ରତିଶତ ଅଧିକାର କରିବେ ବୋଲି ଆଶା କରାଯାଉଛି, ଯାହା ପାରମ୍ପରିକ ସହରୀ ପରିସର ବାହାରେ ନିଯୁକ୍ତିର ଅଧିକ ସୁଯୋଗ ସୃଷ୍ଟି କରୁଛି।

ମୁଖ୍ୟ ସଚିବଙ୍କ ରାଜ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ବୈଠକ

# ପାରମ୍ପରିକ ଖାଦ୍ୟ ପରମ୍ପରାକୁ ପର୍ଯ୍ୟଟନ ସହ ଯୋଡ଼ାଯିବ



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ (ଏସଟିପିସି)ର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଜମି ଉପଲବ୍ଧତା, କାର୍ଯ୍ୟକାରୀ ହେଉଥିବା ପର୍ଯ୍ୟଟନ ପ୍ରକଳ୍ପର ଅଗ୍ରଗତି ଏବଂ ପର୍ଯ୍ୟଟନ ଶିଳ୍ପ ପାଇଁ ନିବେଶ ପରିବେଶକୁ ସୁଗମ କରିବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ପରିଷଦର ପ୍ରଥମ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ଅଗ୍ରଗତି ସମୀକ୍ଷା କରାଯାଇଥିଲା। ପର୍ଯ୍ୟଟନ ପ୍ରକଳ୍ପ ପାଇଁ ସରକାରୀ ଜମି ଆବଣ୍ଟନ, ଓଡ଼ିଆ ଖାଦ୍ୟ ରେସ୍ତୋରାଁ ପ୍ରତିଷ୍ଠା, ପର୍ଯ୍ୟଟନ ଜମି ବ୍ୟାଙ୍କ ଯୋଜନା ଓ ବିଭିନ୍ନ ପର୍ଯ୍ୟଟନସ୍ଥଳର ବିକାଶ ସମ୍ପର୍କିତ ପୂର୍ବ ନିଷ୍ପତ୍ତିର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ଆବାସିକ ଓ ଅନ୍ୟାନ୍ୟ ସୁବିଧା ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟଟନ ଜମି ବ୍ୟାଙ୍କ ଯୋଜନା ଉପରେ ମଧ୍ୟ ଆଲୋଚନା ହୋଇଛି। ଜମିର ଚିହ୍ନଟ, ଜମିର ଉପଯୋଗିତା ନିର୍ଦ୍ଧାରଣ, ଜମି ଆବଣ୍ଟନ ଓ ପରବର୍ତ୍ତୀ ପରିଚାଳନା ପାଇଁ ସୁସ୍ପଷ୍ଟ ବ୍ୟବସ୍ଥା ସହ ଜିଆଇଏସ୍ ଆଧାରିତ ଜମି ମାନଚିତ୍ର ଓ ଡିଜିଟାଲ୍ ନିରୀକ୍ଷଣ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଅନୁମୋଦିତ ପର୍ଯ୍ୟଟନ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ହୋଇଥିବା ବିଳମ୍ବ ଓ ସମୟସୀମା ବୃଦ୍ଧି ସମ୍ପର୍କିତ ପ୍ରସ୍ତାବ ଉପରେ ପରିଷଦରେ ବିଚାର କରାଯାଇଛି। ରାଜ୍ୟର ବିଭିନ୍ନ ନୂତନ ସହର ଓ ପର୍ଯ୍ୟଟନସ୍ଥଳରେ ଓଡ଼ିଆ ଖାଦ୍ୟ ରେସ୍ତୋରାଁ ସ୍ଥାପନ କରିବା ସମ୍ପର୍କିତ ପ୍ରସ୍ତାବ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟର ପାରମ୍ପରିକ ଖାଦ୍ୟ ଓ ରନ୍ଧନ ପରମ୍ପରାକୁ ପର୍ଯ୍ୟଟନ ସହ ଯୋଡ଼ିବା ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ ଭାବେ ବିଚାର କରାଯାଇଛି। ପୂର୍ବରୁ ପର୍ଯ୍ୟଟନ ନୀତି ଅଧୀନରେ ଅନୁମୋଦିତ କିନ୍ତୁ ପ୍ରୋତ୍ସାହନ ସୁବିଧା ପାଇବାରେ ବିଭିନ୍ନ କାରଣରୁ ବଞ୍ଚିତ ହୋଇଥିବା ପର୍ଯ୍ୟଟନ ଏକକଗୁଡ଼ିକ ପାଇଁ ଏକକାଳୀନ ସମାଧାନ ଯୋଜନା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

ଗଛ ଡାଳ ପେଟରେ ପଶିବା ଘଟଣା

## ଏସସିବିରେ ସଫଳ ହେଲା ଜଟିଳ ଅସ୍ତ୍ରୋପଚାର

### ୬୦% କ୍ଷୁଦ୍ରାନ୍ତ କାଟି ବାହାର କଲେ ଡାକ୍ତରୀ ଟିମ୍



କଟକ, ୧୯।୯ (ସଂଚାର ବ୍ୟୁରୋ): ଚନ୍ଦନପୁର- କଂସର ରାସ୍ତାରେ ଏକ ଅଭାବନୀୟ ଦୁର୍ଘଟଣାରେ ଜଣେ ଯୁବ ମୋଟରସାଇକେଲ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ରାସ୍ତାରେ ଯାଉଥିବା ସମୟରେ ହଠାତ୍ ଏକ ଭଙ୍ଗା ଗଛ ଡାଳ ତାଙ୍କ ଉପରେ ପଡ଼ି ତାଙ୍କ ପେଟକୁ ଭେଦ କରିଥିଲା। ଆହତ ଯୁବକ ପବିତ୍ର ପ୍ରଧାନଙ୍କୁ ୧୮ ତାରିଖ ଶୁକ୍ରବାର ଏସସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍, କଟକରେ ଭର୍ତ୍ତି କରାଯାଇଥିଲା। ରୋଗୀଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ଟ୍ରମା ଓଟିକୁ ନିଆଯାଇ ଜରୁରୀକାଳୀନ ଅସ୍ତ୍ରୋପଚାର କରାଯାଇଥିଲା। ଏହି ଜଟିଳ ଅସ୍ତ୍ରୋପଚାରଟି ପ୍ରଫେସର ଶିବବ୍ରତ କରଙ୍କ ନେତୃତ୍ୱରେ ଡା. ଇପ୍ସିତା, ଡା. ଚିନ୍ତୁ ଓ ଡା. ଅଭିଜିତଙ୍କ ସହିତ ପୋଷ୍ଟଗ୍ରାଜୁଏଟ୍ ଛାତ୍ର ଡା. ସୁନୀଲ, ଡା. ଆକାଶ, ଡା. ଡିପି ଓ ଡା. ଶୈଳେଶଙ୍କ ଟିମ୍ ଦ୍ୱାରା ସଫଳତାର ସହ କରାଯାଇଥିଲା। ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ବୃହଦ୍ ଅନ୍ତ୍ର ଓ କ୍ଷୁଦ୍ରାନ୍ତ୍ରରେ ବ୍ୟାପକ ଆଘାତ ଥିବା ଦେଖାଯାଇଥିଲା। ଆଘାତର ଗମ୍ଭୀରତା ଯୋଗୁଁ ପ୍ରାୟ ୬୦% କ୍ଷୁଦ୍ରାନ୍ତ୍ରକୁ ଅପସାରଣ କରିବାକୁ ପଡ଼ିଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ନିରନ୍ତର ନିରୀକ୍ଷଣ ଏବଂ ଉନ୍ନତ ଚିକିତ୍ସା ପାଇଁ ସେଣ୍ଟ୍ରାଲ ଆଇସିୟୁରେ ରଖାଯାଇଛି। ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ରହିଛି ଓ ଡାକ୍ତରୀ ଟିମ୍ ତାଙ୍କୁ ନିରନ୍ତର ନିରୀକ୍ଷଣରେ ରଖିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' ବଗଳାମୁଖୀ...

ସହ କାଟ୍‌ପିକୁ ଉଦ୍ଧାର କରିଥିଲେ। କୁହାଯାଉଛି, ସ୍ଥାନୀୟ ଅଞ୍ଚଳର କେତେକ ଲୋକ ମଧ୍ୟ ଡ୍ରାଇଭରଙ୍କୁ ଆଗକୁ ଯିବାକୁ ବାରଣ କରିଥିଲେ। କିନ୍ତୁ ସେ ଏହାକୁ ମାନି ନ ଥିଲେ ଓ କାର୍ ଆଗକୁ ବଢ଼ାଇଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ ନାଗପୁରରେ ୩୦ ସେଣ୍ଟିମିଟର୍ ବର୍ଷା ରେକର୍ଡ କରାଯାଇଛି। ବିଶେଷକରି ରାତିରେ ଅତିପ୍ରବଳ ବର୍ଷା ହୋଇଥିଲା। ତେବେ ଏତେ ବର୍ଷା ଓ ପାଣିର ସ୍ରୋତ ସତ୍ତ୍ୱେ କାହିଁକି ଅମାନିଆ ହୋଇଥିଲେ ଡ୍ରାଇଭର। ବର୍ଷା ପାଣିର ସ୍ରୋତକୁ ଖାତି ଆଗକୁ ଯିବାକୁ କାହିଁକି ଚେଷ୍ଟା କରିଥିଲେ ସାହସୀ ଡ୍ରାଇଭରଙ୍କ ପ୍ରକୃତି ସହ ଖେଳିବାର ଦୁଃସାହସ ପାଇଁ ଆଜି ଗୋଟିଏ ପରିବାର ଉଜୁଡ଼ିଯାଇଛି, ଗୋଟିଏ ବଂଶ ଛାରଖାର ହୋଇଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତୁରନ୍ତ ମଧ୍ୟପ୍ରଦେଶ ମୁଖ୍ୟ ଶାସନ ସଚିବଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଥିଲେ। ମଧ୍ୟପ୍ରଦେଶ ସରକାର ଓ ସ୍ଥାନୀୟ ପ୍ରଶାସନଙ୍କ ସହ ନିରନ୍ତର ସମନ୍ୱୟ ରଖି ଉଦ୍ଧାର ଓ ଆବଶ୍ୟକ ପରବର୍ତ୍ତୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତୀଶ ପଣ୍ଡା ଭୁବନେଶ୍ୱରସ୍ଥିତ ମୃତକଙ୍କ ଅନ୍ୟ ପରିବାର ଓ ସମ୍ପର୍କୀୟଙ୍କ ଜୟଦେବ ବିହାର ୟୁନିଟ୍ -୧୬ସ୍ଥିତ ଆତ୍ମୀୟମାନଙ୍କ ବସ୍ତିରେ ସାକ୍ଷାତ କରି ମୃତକଙ୍କ ସମ୍ପର୍କରେ ବୁଝିଥିଲେ।

### ଅଧା ରହିଗଲା...

ଘର ଉଜୁଡ଼ିଯାଇଥିଲା। ହେଲେ ବିଧିର ବିଧାନ ଥିଲା ଅଲଗା। ଝିଅ ବିଦା ପାଇଁ ସ୍ୱପ୍ନ ଦେଖୁଥିବା ପରିବାରକୁ ଆଜି ଝିଅ ପାଇଁ କୋକେଇ ସଜାଡ଼ିବାକୁ ପଡ଼ୁଛି। ଫଟୋକୁ ଦେଖି ଲୁହ ଗଡ଼ାଉଥିବା ଛଡ଼ା ଆଉ କିଛି କରିବାର ନାହିଁ। ମା' ବଗଳାମୁଖୀଙ୍କ ଦର୍ଶନ ପାଇଁ ଯିବା ଆଗରୁ ଗଲା ଗଣେଶ ପୂଜାରେ ଏହ ଫଟୋଟି ଉଠାଇଥିଲେ ରାଧାରାଣୀ। ପରିବାରର ସମସ୍ତଙ୍କୁ ହରାଇଥିବା ମା'ଙ୍କୁ ବା ସମ୍ଭାଳିବ କିଏ? ଝିଅଙ୍କାଙ୍କ ଫଟୋକୁ ଛାତିରେ ଜାବୁଡ଼ି ଧରି ରାହା ଧରି କାନ୍ଦୁଛନ୍ତି ଖାଲି ପରିବାର ଲୋକେ ନୁହଁନ୍ତି, ବନ୍ଧୁବାନ୍ଧବଙ୍କ ଆଖିରୁ ପଡ଼ୋଶୀ ସମସ୍ତଙ୍କ ଆଖିରେ ଲୁହ, ସମସ୍ତଙ୍କ ମନରେ କୋହ। ଗଲା ସପ୍ତାହରେ ଏଇ ଗଳିରେ ଗଣେଶ ପୂଜାର ମାହୋଲ ଜମିଥିଲା। ସମସ୍ତଙ୍କ ସହ ନାଚ ଗୀତରେ ମସଗୁଲ୍ ଥିଲା ପରିବାର। ହେଲେ କିଏ ଜାଣିଥିଲା, ଏଇ ହିଁ ସେମାନଙ୍କ ଶେଷ ଉତ୍ସବ ହେବ ବୋଲି।

### ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ...

ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। ଏଥିସହ ଏହି ସମ୍ବେଦନଶୀଳ ମାମଲାରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ସହ ଆଲୋଚନା କରିଛନ୍ତି। ପୀଡ଼ିତ ପରିବାରକୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଜଣାଇଛନ୍ତି।

### କୃଷିରେ କେନ୍ଦ୍ର...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ସଂକଳ୍ପକୁ ସାକାର କରିବା ଦିଗରେ ପୂର୍ବ ଭାରତରେ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ନେତୃତ୍ୱ ନେବାକୁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ କହିଲେ ଯେ ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ସେମିକଣ୍ଡକ୍ଟର ତୃତୀୟ ଆମେଣ୍ଡମେଣ୍ଟକୁ ମଞ୍ଜୁରୀ ଦିଆଯାଇଛି। ରାଜ୍ୟରେ ଏକ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ମାନୁଫାକ୍ଚରିଙ୍ଗ୍ ହବ୍ ସୃଷ୍ଟି କରିବା ପାଇଁ କଟକର ନରାଜଠାରେ ୮୭୦ ଏକର ପରିମିତ ଜମିରେ ଏକ ବିଶ୍ୱସ୍ତରୀୟ ଓଡ଼ିଶା ସିଲିକନ ଭ୍ୟାଲି ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ଗବେଷଣାର ଅଭିବୃଦ୍ଧି ପାଇଁ ଓ ଗବେଷଣା ଉପଲବ୍ଧ, ଜ୍ଞାନକୁ ବାଣିଜ୍ୟିକ କାର୍ଯ୍ୟରେ ଲଗେଇବା ପାଇଁ ଆଇଆଇଟି ଭୁବନେଶ୍ୱରର ସହଯୋଗିତାରେ ୪୫୨ କୋଟି ଟଙ୍କାର ନ୍ୟାସନାଲ ଇଣ୍ଡଷ୍ଟ୍ରି ରେ-ଡେଭଲପମେଣ୍ଟ ହବ୍ ବା ଇଣ୍ଟିଗ୍ରେଟେଡ ପାଓ୍ୱାର ଇଲେକ୍ଟ୍ରୋନିକ୍ସ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ଓଡ଼ିଶା ସରକାରଙ୍କ ୧୨୫ କୋଟି ଟଙ୍କାର ଯୋଗଦାନ ରହିଛି। ଏହାଦ୍ୱାରା ରାଜ୍ୟର ମେଧାବୀ ଉଦ୍ଭାବିତ ଯୁବପିଢ଼ି ବିଦେଶ ନ ଯାଇ ନିଜ ରାଜ୍ୟରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ ବୋଲି ସେ କହିଥିଲେ। ଏହିସବୁ ପଦକ୍ଷେପ ଦ୍ୱାରା ଓଡ଼ିଶା ଏବେ ଶୁଣି ଅର୍ଥନୀତିରୁ ଜ୍ଞାନ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି ବୋଲି ସେ କହିଥିଲେ। ସେମିକନ ଇଣ୍ଡିଆ-୨୦୨୬ରେ ଓଡ଼ିଶା ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ମାଧ୍ୟମରେ ୬ ହଜାରରୁ ଅଧିକ ନୂତନ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏଥିସହ ସମ୍ମିଳନୀରେ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ଓ୍ୱେଫର ପ୍ରସ୍ତୁତି ପାଇଁ କ୍ରାଇଷ୍ଟାଲ ସଂସ୍ଥା ସହ ଲେଟର ଅଫ ଇଣ୍ଟେଣ୍ଟ ସ୍ୱାକ୍ଷରିତ ହୋଇଛି ବୋଲି ସେ ସୂଚନା ଦେଇଥିଲେ। ଏହି ଇଭେଣ୍ଟରେ ୧୮ଟି କମ୍ପାନୀ ସହ ରାଉଣ୍ଡ ଟେବୁଲ୍ ଓ ଓ୍ୱାନ୍ ଟୁ ଓ୍ୱାନ୍ ଆଲୋଚନା, ୫ଟି କମ୍ପାନୀ ସହ ରାଉଣ୍ଡ ଟେବୁଲ ବୈଠକ ହେବା ସହ ୩ଟି କମ୍ପାନୀ ଓଡ଼ିଶା ସହ ଲେଟର ଅଫ୍ ଇଣ୍ଟେଣ୍ଟ ବା ଆଗ୍ରହପତ୍ର ସ୍ୱାକ୍ଷର କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

### ସୁରକ୍ଷିତ ହେବ...

ହୋଇଥିବା ଜମିକୁ ଭୂମିହୀନ ପରିବାରଙ୍କ ମଧ୍ୟରେ ନ୍ୟାୟସଙ୍ଗତ ଭାବେ ବଣ୍ଟନ କରିବା। ଏହି ଆନ୍ଦୋଳନ ଅଧୀନରେ ଓଡ଼ିଶାରେ ଭୂଦାନ ଯଜ୍ଞ ସମିତି ଦ୍ୱାରା ବହୁ ପରିମାଣର ଜମି ଗ୍ରହଣ କରାଯାଇଥିଲା। ଏହାର ଏକ ବଡ଼ ଅଂଶ ଭୂମିହୀନ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲେ ମଧ୍ୟ ଉଲ୍ଲେଖନୀୟ ପରିମାଣର ଜମି ଏବେ ମଧ୍ୟ ବଣ୍ଟନ ହୋଇନାହିଁ। ଏଥିସହ ଅନେକ କ୍ଷେତ୍ରରେ ଆଇନସମ୍ମତ ଭାବେ ପ୍ରଦାନ କରାଯାଇଥିବା ଜମିର ମ୍ୟୁଟେସନ୍ ଜମିରେକର୍ଡ (ଆରଓଆର)ରେ ହୋଇନଥିବାରୁ ପ୍ରକୃତ ହିତାଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଭୂଦାନ ଜମିର ସଠିକ୍ ଓ ପ୍ରାମାଣିକ ରେକର୍ଡ ଉପଲବ୍ଧ ନଥିବା ଏବଂ ଏକାଧିକ ଡାଟାବେସ୍ ରହିଥିବାରୁ ବିଭିନ୍ନ ଆଇନଗତ ଓ ପ୍ରଶାସନିକ ଜଟିଳତା ସୃଷ୍ଟି ହୋଇଆସୁଥିଲା। ତେଣୁ ଏକ କେନ୍ଦ୍ରୀକୃତ, ସନ୍ଧାନଯୋଗ୍ୟ ଓ ପ୍ରାମାଣିକ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ ହେଲେ ଐତିହାସିକ ରେକର୍ଡର ଅସଙ୍ଗତି ଚିହ୍ନଟ ଓ ସୁଧାର କରିବା ସହ ଅବ୍ୟବହୃତ ଭୂଦାନ ଜମିକୁ ଚିହ୍ନଟ କରି ସୁରକ୍ଷିତ କରାଯାଇପାରିବ। ଏହା ଭୂମିହୀନ ପ୍ରକୃତ ହିତାଧିକାରୀଙ୍କ ସ୍ୱାର୍ଥରେ ଏହି ଜମିର ସୁନିଶ୍ଚିତ ବ୍ୟବହାରକୁ ସହାୟତା କରିବ। ଭୂଦାନ ଜମି ହସ୍ତାନ୍ତର ଉପରେ ଆଇନଗତ ପ୍ରତିବନ୍ଧକ ସତ୍ତ୍ୱେ କେତେକ ସ୍ଥାନରେ ଅନଧିକୃତ ବାଣିଜ୍ୟିକ ଦଖଲ ଓ ବେଆଇନ ହସ୍ତାନ୍ତର ଭଳି ଅନିୟମିତତା ରହିଥିବା ରାଜସ୍ୱ ବିଭାଗର ଦୃଷ୍ଟିଗୋଚର ହୋଇଛି। ତେଣୁ ବିଭାଗ ପକ୍ଷରୁ ସବୁ ଭୂଦାନ ଜମିର ପ୍ରାମାଣିକ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ କରାଯିବ। ତହସିଲଦାରମାନେ ଏହି ପ୍ରକ୍ରିୟାର ପ୍ରମୁଖ କାର୍ଯ୍ୟକାରୀ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଡିଜିଟାଲ୍ ଡାଟାବେସ୍‌ର ଅନ୍ତିମ ପ୍ରସ୍ତୁତି ନହେବା ପର୍ଯ୍ୟନ୍ତ ଭୂଦାନ ଜମି ସମ୍ପର୍କିତ ସମସ୍ତ ପଞ୍ଜୀକରଣ ଓ ମ୍ୟୁଟେସନ୍ କାର୍ଯ୍ୟକୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କଠୋର ଭାବେ ନିଷିଦ୍ଧ କରାଯାଇଛି। ସମ୍ପୃକ୍ତ ସମସ୍ତ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ଏସଓପି ଅନୁଯାୟୀ କାର୍ଯ୍ୟ କରି ଡାଟାବେସ୍ ପ୍ରସ୍ତୁତିରେ ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୨୫ ବିଦ୍ୟାଳୟରେ...

ମୋଟର ଚାଲିପାରୁନାହିଁ। ଫଳରେ ସ୍କୁଲରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେବଳ ସେତିକି ନୁହେଁ, ପାଣି ଅଭାବରୁ ଶୌଚାଳୟ ସଫା ହୋଇ ନ ପାରିବାରୁ ପରିମଳ ବ୍ୟବସ୍ଥା ମଧ୍ୟ ବ୍ୟାଧାପ୍ରାପ୍ତ ହୋଇଛି। ଏପରିକି ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଓ ପିଲାମାନଙ୍କର ଖାଇବା ପିଇବାରେ ମଧ୍ୟ ବହୁ ସମସ୍ୟା ଉପୁଜିଛି। ଅତ୍ୟଧିକ ଗରମ ଓ ଗୁଳୁଗୁଳି ଯୋଗୁଁ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଅଞ୍ଚଳର ପ୍ରାୟ ୨୫ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି। ଏହି ପ୍ରସଙ୍ଗରେ ତେଲାଙ୍ଗ ବ୍ଲକ୍ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ପୀତବାସ ସେଠୀ କହିଛନ୍ତି ଯେ ଏହି ପ୍ରସଙ୍ଗରେ ବିଦ୍ୟୁତ ବିଭାଗକୁ ଚିଠି ଲେଖାଯାଇଛି। ଖୁବ୍‌ଶୀଘ୍ର ଉକ୍ତ ବିଦ୍ୟାଳୟଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ସେହିପରି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସମସ୍ୟାର ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନିଆଯାଉଥିବା କହିଛନ୍ତି।

## ପୁଣି ପ୍ରଶ୍ନପତ୍ର ଲିକ୍ ଅଭିଯୋଗ

ଜୟପୁର, ୧୯।୯ (ସଂଚାର ବ୍ୟୁରୋ): କିଛିଦିନ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରଶ୍ନପତ୍ର ଲିକ ହୋଇଥିବାର ଘଟଣା ସାମ୍ନାକୁ ଆସିଥିଲା। ଘଟଣାକୁ ନେଇ ରାଜ୍ୟର ରାଜନୈତିକ ମାହୋଲ ଚଳଚଞ୍ଚଳ ହୋଇ ଉଠିଥିଲା। ଏହାରି ମଧ୍ୟରେ ପୁଣିଥରେ ଏକ ବିଶ୍ୱବିଦ୍ୟାଳୟରୁ ପ୍ରଶ୍ନପତ୍ର ଲିକ ହେବାର ଘଟଣା ସାମ୍ନାକୁ ଆସିଛି। ଆଜି ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ୟୁଜି ଦ୍ୱିତୀୟ ବର୍ଷ ସେକେଣ୍ଡ ସେମିଷ୍ଟାରର ଏଇସି ୧.୨ ତଥା ବାଧ୍ୟତାମୂଳକ ଇଂରାଜୀ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆଜି ୟୁଜି ଦ୍ୱିତୀୟ ବର୍ଷ ସେକେଣ୍ଡ ସେମିଷ୍ଟାରର ଏଇସି ୧.୨ ତଥା ବାଧ୍ୟତାମୂଳକ ଇଂରାଜୀ ପରିକ୍ଷା ଅପରାହ୍ଣ ୨ ଘଟିକାରେ ଥିଲା। ଠିକ୍ ୧୧ଟା ବେଳକୁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଜାଣିବାକୁ ପାଇଲେ ଯେ, ଆଜିର ପରୀକ୍ଷା ହେବାକୁ ଥିବା ପ୍ରଶ୍ନ ପତ୍ର ବାହାରେ ବୁଲୁଛି। ଏହା ପରେ ସଙ୍ଗେସଙ୍ଗେ କୁଳପତିଙ୍କ ସହ ଆଲୋଚନା କରି ୟୁନିଭରସିଟି କର୍ତ୍ତୃପକ୍ଷ ପରୀକ୍ଷା ବାତିଲ କରିଥିଲେ। ଏନେଇ ଜିଲ୍ଲା ସାଇବର ପୁଲିସ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ। ପ୍ରଶ୍ନପତ୍ର ଲିକ୍ ହେବା ଫଳରେ ବିଶ୍ୱବିଦ୍ୟାଳୟର ଅଧୀନରେ ଥିବା ପ୍ରାୟ ୫୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ବାତିଲ୍ ହୋଇଛି। ଫଳରେ ବହୁ ଛାତ୍ର ଛାତ୍ରୀ ହଇରାଣ ହୋଇଛନ୍ତି। କମ୍ ସମୟ ମଧ୍ୟରେ ଏହି ବାତିଲ ନୋଟିସ୍ ଦିଆଯାଇଥିବାରୁ ବହୁ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆସି ନିରାଶ ହୋଇ ଫେରିଛନ୍ତି।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅତିବଡ଼ୀଙ୍କ ଜୟନ୍ତୀ



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପଞ୍ଚସଖା ସାହିତ୍ୟର ବରେଣ୍ୟ ସାଧକ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସମ୍ପାଦକ ବାଗ୍ମୀ ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦାନ କରି ଓଡ଼ିଆ ଜାତିର ଅସ୍ମିତା ନିର୍ମାଣ କ୍ଷେତ୍ରରେ କବି ଜଗନ୍ନାଥ ଦାସଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ । ଓଡ଼ିଆ ଜାତି ତାଙ୍କ ରଚିତ ଭାଗବତକୁ କିପରି ଦେବତା ଜ୍ଞାନରେ ନିଜ ଠାକୁର ଘରେ ସ୍ଥାନ ଦେଇଛି ତାହାର ଅବତାରଣା କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗବେଷକ ଓ ପ୍ରାବନ୍ଧିକ ଡ. ଅସିତ ମହାନ୍ତି ଯୋଗ ଦେଇ ଓଡ଼ିଆ କାବ୍ୟଭାଷା ନିର୍ମାଣ କରିବାରେ ଓଡ଼ିଆ ଭାଗବତର ଭୂମିକା ଓ ଜଗନ୍ନାଥ ଦାସଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଅନ୍ୟତମ ଅତିଥି ଭାବେ ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ଜଗନ୍ନାଥ ଦାସଙ୍କ ସାରସ୍ୱତ କୃତିର ବୈଶିଷ୍ଟ୍ୟ ସମ୍ପର୍କରେ ଅବତାରଣା କରିଥିଲେ । ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ବକ୍ତା ଡ. ସନ୍ତୋଷ ନାୟକ ଯୋଗଦେଇ ଜଗନ୍ନାଥ ଦାସଙ୍କ ଭାଗବତ କିପରି ଓଡ଼ିଶାରେ ପାଠକୀୟତା ସୃଷ୍ଟି କରିବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ, ତାହାର ଅବତାରଣା କରିଥିଲେ। ଓଡ଼ିଆ ବିଭାଗର ଆଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ । ପ୍ରଫେସର ଶମ୍ଭୁର ଶୋଭରା ଏବଂ ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସସିବି ମେଡିକାଲ୍ କଲେଜ୍ ଛାତ୍ର ସଂସଦର ଶପଥ ଗ୍ରହଣ ସମାରୋହ



କଟକ, ୧୯।୯(ସଂଚାର ବ୍ୟୁରୋ): ସେପ୍ଟେମ୍ବର ୨୦୨୬ ଏସସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ଛାତ୍ର ସଂସଦ ୨୦୨୫-୨୬ର ଶପଥ ଗ୍ରହଣ ସମାରୋହ 'ପ୍ରତିଜ୍ଞା' ଶୀର୍ଷକରେ ଗତ ୧୮ ସେପ୍ଟେମ୍ବରରେ ମହାବିଦ୍ୟାଳୟର ନୂତନ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିବା ବେଳେ ଓଡ଼ିଶାର ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସମାରୋହରେ ଏସସିବି ମେଡିକାଲ୍ କଲେଜ୍‌ର ଡିନ୍ ଡ଼. ପ୍ରତିଭା ପଣ୍ଡା, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଓ ଛାତ୍ର ସଂସଦର ଉପଦେଷ୍ଟା ଜୟନ୍ତ କୁମାର ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଅଧ୍ୟାପକ, ପୂର୍ବତନ ଛାତ୍ର ସଂସଦର କର୍ମକର୍ତ୍ତା, ବରିଷ୍ଠ ଛାତ୍ରଛାତ୍ରୀ ଓ ନୂତନ ପିଢ଼ିର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ନବଗଠିତ ଛାତ୍ର ସଂସଦର ସଭାପତି ସିପୁନ୍ ପୃଷ୍ଟି ଓ ସାଧାରଣ ସମ୍ପାଦକ ଅଭିସ୍ମିତ ଦାସଙ୍କ ନେତୃତ୍ୱରେ ସମସ୍ତ ନିର୍ବାଚିତ କର୍ମକର୍ତ୍ତା ଛାତ୍ରଛାତ୍ରୀଙ୍କ କଲ୍ୟାଣ, ମହାବିଦ୍ୟାଳୟର ଗୌରବ ଓ ମର୍ଯ୍ୟାଦା ରକ୍ଷା ସହିତ ଶୃଙ୍ଖଳା, ଏକତା, ଦାୟିତ୍ୱବୋଧ ଓ ସେବା ମନୋଭାବର ସହିତ କାର୍ଯ୍ୟ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

## ୨୧ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ, ୧୯।୯ (ସଂଚାର ବ୍ୟୁରୋ): ସେପ୍ଟେମ୍ବର ୨୧ ତାରିଖ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓ୍ୱସ୍ୱାନ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ଣ ୧ ଘଟିକା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ।

## ୪ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ କଫ୍ ସିରପ୍ ମନା



ନୂଆଦିଲ୍ଲୀ, ୧୯।୯: ଛୋଟ ପିଲାଙ୍କୁ କଫ୍ ସିରପ୍ ଦେବା ସମ୍ପର୍କରେ ସଚେତନ କରିବା ପାଇଁ ଭାରତର ଔଷଧ ନିୟାମକ ସଂସ୍ଥା ବଡ଼ ପଦକ୍ଷେପ ନେବାକୁ ଯାଉଛି। ୪ ବର୍ଷରୁ କମ୍ ବୟସର ପିଲାଙ୍କୁ କଫ୍ ସିରପ୍ ବ୍ୟବହାର ନକରିବା ପାଇଁ ଔଷଧ ବୋତଲର ସତର୍କ ସୂଚନା ବାଧ୍ୟତାମୂଳକ କରିବାକୁ ପ୍ରସ୍ତାବ ଦିଆଯାଇଛି। ଯାହାଫଳରେ ଏହା କେବଳ ସ୍କୁଲ ପିଲା କିମ୍ବା ବଡ଼ ପିଲାଙ୍କ ପାଇଁ ଉଦ୍ଦିଷ୍ଟ. ଛୋଟ ପିଲାଙ୍କ ପାଇଁ ନୁହେଁ ବୋଲି ଜଣାପଡ଼ିବ।

ପ୍ରସ୍ତାବ ଅନୁସାରେ, କଫ୍ ସିରପ୍ ବୋତଲରେ ଲାଲ୍ ରଙ୍ଗରେ ସ୍ପଷ୍ଟ ଭାବେ ଲେଖାଯାଇପାରେ— "ଚେତାବନୀ: ୪ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ କଫ୍ ସିରପ୍ ବ୍ୟବହାର କରନ୍ତୁ ନାହିଁ" ଏହାସହ ସ୍କୁଲ୍ ବୟସର ପିଲାଙ୍କ ଚିତ୍ର ଲେବଲରେ ରଖାଯାଇପାରେ। ଏହାଦ୍ୱାରା ଔଷଧଟି ବଡ଼ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସହଜରେ ବୁଝାଇବା ସହ ଛୋଟ ଶିଶୁଙ୍କ ମଧ୍ୟରେ ଏହାର ବ୍ୟବହାରକୁ ନିରୁତ୍ସାହିତ କରାଯାଇପାରିବ।

ଏହି ପ୍ରସ୍ତାବକୁ ଡ୍ରଗ୍ସ କନସଲଟେଟିଭ୍ କମିଟି ନିକଟରେ ବିଚାର ପାଇଁ ରଖାଯାଇଛି। ଏଥିପାଇଁ ୧୯୪୫ର ଡ୍ରଗ୍ସ ରୁଲ୍ସର ରୁଲ୍ ୯୬ରେ ସଂଶୋଧନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଗତବର୍ଷ ଅକ୍ଟୋବରରେ ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ହେଲ୍ଥ ସର୍ଭିସେସ୍ ପକ୍ଷରୁ ଶିଶୁମାନଙ୍କ ଚିକିତ୍ସାରେ କଫ୍ ଓ କୋଲ୍ଡ ଔଷଧର ଯଥାସମ୍ଭବ ସତର୍କତାର ସହ ବ୍ୟବହାର ପାଇଁ ଆଡଭାଇଜରି ଜାରି ହୋଇଥିଲା। ବିଶେଷକରି ୨ ବର୍ଷରୁ କମ୍ ବୟସର ପିଲାଙ୍କୁ ଏପରି ଔଷଧ ପ୍ରେସକ୍ରାଇବ୍ ନ କରିବା କିମ୍ବା ନ ଦେବାକୁ ନିଷେଧ କରାଯାଇଥିଲା।

● ସାଂସଦ-ବିଧାୟକଙ୍କ ଅଭିଯୋଗ ପରେ ଆକ୍ସନ୍

## ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ ବୈଠକ



ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚାଲିଥିବା ରାସ୍ତା, ଫ୍ଲାଏଓଭର, କୋଠାବାଡ଼ି ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପର ଗୁଣବତ୍ତା ଓ ବିଳମ୍ବକୁ ନେଇ ସାଂସଦ ଏବଂ ବିଧାୟକମାନେ ମନ୍ତ୍ରୀଙ୍କୁ ଚିଠି ଲେଖି ଅଭିଯୋଗ ଜଣାଇବା ପରେ ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବସିଥିଲା ଉଚ୍ଚସ୍ତରୀୟ ବୈଠକ। ଜନପ୍ରତିନିଧିଙ୍କ ଚିଠିକୁ ଗୁରୁତ୍ୱର ଦେଇ ପୂର୍ତ୍ତ ମନ୍ତ୍ରୀ ଏହି ଜରୁରୀ ସମୀକ୍ଷା ବୈଠକ ଡାକିଥିଲେ। ଆଜିର ବୈଠକରେ ପୂର୍ତ୍ତ ବିଭାଗର ସଚିବ, ବରିଷ୍ଠ ଅଧିକାରୀ ଏବଂ କମିଟିର ସଦସ୍ୟ ସାମିଲ ହୋଇଛନ୍ତି। ଜନପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନ ଓ ସମସ୍ୟାଗୁଡ଼ିକୁ ପ୍ରାଥମିକତା ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

ବୈଠକ ପରେ ପୂର୍ତ୍ତ ମନ୍ତ୍ରୀ କହିଛନ୍ତି ଯେ ବୈଠକରେ ସାଂସଦମାନଙ୍କ ଚିଠିକୁ ନେଇ ଆଲୋଚନା ହୋଇଛି। ପୂର୍ତ୍ତ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ବ୍ରହ୍ମପୁର ସାଂସଦ ଯେଉଁ ପ୍ରକଳ୍ପ କଥା କହିଛନ୍ତି, ପ୍ରକଳ୍ପ ବିଳମ୍ବ ହୋଇନି, କାମ ଚାଲିଛି। ବ୍ୟସ୍ତବହୁଳ ରାସ୍ତା ହୋଇଥିବାରୁ ଛକ ପାଖରେ କନଷ୍ଟ୍ରକ୍ସନ ପାଇଁ ବାଧା ହେଉଥିଲା। କ୍ୱାଲିଟି ପରୀକ୍ଷଣ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି। ବଲାଙ୍ଗୀର ସାଂସଦଙ୍କ ଚିଠିକୁ ନେଇ ବି ଆଲୋଚନା ହୋଇଛି। ଜନବସତି କାରଣରୁ ବାଇପାସ କରିବାକୁ ପଡୁଛି। ଜଙ୍ଗଲ ଜମି ରହୁଥିବାରୁ ବିଳମ୍ବ ହେଉଛି। ଆଗକୁ କାମ ତ୍ୱରାନ୍ୱିତ ହେବ। ଭେହିକିଲ ଅଣ୍ଡର ପାସ ପାଇଁ ନବରଙ୍ଗପୁର ସାଂସଦ ଲେଖିଥିଲେ ତାକୁ ବିଚାରକୁ ନିଆଯାଉଛି। କାମର ଅଗ୍ରଗତି ନେଇ କମ୍ପ୍ଲାଏନ୍ସ ରିପୋର୍ଟ ସାଂସଦମାନଙ୍କୁ ଦିଆଯିବ।

## ନବନିର୍ମାଣ ଯୁବଛାତ୍ର ସଂଗଠନର ସତ୍ୟାଗ୍ରହକୁ ସିଜେପିର ସମର୍ଥନ

- ସତ୍ୟାଗ୍ରହରେ ଯୋଗଦେବେ ସିଜେପି ସହ-ପ୍ରତିଷ୍ଠାତା ସୌରଭ ଦାସ
- ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବୀରେ ୩୧ ଦିନରେ ସତ୍ୟାଗ୍ରହ

ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ): ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ୬ ଦଫା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଜାରିରହିଥିବା ଅନିର୍ଦ୍ଦିଷ୍ଟ ଅନଶନ ଓ ସତ୍ୟାଗ୍ରହକୁ ସମର୍ଥନ କରି ସଂଗଠନ ପକ୍ଷରୁ ଆଗାମୀ ସେପ୍ଟେମ୍ବର ୨୧ ତାରିଖରେ କଲ୍ରୋଚ ଜନତା ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସିଜେପିର ସହ-ପ୍ରତିଷ୍ଠାତା ସୌରଭ ଦାସ ସତ୍ୟାଗ୍ରହରେ ଯୋଗଦେବେ ବୋଲି ନବନିର୍ମାଣ ଯୁବଛାତ୍ର ସଂଗଠନ ଏବଂ କୃଷକ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ପ୍ରେସ୍ ବିବୃତ୍ତିରେ କହିଛନ୍ତି।




ଆଜି ଅପରାହ୍ଣରେ ଲୋୟର ପିଏମଜି ଅନଶନ ସ୍ଥଳରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଯୁବଛାତ୍ର ରାଜ୍ୟ ସଂଯୋଜକ ଏମ୍‌ଡି ମନଓ୍ୱର ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୬ ଦଫା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନର ୩୧ ଦିନରେ ସତ୍ୟାଗ୍ରହ ଏବଂ ପ୍ରତିଷ୍ଠାତା ଶ୍ରୀ କୁମାରଙ୍କ ଅନିର୍ଦ୍ଦିଷ୍ଟ ଅନଶନ ଆଜି ୧୪ ଦିନରେ ପହଞ୍ଚିଛି। ସଂଗଠନ ପକ୍ଷରୁ ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଜାରି ରହିଥିବା ଅନଶନ ଓ ସତ୍ୟାଗ୍ରହ ପ୍ରସଙ୍ଗରେ ସରକାର ଏପର୍ଯ୍ୟନ୍ତ ନୀରବ। ନା ଆଲୋଚନାକୁ ଆସୁଛନ୍ତି ନା ଏହାକୁ ସମାଧାନ କରିବା ପାଇଁ ଚାହୁଁଛନ୍ତି। ସମଗ୍ର ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି। ଶିକ୍ଷା ବ୍ୟବସ୍ଥାରେ ହୋଇଥିବା ତ୍ରୁଟିକୁ ନେଇ ସରକାର ବ୍ୟତିବ୍ୟସ୍ତ ହେଉନାହାନ୍ତି। ରାଜ୍ୟ ପ୍ରଶାସନ ସକାରାତ୍ମକ ମନୋଭାବ ନେଇ ଆଲୋଚନା କରୁନାହାନ୍ତି। ସରକାରଙ୍କ ନୈତିକ ଦାୟିତ୍ୱ ସେମାନେ ଲୋକଙ୍କ ଅଧିକାରର ସୁରକ୍ଷା ପାଇଁ କାମ କରିବା କଥା। ସରକାର ତାଙ୍କର ନୈତିକ ଦାୟିତ୍ୱ ପାଳନରେ ବିଫଳ ହୋଇଛନ୍ତି। ଏହି ଅନଶନ ଓ ସତ୍ୟାଗ୍ରହକୁ ସମର୍ଥନ କରି ଆସନ୍ତା ୨୨ ତାରିଖରେ ଉପରୋକ୍ତ ଦାବିକୁ ନେଇ ବିଧାନସଭା ଘେରାଉ ଡାକରା ଦିଆଯାଇଛି।

ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ କାର୍ଯ୍ୟକ୍ରମରେ ବାଚସ୍ପତି

## ରାଷ୍ଟ୍ରର ପ୍ରଗତିରେ ଦିବ୍ୟାଙ୍ଗଙ୍କ ଯୋଗଦାନ ମହତ୍ୱପୂର୍ଣ୍ଣ



ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ପରିବର୍ତ୍ତନଶୀଳ ବିଶ୍ୱ ବ୍ୟବସ୍ଥାରେ ଗଣତନ୍ତ୍ରକୁ ଅନେକ ନୂତନ ଆହ୍ୱାନର ସାମ୍ନା କରିବାକୁ ପଡୁଛି। ପ୍ରଯୁକ୍ତିବିଦ୍ୟା ବଦଳୁଛି ଓ ଅନୁଷ୍ଠାନଗୁଡ଼ିକ ମଧ୍ୟ ପରିବର୍ତ୍ତିତ ହେଉଛି। କିନ୍ତୁ ଗଣତନ୍ତ୍ର ପ୍ରତ୍ୟେକ ନାଗରିକଙ୍କ ପାଇଁ ସମାନତା ସୁନିଶ୍ଚିତ କରିବା ଆବଶ୍ୟକ ଓ ଏହି ନୀତି କେବେବି ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି।

ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀର 'ସୁଗମ୍ୟ ସଂସଦ: ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅନ୍ତର୍ଭୁକ୍ତିକରଣ' କାର୍ଯ୍ୟକ୍ରମରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ ଋଷି ଅଷ୍ଟବକ୍ରଙ୍କ ଉଦାହରଣ ଦେଇ କହିଛନ୍ତି ଯେ ଭାରତୀୟ ସଂସ୍କୃତି ଓ ସଭ୍ୟତାରେ ଦିବ୍ୟାଙ୍ଗମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଭାରତୀୟ ଗଣତନ୍ତ୍ରରେ ମଧ୍ୟ ଅନେକ ଦିବ୍ୟାଙ୍ଗ ବ୍ୟକ୍ତି ପ୍ରତିନିଧିତ୍ୱ କରି ରାଷ୍ଟ୍ରର ପ୍ରଗତିରେ ନିଜର ଯୋଗଦାନ ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ୯୦ ଲକ୍ଷରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତି ଭୋଟର ଭାବରେ ପଞ୍ଜୀକୃତ ହୋଇଥିଲେ। ଏବେ ସଂସଦ ଓ ବିଧାନସଭାର ଡିଜିଟାଇଜେସନ୍ କରାଯାଉଛି ଏବଂ ଏହା ସେମାନଙ୍କ ପ୍ରତିନିଧିତ୍ୱ ଏବଂ ଯୋଗଦାନକୁ ଅଧିକ ସୁନିଶ୍ଚିତ କରିପାରିବ। ସରକାରଙ୍କ ଦ୍ୱାରା ପ୍ରଣୀତ 'ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଆଇନ, ୨୦୧୬' ଦିବ୍ୟାଙ୍ଗମାନଙ୍କ ପାଇଁ ସମାନତା, ସୁଗମ୍ୟତା ଏବଂ ଅଂଶଗ୍ରହଣ ପାଇଁ ଅବସର ଆଣିଦେଇଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ବାଚସ୍ପତି ଶ୍ରୀମତୀ ପାଢ଼ୀ ଆହୁରି ମଧ୍ୟ କହିଛନ୍ତି ଯେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ 'ବାଣୀଶ୍ରୀ ବୃତ୍ତି' ଏବଂ 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶାରେ ମଧ୍ୟ ସହାୟକ ଉପକରଣ, ଦକ୍ଷତା ବିକାଶ, ପୁନର୍ବାସ, ସ୍ୱତନ୍ତ୍ର ଶିକ୍ଷା, ସାମାଜିକ ସୁରକ୍ଷା, କ୍ରୀଡ଼ା ଏବଂ ଜୀବିକା ନିର୍ବାହର ସୁଯୋଗ ପାଇଁ ସହାୟତା ଯୋଗାଇ ଦିଆଯାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ସମ୍ମିଳନୀରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କ ସହ ଉପବାଚସ୍ପତି ଭବାନୀଶଙ୍କର ଭୋଇ ଓ ସଚିବ ସତ୍ୟବ୍ରତ ରାଉତ ଯୋଗଦେଇଛନ୍ତି।

## ୨୧ରୁ ରାଜ୍ୟବ୍ୟାପୀ ଦମନ ଅଭିଯାନ

କଟକ, ୧୯।୯(ସଂଚାର ବ୍ୟୁରୋ): ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ସହ ଅପରାଧୀ ଓ ଅସାମାଜିକଙ୍କ ଉପରେ କଡ଼ା ପଦକ୍ଷେପ ନେବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଆରମ୍ଭ କରାଯାଉଛି। ଏହି ଅଭିଯାନ ୨୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ। ଅଭିଯାନ ସମୟରେ ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯିବ। ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରିବା ସହ ପ୍ରତିଷେଧମୂଳକ ଆଇନଗତ ପଦକ୍ଷେପ ନିଆଯିବ। ବେଆଇନ କାର୍ଯ୍ୟକଳାପ ବିରୋଧରେ ଚଢ଼ାଉ ଓ ଗିରଫଦାରୀକୁ ମଧ୍ୟ ଗୁରୁତ୍ୱ ଦିଆଯିବ।ବେଆଇନ ମଦ କାରବାର, ନିଶାଦ୍ରବ୍ୟ ଚାଲାଣ, ବେଆଇନ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ କାରବାର ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ବଳପୂର୍ବକ ଚାନ୍ଦା ଆଦାୟ ଓ ସଂଗଠିତ ଅପରାଧ ବିରୋଧରେ ମଧ୍ୟ କଡ଼ା ଆଇନଗତ ପଦକ୍ଷେପ ନିଆଯିବ। ଅପରାଧୀଙ୍କ ଗତିବିଧି ରୋକିବା ପାଇଁ ସୀମାନ୍ତ ଅଞ୍ଚଳରେ ବ୍ଲକିଂ ଓ ବର୍ଡର ସିଲିଂ କରାଯିବ। ଜିଲ୍ଲା ପୁଲିସ, ରେଳବାଇ ପୁଲିସ, କମିଶନରେଟ୍ ପୁଲିସ ଓ ସମ୍ପୃକ୍ତ ପୁଲିସ ୟୁନିଟ୍‌ଗୁଡ଼ିକ ପରସ୍ପର ସମନ୍ୱୟରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରିବେ।

### ସରକାରୀ ଜମିରେ ଚୋରା ଦେଶୀ-ବିଦେଶୀ ମଦ କାରବାର

# ମାଫିଆ ନିଶା ଆଡ୍ଡାରେ ଗଡ଼ିଲା ପ୍ରଶାସନର ବୁଲଡୋଜର




**କାକଟପୁର/ଅସ୍ତରଙ୍ଗ, ୧୯।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁରେ ଏବେ ଆକ୍ସନ ହିଁ ଆକ୍ସନ। ଯେଉଁ କୁଣ୍ଢେଇ ବଜାରକୁ ଦୀର୍ଘ ବର୍ଷ ଧରି ଦୁଇ ଚୋରା ମଦ ମାଫିଆ ନିଜ କଳା ସାମ୍ରାଜ୍ୟ କରି ରଖିଥିଲେ, ଶନିବାର ଅପରାହ୍ନରେ ସେହି ସାମ୍ରାଜ୍ୟ ମାଟିରେ ମିଶିଛି। କାକଟପୁର ପ୍ରଶାସନ ଫୁଲ ଆକ୍ସନ ମୁଡରେ ବୁଲଡୋଜର ମାଡିଛି। ଘଟଣାଟି ହେଉଛି କାକଟପୁର ଥାନା ଅଧୀନ କୁଣ୍ଢେଇ ମାର୍କେଟର। ଏଠି ସରକାରୀ ଜାଗାକୁ ଜବରଦଖଲ କରି ଦୋକାନ ଘର ନାଁରେ ଦୁଇ ବ୍ୟବସାୟୀ ଦୀର୍ଘ ବର୍ଷ ହେବ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିଲେ। ଦିନରେ ଦୋକାନ, ସନ୍ଧ୍ୟା ହେଲେ ମଦ ଆଡ୍ଡା। ଯୁବପିଢି ବରବାଦ ହେଉଥିଲେ। ସ୍ଥାନୀୟ ଲୋକେ ଅତିଷ୍ଠ ହୋଇ ବାରମ୍ବାର ପୋଲିସକୁ ସୂଚନା ଦେଉଥିଲେ। ଏଥର କାକଟପୁର ପୋଲିସ ସବୁ ସୀମା ଟପିଗଲା ପରେ ଆକ୍ସନକୁ ଓହ୍ଲାଇଲା। ପ୍ରଥମେ ପୋଲିସ ନିଜ ତରଫରୁ ଆଇନର ଜାଲ ବିଛାଇଲା। ଗତ ୭ ସେପ୍ଟେମ୍ବର ୨୦୨୬ରେ କେସ ନମ୍ବର ୩୨୦/୨୬ରେ ନରେନ୍ଦ୍ରପୁର ଅଞ୍ଚଳର ଦିଲ୍ଲୀପ ନାଥ ଏବଂ ଗତ ୧୬ ସେପ୍ଟେମ୍ବର ୨୦୨୬ରେ କେସ ନମ୍ବର ୩୩୮/୨୬ରେ ଛୋଟରାୟପୁର ଅଞ୍ଚଳର ଆଶିଷ ସେଣ ନାଁରେ ମାମଲା ରୁଜୁ କଲା। ଏହି ଦୁଇ ଜଣ ହିଁ କୁଣ୍ଢେଇର ମଦ ସମ୍ରାଟ। ମାମଲା ପରେ ଶନିବାର ଆସିଲା ଫାଇନାଲ ପ୍ରହାର। କାକଟପୁର ଥାନା ଅଧିକାରୀ ବସନ୍ତ ସାହୁ ଓ ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ କୁଣ୍ଢେଇ ବଜାରରେ ପହଞ୍ଚିଲା। ଜେସିବି ଲଗାଇ ଆଖି ପିଛୁଳାକେ ଦୁଇଟି ବେଆଇନ ଦୋକାନ ଘରକୁ ଭାଙ୍ଗି ଚୁରମାର କରି ଦିଆଗଲା। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ଖୁସି। ମହିଳାମାନେ କହିଛନ୍ତି ଏବେ ଗାଁ ନିଶାମୁକ୍ତ ହେବ। ପ୍ରଶାସନ କହିଛି ଅଞ୍ଚଳକୁ ନିଶାମୁକ୍ତ କରିବାକୁ ଏଭଳି ଅଭିଯାନ ଜାରି ରହିବ। ଏବେ ସମସ୍ତଙ୍କ ନଜର ଦୁଇ ମାଫିଆ କେବେ ଗିରଫ ହେବେ।

## ୭୦ ବର୍ଷର ଅପେକ୍ଷା, ତଥାପି ମିଳିନି ପଟ୍ଟା ଓ ଆବାସ

**ଆନନ୍ଦପୁର, ୧୯।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଓରାଳି ପଞ୍ଚାୟତ ୮ ନମ୍ବର ୱାର୍ଡ ଗୋଡ଼ି ସାହିର ଦଶରୁ ଉର୍ଦ୍ଧ୍ୱ ପରିବାର ଦୀର୍ଘଦିନ ଧରି ଜମିର ପଟ୍ଟା ଓ ସରକାରୀ ଆବାସ ଅପେକ୍ଷାରେ ରହିଥିବା ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ଧରି ଏଠାରେ ବସବାସ କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜମିର ପଟ୍ଟା ମିଳିନଥିବାରୁ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା କହିଛନ୍ତି। ସାହିର କେତେକ ପରିବାରଙ୍କ ମୁଣ୍ଡ ଉପରେ ଛାତ ନଥିବା ବେଳେ ଆଉ କେତେକଙ୍କ



ମାଟି ଘରର କାନ୍ଥ ଫାଟି ଯାଇଛି। ବର୍ଷା ହେଲେ ଘର ଭିତରକୁ ପାଣି ପଶୁଥିବା ଅଭିଯୋଗ ହୋଇଛି। ପଚା ଛପର ଉପରେ ଦରିପାଲ ଟାଣି କେତେକ ପରିବାର ଦିନ କାଟୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପଟ୍ଟା ପାଇଁ ସେମାନେ ବ୍ଲକ୍‌ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନଥିବା ସେମାନଙ୍କ ଅଭିଯୋଗ। ଜମିର ପଟ୍ଟା ନଥିବା କାରଣରୁ ଆବାସ ଭଳି ସରକାରୀ ସହାୟତା ପାଇବାରେ ମଧ୍ୟ ସମସ୍ୟା ଉପୁଜୁଥିବା କୁହାଯାଇଛି। ଯଦି ଉକ୍ତ ଜାଗାରେ ପଟ୍ଟା ପ୍ରଦାନରେ କୌଣସି ଆଇନଗତ କିମ୍ବା ପ୍ରଶାସନିକ ସମସ୍ୟା ରହିଛି, ତେବେ ଅନ୍ୟତ୍ର ଜମି ଯୋଗାଇ ଏହି ପରିବାରଗୁଡ଼ିକୁ ଥଇଥାନ କରିବାକୁ କାନ୍ତି ପଲେଇ, ବାସନ୍ତୀ ନାଏକ, ସଂଯୁକ୍ତା ନାଏକ, ଫୁଲ୍‌କି ପଲେଇ, ଲକ୍ଷ୍ମୀ ପଲେଇ, ପିତେଇ ପଲେଇ, ସୀତା ପଲେଇ, ନିନି ପଲେଇ, ମାମା ପଲେଇ, ସୀମା ପଲେଇ, ଟିକନ୍ କୁଅଁର, କୁମୁଦିନୀ ପଲେଇ, ପ୍ରଭାତୀ ସାହୁ, ସୁକୁଟି ନାହାକ, ରଜନୀ ଜେନା ପ୍ରମୁଖ ଦାବୀ କରିଛନ୍ତି। ଏପରି ସ୍ଥିତିରେ ଗୋଡ଼ି ସାହିର ଅସହାୟ ପରିବାରଙ୍କ ସମସ୍ୟା ପ୍ରତି ପ୍ରଶାସନ କେବେ ଦୃଷ୍ଟି ଦେବ ଏବଂ ସେମାନଙ୍କୁ ଜମି ପଟ୍ଟା ସହ ଆବାସ ଓ ଅନ୍ୟାନ୍ୟ ସରକାରୀ ସହାୟତା କେବେ ମିଳିବ, ତାହାକୁ ନେଇ ଅପେକ୍ଷାରେ ରହିଛନ୍ତି ସାହିର ବାସିନ୍ଦା।

## କେନ୍ଦୁଘାଟରେ ସନ୍ଦିଗ୍ଧ ଝାଡ଼ାବାନ୍ତି



**ନବରଙ୍ଗପୁର/ଉମରକୋଟ, ୧୯।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଉମରକୋଟ ବ୍ଲକର ଦୁର୍ଗମ କେନ୍ଦୁଘାଟ ଗାଁରେ ଝାଡ଼ାବାନ୍ତି, ଜ୍ୱର ଓ ପେଟବଥା ଭଳି ଲକ୍ଷଣ ଦେଖାଦେଇଛି। ଜଣେ ୮ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ପରେ ଗାଁରେ ମେଡିକାଲ୍ ଟିମ୍ ପହଞ୍ଚିଛି। ମୋଟ ୧୨୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବର୍ତ୍ତମାନ ୧୪ ଜଣ ପୂଜାରୀଗୁଡ଼ା ସିଏଚ୍‌ସିରେ ଚିକିତ୍ସାଧୀନ ଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ରୋଗର କାରଣ ଜାଣିବାକୁ ନଳକୂପର ପାଣି ଓ ଆକ୍ରାନ୍ତଙ୍କ ମଳ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଗାଁରେ ଓଆରଏସ୍, ହେଲୋଜିନ୍ ବଟିକା ବଣ୍ଟନ ସହ ବ୍ଲିଚିଂ ପାଉଡର୍ ସିଞ୍ଚନ କରାଯାଇଛି। ପକ୍କା ରାସ୍ତା ନଥିବାରୁ ଗୁରୁତର ରୋଗୀଙ୍କୁ ହସ୍ପିଟାଲ୍ ନେବାରେ ସମସ୍ୟା ହେଉଥିବା ଗ୍ରାମବାସୀ କହିଛନ୍ତି। ନମୁନା ରିପୋର୍ଟ ଆସିବା ପରେ ହିଁ ରୋଗର ପ୍ରକୃତ କାରଣ ସ୍ପଷ୍ଟ ହେବ।

### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ

## ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ

**ସୁନ୍ଦରଗଡ଼, ୧୯।୯ (ସଂଚାର ବ୍ୟୁରୋ):** ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦିନିକିଆ ସୁନ୍ଦରଗଡ଼ ଗସ୍ତ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଯୋଜନାର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମାନ୍ୟବର ଶ୍ରୀ ପୂଜାରୀ



ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ, ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ, ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଗତ ଅଧିକାର ପତ୍ର ବଣ୍ଟନର ସ୍ଥିତି, ହାଇଟେକ୍ ସର୍ଭେ ଆଦି ବିଷୟରେ ସମୀକ୍ଷା କରିଥିଲେ। ଏଥିସହ ସରକାରୀ ଜମିର ସୁରକ୍ଷା ଏବଂ ବ୍ୟବହୃତ ଅନୁଦାନର ଉପଯୋଗିତା ପ୍ରମାଣପତ୍ର ଦାଖଲ ସମ୍ପର୍କରେ ମଧ୍ୟ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା କରିଥିଲେ। ସେହିଭଳି ୨୦୨୬ ବର୍ଷ ପାଇଁ ଜରୁରୀକାଳୀନ ରିଲିଫ୍ ବଣ୍ଟନର ସ୍ଥିତି ଓ ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଚଳିତ ବର୍ଷାରେ ଘରର କ୍ଷୟକ୍ଷତି, ଫସଲ କ୍ଷୟକ୍ଷତି ଏବଂ ଉଦ୍ୟାନ କୃଷି କ୍ଷେତ୍ରର କ୍ଷୟକ୍ଷତି, ଶୃଙ୍ଖଳା ଖାଦ୍ୟ ବଣ୍ଟନ ପ୍ରକ୍ରିୟା ଆଦି ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ପଚାରି ବୁଝିଥିଲେ। ସେହିପରି ବୈଠକରେ ଖଣି ଓ ଶିଳ୍ପ ପ୍ରକଳ୍ପ, ରେଳପଥ ପ୍ରକଳ୍ପ, ପୂର୍ତ୍ତ ବିଭାଗ ଏବଂ ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାର ସ୍ଥିତି ନେଇ ଉପସ୍ଥାପନ କରାଯାଇଥିଲା। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ଉପରେ ଆଲୋଚନା କରାଯାଇଥିଲା।ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ସ୍ଥିତି ନେଇ ଉପସ୍ଥାପନା କରାଯାଇଥିଲା।

## କନାକୁଣ୍ଡରେ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

**ବାଲିଶଙ୍କରା, ୧୯।୯:** କନାକୁଣ୍ଡରେ ନିଖୋଜ ଥିବା ମହିଳାଙ୍କ ସନ୍ଧାନରେ ଚାଲିଥିବା ଅଭିଯାନର ଅବସାନ ଘଟିଛି। ଇବ ନଦୀରୁ ନିଖୋଜ ମହିଳା ପ୍ରଜ୍ଞାଶ୍ରୀ ପଣ୍ଡା (୩୯)ଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ବାଲିଶଙ୍କରା ବ୍ଲକ ଘୋଘରସ୍ଥିତ ଇବ ନଦୀର କନାକୁଣ୍ଡ ଘାଟରେ ପାଣିରେ ପଡ଼ି ପ୍ରଜ୍ଞାଶ୍ରୀ ନିଖୋଜ ହୋଇଥିଲେ। ଘଟଣା ପରେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ପକ୍ଷରୁ ନଦୀରେ ଖୋଜାଖୋଜି ଜାରି ରହିଥିଲା। ଶନିବାର କୁସୁମମରା ପଞ୍ଚାୟତ ଅନ୍ତର୍ଗତ ସାଙ୍ଗୋବାହାଲ ଇବ ନଦୀ ଘାଟ ନିକଟରେ ମାଛ ଧରୁଥିବା କିଛି ମାଛମରାଳି ନଦୀରେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ତୁରନ୍ତ ଏନେଇ ସମ୍ପୃକ୍ତ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ଖବର ପାଇ ଉଦ୍ଧାରକାରୀ ଦଳ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦିନ ପ୍ରାୟ ୧୨ଟା ୩୦ ସମୟରେ ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲେ। ପରେ ମୃତଦେହଟି ପ୍ରଜ୍ଞାଶ୍ରୀ ପଣ୍ଡାଙ୍କର ବୋଲି ପରିଚୟ ନିଶ୍ଚିତ ହୋଇଛି।

## ଜଣେ ଶିକାରୀ ଗିରଫ ସହିତ ଗୋଟେ ଏସେମ୍ବ୍ଲି ବନ୍ଧୁକ ଓ ଶିକାର ସରଞ୍ଜାମ ଜବତ

**ନୀଳଗିରି, ୧୯।୯ (ସଂଚାର ବ୍ୟୁରୋ):** କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରା ଜରିଆରେ ଜନୈକ ଅଭିଯୁକ୍ତ ଶିକାରୀର ଫଟୋ କଏଦ ହୋଇଥିଲା। ପରେ ସୋରୋ ବନ୍ୟପ୍ରାଣୀ ରେଞ୍ଜ ଏବଂ ଔପଦା ଥାନା କର୍ମଚାରୀଙ୍କ ସହାୟତାରେ ଆଜି ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ଥାନା ବେତେଇ (ମାଡିଚୁଆଁ) ନିକଟ ଦରଖୋଳି ଗ୍ରାମର ସନାଶଙ୍କର ହୋ ଙ୍କ



ପୁଅ ରବୀନ୍ଦ୍ର ହୋ(୨୩)ଙ୍କ ଘରେ ଚଢ଼ାଉ କରାଯାଇଥିଲା। ଘର ତଲାସୀ ସମୟରେ ରବୀନ୍ଦ୍ର ହୋ ଙ୍କ ଘର ପରିସରରୁ ବେଆଇନ ଶିକାର ପାଇଁ ବ୍ୟବହୃତ ହେଉଥିବା ୧ ଗୋଟି ଏସେମ୍ବ୍ଲି ବନ୍ଧୁକ, ୭ ବିଡ଼ା ଜୀବ ଜନ୍ତୁ ଶୀକାର ଫାସ, ୧ ଗୋଟି ହେଡ୍ ଟର୍ଚ୍ଚ ଜବତ କରାଯାଇ ନୀଳଗିରି ସ୍ଥିତ କୁଲଡିହା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଅଭିଯୁକ୍ତ ଙ୍କ ବିରୋଧରେ ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨ ର ପ୍ରାସଙ୍ଗିକ ଧାରା ଅନୁଯାୟୀ ଓ୍ୱାର ମାମଲା ନଂ ୧୦କେ / ୨୦୨୬-୨୭ ଏ ଏକ ମାମଲା ରୁଜୁ କରାଯାଇ ନୀଳଗିରି ମାନ୍ୟବର ଉପ-ଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଙ୍କ ଠାରେ ହାଜର ପରେ ବେଲ ନମଂଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ୨୦୦୦ ଲିଟର ଅବୈଧ ଦେଶୀ ମଦ ଓ ୧୫ ହଜାର କେଜି ପୋଚ ନଷ୍ଟ



**ଯୋଡ଼ା, ୧୯।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ଅବକାରୀ ନିରୀକ୍ଷକ ଶୁଭ୍ରମ ବିଶ୍ୱାଳଙ୍କ ନେତୃତ୍ୱରେ ବିଭାଗୀୟ ଟିମ୍ ପକ୍ଷରୁ ବନ୍ଧୁଆବେଡ଼ା, କୁନ୍ଦୁରନାଳା ଓ ହନୁମାନ ହଟିଂ ଅଞ୍ଚଳରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ପ୍ରାୟ ୨୦୦୦ ଲିଟର ଅବୈଧ ଦେଶୀ ମଦ ଓ ୧୫, ୦୦୦ କେଜି ପୋଚ ଜବତ କରାଯାଇଥିଲା। ପରେ ଜବତ ପୋଚକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ଅବୈଧ ମଦ ପ୍ରସ୍ତୁତି ଓ ବିକ୍ରି ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଇଥିବାବେଳେ ଯୋଡ଼ା ଅବକାରୀ ଅଧୀନ ଅଞ୍ଚଳରେ ଏଭଳି ଚଢ଼ାଉ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ସେନା କର୍ମଚାରୀଙ୍କର ଅକାଳ ବିୟୋଗରେ ଗ୍ରାମରେ ଶୋକାକୁଳ ପରିବେଶ

**ଢେଙ୍କାନାଳ, ୧୯।୯ (ସଂଚାର ବ୍ୟୁରୋ):** ଗଁଦିଆ ଥାନା ଅନ୍ତର୍ଗତ ପୋରହଖୋଜ ଗ୍ରାମର ସେନାରେ କାର୍ଯ୍ୟରତ ତାରିଣୀସେନ ସାହୁ ଙ୍କର ପୁଅ ତପନ କୁମାର ସାହୁ ଙ୍କର ଅକାଳ ବିୟୋଗରେ ଉକ୍ତ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ସୂଚନାରୁ ଜଣାଯାଏ ଜେ ମୃତ ସେନା କର୍ମଚାରୀ ତପନ ପଞ୍ଜାବ ପ୍ରଦେଶର ପଠାଣ କୋଟ ଠାରେ ଜଣେ ସିପାହୀ ଭାବରେ କାର୍ଯ୍ୟରତ ଥିଲେ ତାଙ୍କର ହଟାତ ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ୧୭ତାରିଖ ଦିନ ହୋଇଥିଲା ଓ ଉକ୍ତ ଖବର ବିଭାଗ ପକ୍ଷରୁ ତାଙ୍କ ପରିବାର ଙ୍କୁ ପ୍ରଥମେ




ଜଣାଇଦିଆ ଯାଇଥିଲା ପଠାନକୋଟରେ ତାଙ୍କର ମର ଶରୀର ଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇ ଓଡିଶା କୁ ଏକ ବିମାନ ଯୋଗେ ଅଣାଯାଇଥିଲା ସେଠାରେ ଗାର୍ଡ ଅଫ ଅନର ଦିଆଯିବ ଯିବା ସହି ସେନା ବାହିନୀର ଆଜି ସ୍ୱତନ୍ତ୍ର ଭ୍ୟାନ ଯୋଗେ ତାଙ୍କର ନିଜସ୍ୱ ଗ୍ରାମକୁ ଅଣାଯାଇଥିଲା ସେଠାରେ ପ୍ରଶାସନ ପକ୍ଷରୁ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର, ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ଙ୍କ ସମେତ ଅନେକ ସ୍ଥାନୀୟ ନେତୃବୃନ୍ଦ ଓ ମାନ୍ୟଗଣ୍ୟ ବ୍ୟକ୍ତି ଜନସାଧାରଣ ଉପସ୍ଥିତ ରହି ତାଙ୍କର ମର ଶରୀରରେ ପୁଷ୍ପ ଗୁଚ୍ଛ ପ୍ରଦାନ ଶହ ଶେଷ ଦର୍ଶନ କରିଥିଲେ ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି ।

## ଅଧା ବାଟରେ ଅଚଳ ୧୦୮ ଆମ୍ବୁଲାନ୍ସ

**ଲକ୍ଷ୍ମୀପୁର, ୧୯।୯ (ସଂଚାର ବ୍ୟୁରୋ):** ଜରୁରୀ ସମୟରେ ଗୋଟିଏ ଫୋନ୍ କଲ୍‌ରେ ପହଞ୍ଚେ ୧୦୮ ଆମ୍ବୁଲାନ୍ସ। ଉଦ୍ଦେଶ୍ୟ ଗୋଟିଏ ରୋଗୀଙ୍କୁ ଯଥାଶୀଘ୍ର ଚିକିତ୍ସା କେନ୍ଦ୍ରରେ ପହଞ୍ଚାଇ ଜୀବନ ରକ୍ଷା କରିବା। ହେଲେ ଯେଉଁ ଆମ୍ବୁଲାନ୍ସ ଜୀବନ ବଞ୍ଚାଇବାର




- ରୋଗୀଙ୍କୁ ନେଇ ଯାଉଥିବା ବେଳେ ଜାମ୍ ହେଲା ପଛ ଚକା
- ଅନ୍ୟ ଆମ୍ବୁଲାନ୍ସକୁ ଅପେକ୍ଷାରେ ବିତିଗଲା ମୂଲ୍ୟବାନ ସମୟ

ଭରସା, ସେହି ଗାଡ଼ି ଯଦି ଅଧା ବାଟରେ ଅଚଳ ହୋଇଯାଏ, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଜରୁରୀ ସମୟରେ ଏହି ସେବା କେତେ ପ୍ରସ୍ତୁତ? ରାୟଗଡ଼ା ମୁଖ୍ୟ ଡାକ୍ତରଖାନାରୁ ମୁଣ୍ଡଜନିତ ସମସ୍ୟାରେ ପୀଡ଼ିତ ଜଣେ ୧୪ ବର୍ଷୀୟା ଝିଅଙ୍କୁ ଉନ୍ନତ ଚିକିତ୍ସା ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଉଥିଲା। ଝିଅଙ୍କ ସହ ତାଙ୍କ ବାପା ଚାନ୍ଦ୍ରସେନା ଗାଣ୍ଡା ଓ ମାଆ ମଧ୍ୟ ଥିଲେ। ରୋଗୀଙ୍କୁ ନେଇ ୧୦୮ ଆମ୍ବୁଲାନ୍ସ କୋରାପୁଟ ଅଭିମୁଖେ ଆସୁଥିବା ବେଳେ ଲକ୍ଷ୍ମୀପୁରଠାରୁ ପ୍ରାୟ ୫ କିଲୋମିଟର ପୂର୍ବରୁ ପାଣ୍ଡକାପଦର ଛକ ନିକଟରେ ଘଟିଥିଲା ଅଘଟଣ। ହଠାତ୍ ଆମ୍ବୁଲାନ୍ସର ପଛ ଚକା ଜାମ୍ ହୋଇଯିବାରୁ ଗାଡ଼ି ଆଉ ଆଗକୁ ବଢ଼ିପାରିନଥିଲା। ଚାଳକ ଓ ସହଯୋଗୀ ଗାଡ଼ିକୁ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ହେଲେ ସମସ୍ୟା ସମାଧାନ ହୋଇନଥିଲା। ଶେଷରେ ଅନ୍ୟ ଏକ ଆମ୍ବୁଲାନ୍ସ ଆସିବା ପରେ ରୋଗୀଙ୍କୁ ସେଥିରେ କୋରାପୁଟ ନିଆଯାଇଥିଲା।ଗୋଟିଏ ଗାଡ଼ି ଅଚଳ, ଆଉ ଗୋଟିଏ ଗାଡ଼ିକୁ ଅପେକ୍ଷା। ଏହି ମଧ୍ୟରେ ବିତିଗଲା ମୂଲ୍ୟବାନ ସମୟ। ଜରୁରୀ ଚିକିତ୍ସାରେ ସମୟର ଗୁରୁତ୍ୱ କେତେ, ତାହା କହିବା ଆବଶ୍ୟକ ନୁହେଁ। ବିଶେଷକରି ମୁଣ୍ଡଜନିତ ସମସ୍ୟାରେ ପୀଡ଼ିତ ଜଣେ ନାବାଳିକାଙ୍କୁ ଉନ୍ନତ ଚିକିତ୍ସା ପାଇଁ ନିଆଯାଉଥିବା ବେଳେ ଏଭଳି ଯାନ୍ତ୍ରିକ ସମସ୍ୟା ପରିବାର ପାଇଁ ଚିନ୍ତା ବଢ଼ାଇଦେଇଛି।ପାହାଡ଼ ଜଙ୍ଗଲ ଘେରା ଅବିଭକ୍ତ କୋରାପୁଟ ଅଞ୍ଚଳରେ ଦୂରଦୂରାନ୍ତରୁ ରୋଗୀଙ୍କୁ ଉଚ୍ଚତର ଚିକିତ୍ସା କେନ୍ଦ୍ରକୁ ନେବା ଏକ ନିୟମିତ ଆବଶ୍ୟକତା।

## ନୂଆଁଖାଇ ଭେଟଘାଟ ଓ ସ୍କୃତିକ କାର୍ଯ୍ୟକ୍ରମ

**ସଇଁତଳା, ୧୯।୯ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସଇଁତଳା ବ୍ଲକ ଅନ୍ତର୍ଗତ କଅଁସର ଗ୍ରାମର ବୀଣାପାଣି ପୂଜା କମିଟି ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଭେଟଘାଟ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ବଲାଙ୍ଗୀର ସାଂସଦଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣା, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ସାହୁ, ବିଧାୟକଙ୍କ ବ୍ଲକ ପ୍ରତିନିଧି ବିମଳ




ଶର୍ମା, ବେଲଗାଁ ମଣ୍ଡଳ ସଭାପତି ବିରଞ୍ଚି ପୁଟେଲ, କୈଳାଶ ରଣା, ଦେବରାଜ ସାହୁ, ଘୁନସର ସମବାୟ ସମିତିର ସଭାପତି ଅଶୋକ ସାହୁ, ପୂର୍ବତନ ସରପଞ୍ଚ ସନାତନ ଦୀପ, ତ୍ରିଲକ୍ଷ ସାହୁ, ଗୋପାଳ ହରପାଳ, ଫକୀର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ନୂଆଁଖାଇ ଭେଟଘାଟ ଅବସରରେ ଉପସ୍ଥିତ ଅତିଥି ଓ ଅଞ୍ଚଳବାସୀ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇବା ସହ ଭାଇଚାରା, ସମ୍ପର୍କ ଓ ଏକତାର ବାର୍ତ୍ତା ଦେଇଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଡ୍ୟାନ୍ସ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗୀମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ।

## ୫ ଚୋରି ବାଇକ ଉଦ୍ଧାର, ଦୁଇ ଗିରଫ



**ବୋରିଗୁମ୍ମା, ୨୦।୯ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ପୁଲିସ ଦ୍ୱାରା ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ପାଞ୍ଚଟି ବାଇକକୁ ଉଦ୍ଧାର କରିବା ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ଗିରଫ ଦୁଇ ଜଣ ହେଲେ ଯୁଗଳ ହରିଜନ (୨୪), ଘର ବୋରିଗୁମ୍ମା ଥାନା ଅନ୍ତର୍ଗତ କଣାଗାଁ ଓ ଚନ୍ଦ୍ର ହରିଜନ (୨୦) ଘର କୋଟପାଡ଼ ଥାନା ଅନ୍ତର୍ଗତ ଦଙ୍ଗରୀଗୁଡା ବୋଲି ପୋଲିସ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ବୋରିଗୁମ୍ମା କେସ ନମ୍ବର-୨୩୧ /୨୯. ୭. ୨୬ ଓ କେସ ନମ୍ବର-୨୫୭/୧୩. ୯. ୨୬ ରେ ଦୁଇ ଜଣ ଅଭିଯୋଗକାରୀ ଦାମଦୋର ଭତ୍ରା ଓ ଗୁପ୍ତ ଭୂମିଆ ବାଇକ ଚୋରୀ ହୋଇଥିବା ନେଇ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୋଲିସ ତ୍ୱରିତ ୫ ଚୋରି ବାଇକକୁ ଉଦ୍ଧାର କରିବା ସହ ଦୁଇ ଜଣ ଙ୍କୁ ଗିରଫ କରିଛି। ଏଥିସହ ବାଇକ ଚୋରୀରେ ସମ୍ପୃକ୍ତ ମୁଖ୍ୟ ମାଷ୍ଟର ମାଇଣ୍ଡ କୋଣାଗାଁ ର ଯୁଗଳ ହରିଜନ ଗିରଫ ହୋଇଥିବା ପୋଲିସ ସୂଚନା ଦେଇଛନ୍ତି ଓ ଉଦ୍ଧାର ହୋଇଥିବା ଅନ୍ୟ ତିନୋଟି ବାଇକର ମାଲିକଙ୍କୁ ଡାକି ବାଇକ ହସ୍ତାନ୍ତର କରାଯିବ ବୋଲି ଏସ୍ଡିପିଓ ଶ୍ରୀ ଲେଙ୍କା କହିଛନ୍ତି।

### ନକଲି ଏମ୍‌ଭିଆଇ ଅଧିକାରୀ ଗିରଫ

## ୟୁନିଫର୍ମ ପିନ୍ଧି ଯାଞ୍ଚ ନାଁରେ ଠକେଇ

**ଫୁଲବାଣୀ, ୨୦।୯ (ସଂଚାର ବ୍ୟୁରୋ):** ନିଜକୁ ଆର୍‌ଟିଓ ବିଭାଗର ମୋଟର ଯାନ ନିରୀକ୍ଷକ (ଏମ୍‌ଭିଆଇ) ଭାବେ ପରିଚୟ ଦେଇ ଲୋକଙ୍କୁ ଠକେଇବା ଅଭିଯୋଗରେ ସାରଙ୍ଗଡ଼ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଧର୍ମେନ୍ଦ୍ର କୁମାର ବେହେରା ଓରଫ ନିଖିଲ କୁମାର ପଟ୍ଟନାୟକ (୩୦) ବୋଲି ପୁଲିସ ପକ୍ଷରୁ ପ୍ରକାଶିତ ପ୍ରେସ୍ ନୋଟ୍‌ରେ କୁହାଯାଇଛି। ସାରଙ୍ଗଡ଼ ଥାନା କେସ୍ ନଂ-୧୩୨, ତା. ୧୭.୦୯.୨୦୨୬ରେ ବିଏନ୍‌ଏସ୍‌ର ଧାରା ୩୧୮(୪)/୩୧୯(୨) ଅନୁଯାୟୀ ମାମଲା ରୁଜୁ ହୋଇଥିବା ପୁଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ନିଜକୁ ନିୟମିତ ସରକାରୀ ଚାକିରିରେ ଥିବା ଏମ୍‌ଭିଆଇ ଅଧିକାରୀ ଭାବେ ପରିଚୟ ଦେଇ ଜଣେ ମହିଳାଙ୍କ ବିଶ୍ୱାସ ହାସଲ କରିଥିଲା। ବିବାହ ପ୍ରସ୍ତାବ ଦେବା ସହ ନିଜ ପ୍ରଭାବ ବ୍ୟବହାର କରି ତାଙ୍କୁ ସରକାରୀ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିବା ପୁଲିସ କହିଛି। ଏହି ପ୍ରତିଶ୍ରୁତିରେ ବିଶ୍ୱାସ କରି ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ବିଭିନ୍ନ କିସ୍ତିରେ



ମୋଟ ୭ ଲକ୍ଷ ୧୮ ହଜାର ୮୫୧ ଟଙ୍କା ଦେଇଥିବା ଅଭିଯୋଗ ହୋଇଛି। ଟଙ୍କା ଫେରସ୍ତ ମାଗିବା ପରେ ଅଭିଯୁକ୍ତ ମୋବାଇଲ୍ ଫୋନ୍ ବନ୍ଦ କରି ଦେଇଥିବା ପୁଲିସ ପ୍ରକାଶ କରିଛି। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ନିକଟରୁ ଓଏମ୍‌ଭିଡି ୟୁନିଫର୍ମ, ନାମଫଳକ, ପୁଲିସ୍ ରେନ୍‌କୋଟ୍, ଏମ୍‌ଭିଆଇଙ୍କ ଗାଡ଼ି ଭଳି ଦେଖାଯାଉଥିବା କମଳା ରଙ୍ଗର ଲାଇଟ୍ ଲାଗିଥିବା ମାରୁତି ଏର୍ଟିଗା, ଅନ୍ୟ ଏକ ମାରୁତି ଆଲ୍ଟୋ କାର୍, ଦୁଇଟି ନାମଫଳକ, ୟୁନିଫର୍ମ ପିନ୍ଧିଥିବା ଫଟୋ, ମୋବାଇଲ୍ ଫୋନ୍, ବ୍ୟାଙ୍କ ପାସ୍‌ବୁକ୍, ଆଧାର କାର୍ଡ ଓ ଶିକ୍ଷାଗତ ପ୍ରମାଣପତ୍ର ଜବତ କରାଯାଇଛି।

## ଗ୍ରାସିମ୍‌କୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର

**ଛତ୍ରପୁର, ୧୯।୯ (ସଂଚାର ବ୍ୟୁରୋ):** ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଗଞ୍ଜାମସ୍ଥିତ ଗ୍ରାସିମ୍‌କୁ ରାଜ୍ୟସ୍ତରୀୟ ସ୍ୱୀକୃତି ମିଳିଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪୩ତମ ପ୍ରତିଷ୍ଠା ଦିବସ ଅବସରରେ ଶିଳ୍ପ ବର୍ଗରେ କମ୍ପାନୀକୁ 'ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର-୨୦୨୬' ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୧୮ରେ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆଙ୍କଠାରୁ ଗ୍ରାସିମ୍‌ର ୟୁନିଟ୍ ମୁଖ୍ୟ ଜୟଦୀପ ମଣ୍ଡଳ ଓ ପରିବେଶ ବିଭାଗ ମୁଖ୍ୟ ସୁଚିସ୍ମିତା ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଥିଲେ। ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଓ ଜଳ ସଂରକ୍ଷଣ ଦିଗରେ କମ୍ପାନୀ ନେଇଥିବା ବିଭିନ୍ନ ପଦକ୍ଷେପ ପାଇଁ ଏହି ପୁରସ୍କାର ଦିଆଯାଇଛି। ପାରଦ ପ୍ରଦୂଷଣ ଥିବା ସ୍ଥାନର ପ୍ରତିକାର, ମାଟି ଓ ଭୂତଳ ଜଳର ସୁରକ୍ଷା ଭଳି କାର୍ଯ୍ୟ ମଧ୍ୟ ଏଥିରେ ସାମିଲ ରହିଛି। କମ୍ପାନୀ ପକ୍ଷରୁ ଜଳ ସଂରକ୍ଷଣ, ବ୍ୟବହୃତ ଜଳର ପୁନଃବ୍ୟବହାର, ଜୀବାଶ୍ମ ଇନ୍ଧନର ବ୍ୟବହାର କମାଇବା ଏବଂ ବର୍ଜ୍ୟବସ୍ତୁର ସୁରକ୍ଷିତ ପରିଚାଳନା ଭଳି ପଦକ୍ଷେପ ନିଆଯାଇଛି। ଏହି ପୁରସ୍କାର ଗ୍ରାସିମ୍ ପାଇଁ ଗର୍ବର ବିଷୟ ବୋଲି ସିଏସ୍‌ଆର ମୁଖ୍ୟ ସୁସ୍ମିତା ବେହେରା କହିଛନ୍ତି।


GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, NAYAGADA (R&B) DIVISION, NAYAGADA

**WORKS DEPARTMENT**
**Tender Call Notice**
**E-mail: pwdoffngd34@gmail.com**

**Bid Identification No. S.E-Nayagada (R&B) Division- Online 14/2026-27**

The Superintending Engineer, Nayagada (R&B) Division, Nayagada, on behalf of the Governor of Odisha, invites percentage rate bids in a Single cover system in ONLINE MODE from eligible contractors for the work as detailed in the table below:

1. Nature of Work : Building & Electrical Works.
2. No of Work : 3 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Availability of Bid : From Dt. 24.09.2026 at 11.00 AM to Dt. 05.10.2026 Up to 5: 00 pm. Document on the Website
6. Date of opening of Bid : Dt. 06.10.2026 at 11.00 AM

They have to participate in ONLINE bidding only. Further details can be seen on the Website: https: //tendersodisha.gov.in. Any Addendum / Corrigendum / Cancellation of the tender can also be seen on the said website.

Superintending Engineer,
Nayagada (R&B) Division, Nayagada




## ବିଦ୍ୟାର୍ଥୀ ଗ୍ରୁପ ଅଫ ଏଜୁକେସନର ପ୍ରତିଷ୍ଠା ଦିବସ ଅନୁଷ୍ଠିତ

**ଯାଜପୁର ରୋଡ, ୧୯।୯ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ଦଳା ସ୍ଥିତ ବିଦ୍ୟାର୍ଥୀ ଗ୍ରୁପ ଅଫ ଏଜୁକେସନର ୫ତମ ବାର୍ଷିକ ସ୍ୱର୍ଣ୍ଣକ୍ଷେତ୍ର ଦିବସ ବ୍ୟାସଦେବ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ସମ୍ମାନିତ ଅତିଥି ଭାବେ ଏଫଏମ ୟୁନିଭରସିଟିର ପୂର୍ବତନ କୁଳପତି ଡ଼ଃ କୁମର ବର ଦାସ, ଝାଡ଼େଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅକ୍ଷୟ କୁମାର ପଣ୍ଡା,ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ଡ଼ଃ କୁଶଚନ୍ଦ୍ର ପ୍ରଧାନ, ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ, ପୌରାଧ୍ୟକ୍ଷ୍ୟ ସୁବାସ ଚନ୍ଦ୍ର ବଳ,ବରିଷ୍ଠ ସାମ୍ବାଦିକ ଚିନ୍ତାମଣି ପାଢ଼ୀ, ସମ୍ବାଦର ଯାଜପୁର ମୁଖ୍ୟ ଗଦାଧର ପଣ୍ଡା, ଅନୁଷ୍ଠାନର ପ୍ରତିଷ୍ଠାତା ଅଶୋକ କୁମାର ରଥ, ଟ୍ରଷ୍ଟି ମେମ୍ବର ପ୍ରଦୀପ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ଅନୁଷ୍ଠାନର ଉତରୋତର କାମନା କରିଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ସୋମ୍ୟକାନ୍ତ ରଥ ଓ ଡାଇରେକ୍ଟର ଶୁଭମ କୁମାର ସାହୁଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଏହି ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବ ରେ ଅନୁଷ୍ଠାନ ର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ପୁଷଗୁଚ୍ଛ ଓ ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ।


**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**
ମୁଖ୍ୟ କାର୍ଯ୍ୟାଳୟ: ଗଣ୍ଡମୁଣ୍ଡା,ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦
ଦୂରଭାଷ: ୦୬୭୪-୨୪୦୦୯୨ (ଜୟପୁର ଆଞ୍ଚଳିକ କାର୍ଯ୍ୟାଳୟ)

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଜୟପୁର ଆଞ୍ଚଳିକ କାର୍ଯ୍ୟାଳୟ, ଆମର ମାଥାଲପୁଟ ଶାଖା ପାଇଁ ୨୦୦ ମିଟର ମଧ୍ୟରେ ଥିବା ଆଗ୍ରହୀ ଭୂ-ସ୍ୱାମୀଙ୍କ ଠାରୁ ପରିସର ଭଡା ସୂତ୍ରରେ ଦେବା ନିମନ୍ତେ ପ୍ରସ୍ତାବ ଆମନ୍ତ୍ରଣ କରୁଛି | ବିଶଦ ବିବରଣୀ ପାଇଁ ଆମ ବ୍ୟାଙ୍କ ୱେବସାଇଟ୍ www.odishabank.bank.in-tender ଦେଖନ୍ତୁ।
ସ୍ୱା/- ଆଞ୍ଚଳିକ ପ୍ରବନ୍ଧକ

### ଭଦ୍ରକରେ ବିଷ୍ଣୁ ସେଠୀଙ୍କ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଲେ ଧର୍ମେନ୍ଦ୍ର

# ବିଷ୍ଣୁ ଭାଇ ଥିଲେ ନିଷ୍ଠା ଓ ଦିଗଦର୍ଶନର ପ୍ରତୀକ

- 'ବିଷ୍ଣୁ ବିଭବ', 'ଘାସଫୁଲ' ପତ୍ରିକା ଓ 'ଘାସଫୁଲ' ଡିଜିଟାଲ୍ ୱେବସାଇଟ୍ ଉନ୍ମୋଚିତ
- ପିଲାଙ୍କ ପୋଷଣ, ପ୍ଲାଷ୍ଟିକ୍‌ମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନ ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି

ଭଦ୍ରକ/ତିହିଡ଼ି,୧୯।୯(ସଂଚାର ବ୍ୟୁରୋ): ଧାମନଗରର ପୂର୍ବତନ ବିଧାୟକ, ଓଡ଼ିଶା ବିଧାନସଭାର ପୂର୍ବତନ ବିରୋଧୀ ଦଳର ଉପନେତା ସ୍ୱର୍ଗତଃ ବିଷ୍ଣୁ ଚରଣ ସେଠୀ ଏବେ ଜଣେ ବିଚାର ଓ ଅନୁଷ୍ଠାନରେ ପରିଣତ ହୋଇସାରିଛନ୍ତି। ସେ ଥିଲେ ଜନସେବା, ନିଷ୍ଠା ଓ ଦଳୀୟ ସଂଗଠନକୁ ନୂତନ ଦିଗଦର୍ଶନ ଦେବାର ଏକ ସୁଦୃଢ଼ ଆଦର୍ଶ ଓ ପ୍ରେରଣାର ମହାନ୍ ପ୍ରତୀକ। ଆଜି ତାଙ୍କର ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଭଦ୍ରକ ଜିଲ୍ଲା ତିହିଡ଼ିଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ସ୍ୱର୍ଗତଃ ସେଠୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ 'ବିଷ୍ଣୁ ସେଠୀ ସ୍ମୃତି ସଂସଦ' ଦ୍ୱାରା ପ୍ରକାଶିତ 'ବିଷ୍ଣୁ ବିଭବ' ଓ 'ଘାସଫୁଲ'ର ବିଶେଷ ପତ୍ରିକା ଓ ସଂସ୍କରଣ ସହ 'ଘାସଫୁଲ' ନାମକ ଡିଜିଟାଲ୍ ୱେବସାଇଟ୍‌ର ଲୋକାର୍ପଣ କରିଥିଲେ। ଏହି ସ୍ମରଣ ସଭାରେ ଶ୍ରୀ ପ୍ରଧାନ ନିଜର ପୁରୁଣା ସ୍ମୃତିରୋମନ୍ଥନ କରି କହିଛନ୍ତି ଯେ ଗତ ୨୦୦୦ରେ ସେ ଓ ଶ୍ରୀ ସେଠୀ ଏକାସାଙ୍ଗରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନସଭାରେ ଏକାଠି ବସିବାଠାରୁ ଆରମ୍ଭ କରି ଏକା କମିଟିରେ କାର୍ଯ୍ୟ କରିବା ପର୍ଯ୍ୟନ୍ତ ତାଙ୍କ ସହ ଅନେକ ଅଭୁଲା ସ୍ମୃତି ରହିଛି। ଦଳର ପ୍ରାରମ୍ଭିକ ଦିନରେ ଯେତେବେଳେ ହାତଗଣତି କେତେ ଜଣ ନେତା ଥିଲେ, ସେତେବେଳେ ଶ୍ରୀ ସେଠୀ ଅତ୍ୟନ୍ତ ପରିଶ୍ରମୀ ଥିଲେ। ରାମ ଜନ୍ମଭୂମି ଆନ୍ଦୋଳନ ପରେ ଓଡ଼ିଶାରେ ଦଳର ଯେଉଁ ବ୍ୟାପକ ବିସ୍ତାର ଆରମ୍ଭ ହେଲା, ସେଥିରେ ଶ୍ରୀ ସେଠୀ ଦଳର ମୁଖ୍ୟ ଚେହେରା ସାଜିଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ସମାଜର ଗରିବ ଓ ନିଷ୍ପେଷିତ ଲୋକଙ୍କ ପାଇଁ ନିଜର ଭାବନା, ଆବେଗ ଓ ସର୍ବସ୍ୱ ଜଳାଞ୍ଜଳି ଦେଇଥିବା ଏକ ଅନୁଷ୍ଠାନର ନାଁ ହେଉଛି ବିଷ୍ଣୁ ସେଠୀ। ସେ ଜନସେବା, ରାଜନୈତିକ ମୂଲ୍ୟବୋଧ ଓ ଜଣେ ପ୍ରତିଭାବାନ ସାହିତ୍ୟିକ ଭାବେ ଏକ ଲମ୍ବା ରେଖା ଟାଣିଛନ୍ତି। ଭଦ୍ରକ ଜିଲ୍ଲାର କୌଣସି ସାମାଜିକ ସଂଗଠନ ହେଉ କି ଦାୟିତ୍ୱସମ୍ପନ୍ନ କାର୍ଯ୍ୟ, ସେ ସବୁଥିରେ ମାହିର ଥିଲେ। ସରକାର ଓ ବ୍ୟବସ୍ଥା ସାମ୍ନାରେ ସାଧାରଣ ଲୋକଙ୍କ ହକ୍ ପାଇଁ ସ୍ୱର ଉତ୍ତୋଳନ କରିବାରେ ସେ ଥିଲେ ଅତ୍ୟନ୍ତ ନିର୍ଭୀକ ନେତା। ତାଙ୍କର ଅବର୍ତ୍ତମାନରେ ତାଙ୍କର ଏହି ନୀତି, ବିଚାର ଓ ପ୍ରେରଣା ସବୁ କାର୍ଯ୍ୟକର୍ତ୍ତାଙ୍କ ପାଇଁ ସହାୟକ ହେବ ବୋଲି ସାଂସଦ ଶ୍ରୀ ପ୍ରଧାନ ମତ ଦେଇଛନ୍ତି। ଏହି ଅବସରରେ ପ୍ରକାଶିତ 'ଘାସଫୁଲ' ପତ୍ରିକା ଓ ଡିଜିଟାଲ୍ ସଂସ୍କରଣ ବିଷୟରେ ଆଲୋଚନା କରି ସେ କହିଛନ୍ତି ଯେ ଓଡ଼ିଶାର ଗରିବ, ବଞ୍ଚିତ ଓ ନିଷ୍ପେଷିତଙ୍କ ଅଭିବ୍ୟକ୍ତି ପ୍ରକାଶର ମୁଖ୍ୟ ମଞ୍ଚ ହେଉଛି 'ଘାସଫୁଲ'। ଏହା ନିୟମିତ ସାହିତ୍ୟ ଓ ପ୍ରବନ୍ଧ ଆକାରରେ ବାହାରିଲେ ତାହା ହିଁ ଶ୍ରୀ ସେଠୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଏଥିସହ ସ୍ୱର୍ଗତ ସେଠୀଙ୍କ ସଂସ୍କାର ଓ ଆଦର୍ଶରେ ଆଜି ତାଙ୍କ ପୁଅ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଆଗକୁ ବଢ଼ୁଥିବା ସେ କହିଛନ୍ତି।



## ପାଣି ସମସ୍ୟା ନେଇ ସେବାଶ୍ରମ ଛାଡ଼ିଲେ ୬୬ ଅନ୍ତେବାସୀ

କୋରାପୁଟ,୧୯।୯(ସଂଚାର ବ୍ୟୁରୋ): ପାନୀୟ ଜଳ ଯୋଗାଣରେ ବ୍ୟାଘାତ ଆଉ ଏହାକୁ ନେଇ ହଷ୍ଟେଲ ଛାଡ଼ି ଘରକୁ ଚାଲିଗଲେ ୬୬ ଜଣ ଅନ୍ତେବାସୀ। କୋରାପୁଟ ବ୍ଲକ ଅଧୀନ ଡିଆଡିପୁଟ ସେବାଶ୍ରମ ହଷ୍ଟେଲରେ ପାଣି ସମସ୍ୟାକୁ ନେଇ ଏଭଳି ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାକୁ ନେଇ ଅଭିଭାବକମାନେ ଜନପ୍ରତିନିଧି ଓ ପ୍ରଶାସନର ଦ୍ୱାରସ୍ଥ ହେବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ କୋରାପୁଟ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାଦଳ ନାୟକ। ହଷ୍ଟେଲ ପରିଦର୍ଶନ କରି ସେ ସ୍ଥିତିର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ପମ୍ପ ମଟର ଖରାପ ହୋଇଥିବା ଯୋଗୁଁ ହଷ୍ଟେଲରେ ପାଣି ସମସ୍ୟା ଦେଖାଦେଇଛି। ପ୍ରାୟ ୫ ଦିନ ଧରି ପମ୍ପ ଖରାପ ରହିଥିବାରୁ ଅନ୍ତେବାସୀମାନଙ୍କୁ ଅଭିଭାବକମାନେ ଘରକୁ ନେଇଯାଇଥିବା କୁହାଯାଇଛି। ତେବେ ଏବେ ପମ୍ପ ମରାମତି କରାଯାଇଥିବା ଅଧିକାରୀ କହିଛନ୍ତି। ହଷ୍ଟେଲକୁ ଅନ୍ତେବାସୀମାନେ ଯେପରି ପୁଣି ଫେରିଆସିବେ, ସେନେଇ ଅଭିଭାବକଙ୍କ ସହ ଯୋଗାଯୋଗ କରିବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁସାରେ, ଡିଆଡିପୁଟ ସେବାଶ୍ରମରେ ମୋଟ ୮୩ ଜଣ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି। ସେମାନଙ୍କ ମଧ୍ୟରୁ ୮୦ ଜଣ ବାଳିକା ହଷ୍ଟେଲରେ ରହୁଥିବା ଜଣାପଡ଼ିଛି। ଅନ୍ୟପଟେ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ୩ ଜଣ ଶିକ୍ଷୟିତ୍ରୀ କାର୍ଯ୍ୟରତ ଅଛନ୍ତି। ହଷ୍ଟେଲରେ ଶିକ୍ଷକଙ୍କ ଅଭାବ ରହିଥିବା ଅଭିଯୋଗ କରି ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ଅଭିଭାବକମାନେ ଦାବି କରିଛନ୍ତି। ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତାର ସମସ୍ୟା ଯୋଗୁଁ ଅନ୍ତେବାସୀମାନେ ହଷ୍ଟେଲ ଛାଡ଼ି ଘରକୁ ଯିବା ଘଟଣା ପରେ ଏବେ ମରାମତି ହୋଇଥିବା ପମ୍ପ ଦ୍ୱାରା ନିୟମିତ ଜଳଯୋଗାଣ କେତେଦୂର ସୁନିଶ୍ଚିତ ହେଉଛି ଓ ଅନ୍ତେବାସୀମାନେ କେବେ ହଷ୍ଟେଲକୁ ଫେରୁଛନ୍ତି, ଏବେ ତା' ଉପରେ ନଜର ରହିଛି।

### ଭାରସାମ୍ୟ ହରାଇ ଧାନବିଲକୁ ଓଲଟିଲା ବସ୍

## ୬ ପର୍ଯ୍ୟଟକ ଗୁରୁତର, ୨ ଗୋରୁ ମୃତ



ନୀଳଗିରି, ୧୯।୯ (ସଂଚାର ବ୍ୟୁରୋ): ରାସ୍ତା ପାର୍ଶ୍ୱରେ ବନ୍ଧା ହୋଇଥିବା ଗୋରୁ ଆଗକୁ ଆସିଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ୩୦ ଫୁଟ ତଳେ ଥିବା ଧାନ କ୍ଷେତକୁ ଓଲଟିପଡ଼ିଛି ଏକ ଯାତ୍ରୀବାହୀ ବସ। ଫଳରେ ୧୫ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣ ଯାତ୍ରୀ ଗୁରୁତର ଥିବାରୁ ସେମାନଙ୍କୁ ରେମୁଣା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ଘଟଣା ସ୍ଥଳରେ ୨ଟି ଗୋରୁଙ୍କର ମୃତ୍ୟୁ ହୋଇଛି। ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲା ତମଲୁକ ଥାନା ଅଧୀନସ୍ଥ କେତେକ ଗ୍ରାମରୁ ଡବ୍ଲ୍ୟୁବିଏମ୍ଏସ ୫୨୨୪ ନମ୍ବରବିଶିଷ୍ଟ କାଳା ସୋନା ନାମକ ଏକ ଟୁରିଷ୍ଟ ବସ ଯୋଗେ ୫୨ ଜଣ ପର୍ଯ୍ୟଟକ ଆଜି ପୂର୍ବାହ୍ନରେ ମୟୂରଭଞ୍ଜ ଜିଲ୍ଲା ଉଦଳା ନିକଟସ୍ଥ ଦେବକୁଣ୍ଡରୁ ବୁଲା ବୁଲି ସାରି ବାଲେଶ୍ୱର ଜିଲ୍ଲା ନୀଳଗିରିରେ ପଞ୍ଚଲିଙ୍ଗେଶ୍ୱର ପୀଠ, ପରେ ପୁରୀ ବୁଲିବାକୁ ଯାଉଥିବା ବେଳେ ୧୯ ନମ୍ବର ରାଜ୍ୟ ରାଜପଥ ଉଦଳା- ନୀଳଗିରି ପୂର୍ବ ରାସ୍ତାର ଛତ୍ରପୁର ଗ୍ରାମ ନିକଟସ୍ଥ ଭୁଗୁର୍ଭୁଣି ଛକଠାରେ ପ୍ରାୟ ଅପରାହ୍ନ ୨ଟା ସମୟରେ ରାସ୍ତା ପାର୍ଶ୍ୱରେ ବନ୍ଧାଯାଇଥିବା ୨ଟି ଗୋରୁ ବସ ସାମ୍ନାକୁ ଆସିଯିବାରୁ ବସଟି ଭାରସାମ୍ୟ ହରାଇ ଧାନ ବିଲକୁ ଓଲଟି ପଡ଼ିଥିଲା। ଫଳରେ ବସ ଭିତରେ ବସିଥିବା ସମସ୍ତ ଯାତ୍ରୀ ଚିତ୍କାର କରୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାଚ ଭାଙ୍ଗି ଅବସ୍ଥାରେ ଉଦ୍ଧାର କରିଥିଲେ। ଖବର ପାଇ ବରହମପୁର ପୁଲିସ, ନୀଳଗିରିରୁ ଅଗ୍ନିଶମ ଦଳ ମିଳିତ ଭାବେ ସେମାନଙ୍କୁ ବରହମପୁର ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ୬ ଜଣ ଗୁରୁତର ଆହତଙ୍କୁ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଉଜ୍ଜଳ ମାଇତି, ଝୁମା ମାଇତି, ବଳରାମ ମାଇତି, ସୂର୍ଯ୍ୟ ମାଇତି, ଗୌତମ ବେରା ଓ ମମତା ଗୁଡ଼ିଆ। ପରେ ଅପରାହ୍ନ ସାଢ଼େ ୫ଟା ବେଳେ ଦୁଇଟି ହାଇଡ୍ରା ମେସିନ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ବସକୁ ଧାନ କ୍ଷେତରୁ ଉଦ୍ଧାର କରାଯାଇ ବରହମପୁର ଥାନାକୁ ଅଣାଯାଇଥିବା ବେଳେ ଗୋରୁ ଦୁଇଟି ଘଟଣାସ୍ଥଳରେ ମରିଯାଇଥିଲେ।

### ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ରାକେଟ୍ ମାମଲା

## ୫ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

ଖଲ୍ଲିକୋଟ,୧୯।୯(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଅର୍ଥ କାରବାର ଓ ଠକେଇ ମାମଲାରେ ଖଲ୍ଲିକୋଟ ଜେଏମ୍ଏଫସି ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରି ୫ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି -ସୁଶାନ୍ତ ସାହୁ, ସୁଦାମ ପାତ୍ର, ପବିତ୍ର ସାହୁ, ବିମଳ କୁମାର ସାହୁ ଓ ପ୍ରଦୀପ ଦାସ। ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୩୧୮(୨)/୩(୫) ଅନୁଯାୟୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାନୁଯାୟୀ, ବେଗୁନିଆପଡ଼ା ଥାନାରେ ମ୍ୟୁଲ ଆକାଉଣ୍ଟ ମାଧ୍ୟମରେ ଠକେଇ ଘଟଣା ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନେ ଯୁବକମାନଙ୍କୁ ମାଗଣା ଭ୍ରମଣ ସୁଯୋଗ ଓ ଆର୍ଥିକ ଲାଭର ପ୍ରଲୋଭନ ଦେଖାଇ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଇଥିଲେ। ପରେ ସେମାନଙ୍କଠାରୁ ଏଟିଏମ୍ କାର୍ଡ, ପାସବୁକ ଓ ଅନ୍ୟାନ୍ୟ ବ୍ୟକ୍ତିଗତ କାଗଜପତ୍ର ନେଇ ସେହି ଆକାଉଣ୍ଟଗୁଡ଼ିକୁ ମ୍ୟୁଲ୍ ଆକାଉଣ୍ଟ ଭାବେ ବ୍ୟବହାର କରି ଟଙ୍କା କାରବାର ପାଇଁ ବ୍ୟବହାର କରୁଥିଲେ। ପୁରୁଷୋତ୍ତମପୁର ଏସଡିପିଓଙ୍କ ତତ୍ତ୍ୱାବଧାନରେ ବେଗୁନିଆପଡ଼ା ପୁଲିସ ଏହି ମାମଲାର ତଦନ୍ତ କରିଥିଲା। ତଦନ୍ତ ସମୟରେ ବିଭିନ୍ନ ବ୍ୟାଙ୍କରୁ ଆକାଉଣ୍ଟ ଓ ଟଙ୍କା କାରବାର ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇଥିଲା। ଏଥିସହ ମୋବାଇଲ୍ ଫୋନ୍, ଲାପଟପ୍, ଏଟିଏମ୍ କାର୍ଡ, ଆଧାର କାର୍ଡ, ପାନ୍ କାର୍ଡ, ଚେକବୁକ୍ ଓ ହୋଟେଲ୍ ବିଲ୍ ଆଦି ଜବତ କରାଯାଇଥିଲା। ଏହି ମାମଲାରେ ଅଦାଲତ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୩୧୮(୨)/୩(୫) ଅନୁଯାୟୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ବ୍ୟାଙ୍କ ଆକାଉଣ୍ଟର ଦୁରୁପଯୋଗ, ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ଅର୍ଥ କାରବାର ଓ ଆର୍ଥିକ ଠକେଇ ବିରୋଧରେ ଓଡ଼ିଶା ପୁଲିସର ଆଇନଗତ କାର୍ଯ୍ୟାନୁଷ୍ଠାନ ଅବ୍ୟାହତ ରହିଛି। ଏପରି ଅପରାଧରେ ଜଡ଼ିତ ବ୍ୟକ୍ତି ଓ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରୁଥିବା ନେଟୱର୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ଜାରି ରହିବ।





## ମା' ତାରିଣୀ ଡେଭଲପମେଣ୍ଟ ଫୋରମର ବିଶ୍ୱକର୍ମା ପୂଜା

ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ମା' ତାରିଣୀ ଡେଭଲପମେଣ୍ଟ ଫୋରମ ପକ୍ଷରୁ ୟୁନିଟ-୩, ଖାରବେଳ ନଗରଠାରେ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଦିନରେ ଭଜନ ସମାରୋହ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଜଣାଶୁଣା ଗାୟକ ଟି. ଶୌରୀ ଓ ତୃତୀୟ ଦିନରେ ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଯୋଗଦେଇ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ। ଏଥିସହ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ଅରୁଣ ସାହୁ, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, କର୍ପୋରେଟର ରଞ୍ଜୁବାଳା ପ୍ରଧାନ ଯୋଗଦେଇଥିବା ବେଳେ ସେମାନଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ଶକ୍ତି ମିଶ୍ରଙ୍କ ସହ ବିଶିଷ୍ଟ ସମାଜସେବୀ ରବି ନାରାୟଣ ମହାପାତ୍ର ଓ ଦୈନିକ 'ସଂଚାର'ର ସମ୍ପାଦକ ହିମାଂଶୁ ଭୂଷଣ କରଙ୍କୁ ସମ୍ମାନିତ କରାଯାଇଥିଲା।

## ବୈଦ୍ୟୁତିକ ଗତିଶୀଳତା ପରିବର୍ତ୍ତନରେ 'ଫ୍ରଣ୍ଟ ରନର୍' ଓଡ଼ିଶା

- ବୃହତ୍ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ଦେଶର ବୈଦ୍ୟୁତିକ ଗତିଶୀଳତା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ନୀତି ଆୟୋଗ ପକ୍ଷରୁ ଗତ ୧୬ରେ ନୂଆଦିଲ୍ଲୀରେ ଆୟୋଜିତ ରାଜ୍ୟ ଇ.ଭି. ନୀତି ସମୀକ୍ଷା ଏବଂ ପୁନର୍ବିନ୍ୟାସ ବୈଠକରେ ପ୍ରକାଶିତ ଭାରତୀୟ ବିଦ୍ୟୁତ ଗତିଶୀଳତା ସୂଚକାଙ୍କ ୨୦୨୫ରେ ଓଡ଼ିଶା ବୃହତ୍ ରାଜ୍ୟଗୁଡ଼ିକ ମଧ୍ୟରେ 'ଫ୍ରଣ୍ଟ ରନର୍' ବର୍ଗରେ ସ୍ଥାନ ପାଇଛି। ଏହି ସୂଚକାଙ୍କରେ ଓଡ଼ିଶା ୫୫ ସ୍କୋର ହାସଲ କରିଛି। ସହରୀ ପରିବହନ ସହ ବିଶେଷ ଭାବେ ସମ୍ପୃକ୍ତ ପରିବହନ ବିଦ୍ୟୁତିକରଣର ଅଗ୍ରଗତରେ ରାଜ୍ୟ ୫୮ ଏବଂ ଚାର୍ଜିଂ ଭିତ୍ତିଭୂମି ପ୍ରସ୍ତୁତିରେ ୫୭ ସ୍କୋର ହାସଲ କରିଛି। ଉଭୟ କ୍ଷେତ୍ରରେ ଓଡ଼ିଶା 'ଫ୍ରଣ୍ଟ ରନର୍' ବର୍ଗରେ ସ୍ଥାନ ପାଇଛି। ସ୍ୱଚ୍ଛ ସାର୍ବଜନୀନ ପରିବହନକୁ ପ୍ରୋତ୍ସାହନ, ବୈଦ୍ୟୁତିକ ଯାନର ବ୍ୟବହାର ବୃଦ୍ଧି ଓ ଚାର୍ଜିଂ ଭିତ୍ତିଭୂମିର ସମ୍ପ୍ରସାରଣ ଦିଗରେ ରାଜ୍ୟର ନିରନ୍ତର ପ୍ରୟାସର ଏହା ପ୍ରତିଫଳନ। ଆଇଇଏମଆଇ ୨୦୨୪ତୁଳନାରେ ମଧ୍ୟ ଓଡ଼ିଶା ଏଥିରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ୨୦୨୪ରେ ରାଜ୍ୟର ସ୍କୋର ୪୯ ଥିବା ବେଳେ ଜାତୀୟ ସ୍ତରରେ ଓଡ଼ିଶା ୭ମରେ ରହିଥିଲା। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଭାରତୀୟ ବୈଦ୍ୟୁତିକ ଗତିଶୀଳତା ସୂଚକାଙ୍କରେ ଓଡ଼ିଶା 'ଫ୍ରଣ୍ଟ ରନର୍'ର ମାନ୍ୟତା ପାଇବା ସ୍ୱଚ୍ଛ, ସବୁଜ ଓ ଭବିଷ୍ୟତମୁଖୀ ପରିବହନ ବ୍ୟବସ୍ଥା ଗଠନ ପ୍ରତି ପ୍ରତିବଦ୍ଧତାର ପ୍ରତିଫଳନ।

### ଗଛ କାଟିବା ମହଙ୍ଗା ପଡ଼ିଲା

## ଝରିଗାଁ ରେଞ୍ଜ ମୋହରା ସେକ୍ସନ୍ ଫରେଷ୍ଟର ନିଲମ୍ବିତ



ଝରିଗାଁ,୧୯।୯(ସଂଚାର ବ୍ୟୁରୋ): ରାସ୍ତା ପ୍ରଶସ୍ତୀକରଣ ନାଁରେ ଗଛ କାଟିବା ପଡ଼ିଲା ମହଙ୍ଗା। ଏହି ଘଟଣାରେ ଫରେଷ୍ଟର ନିଲମ୍ବିତ ହୋଇଛନ୍ତି। ରାସ୍ତା ପ୍ରଶସ୍ତିକରଣ ନାଁରେ ନୀଳଗିରି ଗଛ କାଟିବା ଘଟଣାରେ ତତ୍କାଳୀନ ଝରିଗାଁ ରେଞ୍ଜ ମୋହରା ସେକ୍ସନ୍ ଫରେଷ୍ଟର ତଥା ବର୍ତ୍ତମାନର ଡାବୁଗାଁ ରେଞ୍ଜ ମୈଦଲପୁର ସେକ୍ସନ ଫରେଷ୍ଟର ବିପିନ କୁମାର ହରିଜନଙ୍କ ବିରୋଧରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡିଏଫଓ ଉଦୟନ ସୁବୁଦ୍ଧି ଫରେଷ୍ଟର ଶ୍ରୀ ହରିଜନଙ୍କୁ ଚାକରିରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଫରେଷ୍ଟରଙ୍କୁ ଡିଏଫଓ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ନିଲମ୍ବିତ ଅବଧି ମଧ୍ୟରେ ବିନାନୁମତିରେ ଜିଲ୍ଲା ସଦର ମହକୁମା ଛାଡ଼ି ସେ ଯାଇପାରିବେନି ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଝରିଗାଁ ରେଞ୍ଜ ଅଞ୍ଚଳର ଦେଓବନ୍ଧଠାରୁ ଜାମାପଦର ରାସ୍ତା ପାର୍ଶ୍ୱର ପ୍ରଶସ୍ତିକରଣ ଚାଲିଥିବା ସମୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିନାନୁମତିରେ ଫରେଷ୍ଟର ହରିଜନ ୨୦ଟି ନୀଳଗିରି ଗଛ କାଟି ବେପାରୀଙ୍କୁ ଦେଇଦେଇଥିଲେ। ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନାଁରେ ଫରେଷ୍ଟର ଟଙ୍କା ଆଦାୟ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଅନ୍ୟପକ୍ଷରେ ସମ୍ପୃକ୍ତ ଅଞ୍ଚଳରେ ରାସ୍ତା ପ୍ରଶସ୍ତିକରଣ ପାଇଁ କୌଣସି ବିଭାଗ ପକ୍ଷରୁ ବନ ବିଭାଗକୁ ଅନୁମତି ମଗାଯାଇ ନ ଥିଲା। ନିଜ ଇଚ୍ଛାରେ ରାସ୍ତା ପ୍ରଶସ୍ତିକରଣ ନାଁରେ ଲୋକେ ଲଗାଇଥିବା ୨୦ଟି ନୀଳଗିରି ଗଛକୁ ଫରେଷ୍ଟର ଜଣଙ୍କ ପଦା କରିଦେଇଥିଲେ। ଅଭିଯୋଗକୁ ଡିଏଫଓ ସୁବୁଦ୍ଧି ଗୁରୁତ୍ୱ ସହ ନେଇଥିବା ବେଳେ ଫରେଷ୍ଟର ଜଣଙ୍କ ସନ୍ତୋଷଜନକ ଉତ୍ତର ଦେଇପାରି ନଥିବାରୁ ଶେଷରେ ତାଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି।

## ହାତୀପଲ ଭାଙ୍ଗିଲେ ଘର ଓ ନଷ୍ଟକଲେ ଧାନ ଫସଲ



ଯୋଡ଼ା,୧୯।୯(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନ୍ ବର୍ଦ୍ଧନା ଗ୍ରାମରେ ୨୫ଟିକିଆ ହାତୀପଲ ଘର ଭାଙ୍ଗିବା ସହ ବିଲରେ ପଶି ଧାନ ଫସଲ ନଷ୍ଟ କରିଛନ୍ତି। ଫଳତଃ ଚମ୍ପୁଆ ରେଞ୍ଜରେ ହାତୀ ଆତଙ୍କ ବଢ଼ିବାରେ ଲାଗିଛି। ଉଖୁଣ୍ଡା ସେକ୍ସନ୍ ବର୍ଦ୍ଧନା ଗ୍ରାମରେ ୨୫ଟିକିଆ ହାତୀପଲ ପଶି ଗୋଟିଏ ଘର ଭାଙ୍ଗିବା ସହ ଧାନ ଫସଲ ନଷ୍ଟ କରିଛନ୍ତି। ଗତ କିଛିଦିନ ହେବ ଏହି ହାତୀପଲ ଚମ୍ପୁଆ ରେଞ୍ଜ ଅଧୀନ ବିଭିନ୍ନ ଗାଁରେ ପଶି ଅନେକ କ୍ଷୟକ୍ଷତି କରୁଛନ୍ତି। ଫଳରେ ଚାଷୀମାନେ ନିଜ ଫସଲ ବଞ୍ଚାଇବା ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଆଖପାଖ ଗ୍ରାମବାସୀ ମଧ୍ୟ ଆତଙ୍କିତ ହୋଇପଡ଼ିଛନ୍ତି। ୨୫ଟିକିଆ ହାତୀ ପଲ ମଙ୍ଗଳପୁର ଜଙ୍ଗଲରୁ ବାହାରି ଝାଲିଆବେଡ଼ା ଜଙ୍ଗଲ ଦେଇ ବର୍ଦ୍ଧନା ଗାଁରେ ପଶି ଧାନ ଫସଲ ନଷ୍ଟ କରିଛନ୍ତି। ଏକାଥରକେ ୨୫ଟି ହାତୀ ଦେଖି ବର୍ଦ୍ଧନା ଗାଁ ସହ ଆଖପାଖ ଗ୍ରାମର ଲୋକେ ଘରୁ ବାହାରିବାକୁ ବି ଡରୁଛନ୍ତି। ୨୫ଟିକିଆ ହାତୀ ପଲ ମଧ୍ୟରେ ୩ଟି ଦନ୍ତା, ୧୨ଟି ମାଈ ହାତୀ ଥିବା ବେଳେ ୧୦ଟି ଛୁଆ ହାତୀ ମଧ୍ୟ ଅଛନ୍ତି। ବନ ବିଭାଗ ହାତୀପଲର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି। ହାତୀମାନଙ୍କୁ ଜଙ୍ଗଲକୁ ଘଉଡ଼ାଇବା ସକାଶେ ପ୍ରଚେଷ୍ଟା ଚାଲିଛି।

### ଆରପିଏଫର ଅପରେସନ ସତର୍କ

## ଖଡ଼ଗପୁର ଷ୍ଟେସନରୁ ମିଳିଲା ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା



ବାଲେଶ୍ୱର,୧୯।୯(ସଂଚାର ବ୍ୟୁରୋ): ଆରପିଏଫର ଅପରେସନ ସତର୍କରେ ଖଡ଼ଗପୁର ରେଳ ଷ୍ଟେସନରେ ବ୍ୟାଗରୁ ୬୦ ଲକ୍ଷ ୫୫ ହଜାର ଟଙ୍କା ଜବତ କରାଯାଇଛି। ଆନ୍ଧ୍ରର ଚୁକ୍କା କିଶୋର କୁମାର ନାମକ ବ୍ୟକ୍ତିଙ୍କୁ ଏହି ମାମଲାରେ ଅଟକ ରଖାଯାଇଛି। ସେହିପରି କୋଲକାତା ଆୟ କର ନିର୍ଦ୍ଦେଶାଳୟକୁ ଏହି ମାମଲାଟି ହସ୍ତାନ୍ତର କରାଯାଇଛି। ପଶ୍ଚିମବଙ୍ଗର ଖଡ଼ଗପୁର ରେଳ ଷ୍ଟେସନର ଉତ୍ତର ପାର୍ଶ୍ୱରେ ଥିବା ନୂଆ ଫୁଟ୍ ଓଭରବ୍ରିଜ୍ ନିକଟରେ ଥିବା ବ୍ୟାଗେଜ୍ ସ୍କାନରରେ ଯାଞ୍ଚ ସମୟରେ ଆରପିଏଫ କର୍ମଚାରୀମାନେ ଏକ ବ୍ୟାଗରୁ ନଗଦ ୬୦ ଲକ୍ଷ ୫୫ ହଜାର ୪୪୦ ଟଙ୍କା ଜବତ କରିଛନ୍ତି। ଉକ୍ତ ବ୍ୟାଗ୍‌ଟି ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରୀ ଜିଲ୍ଲା ନିବାସୀ ଚୁକ୍କା କିଶୋର କୁମାରଙ୍କର ବୋଲି ଜଣାପଡ଼ିଛି। ତେବେ ସେ ଟଙ୍କା ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର କିମ୍ବା ସନ୍ତୋଷଜନକ ପ୍ରମାଣ ଦେଖାଇ ପାରିନାହାନ୍ତି। ଫଳରେ ତାଙ୍କୁ ଅଟକ ରଖାଯିବା ସହ ଏ ସମ୍ପର୍କରେ କୋଲକାତାସ୍ଥିତ ଆୟ କର ବିଭାଗକୁ ଖବର ଦିଆଯାଇଥିଲା। ଆୟ କର ନିର୍ଦ୍ଦେଶାଳୟର ଇନ୍ସପେକ୍ଟର ଅମିତ କୁମାର ଖଡ଼ଗପୁର ଆରପିଏଫ ପୋଷ୍ଟରେ ପହଞ୍ଚିବା ପରେ ଭିଡିଓଗ୍ରାଫି ସହ ଉକ୍ତ ବ୍ୟାଗ୍‌କୁ ଖୋଲାଯାଇଥିଲା। ତେବେ ଚୁକ୍କା ଏତେ ପରିମାଣରେ ଟଙ୍କା କେଉଁଠୁ ଆଣିଲେ, ସେ ଏହି ଟଙ୍କା କେଉଁଠିକୁ ନେଇଯାଉଥିଲେ, ସେନେଇ ଜାଣିବା ସକାଶେ ଆୟ କର ବିଭାଗ ତାଙ୍କୁ ମାରାଥନ୍ ଜେରା କରୁଥିବା ଜଣାପଡ଼ିଛି।

# ବିଶ୍ୱ ମୈତ୍ରୀ ଲାଗି ଓଡ଼ିଶାରେ କ୍ୟୁବା ରାଷ୍ଟ୍ରଦୂତ

### 'ପ୍ରଗତିବାଦୀ' ପରିଦର୍ଶନ ଓ ଏକତା-ବନ୍ଧୁତା ଲାଗି ଆହ୍ୱାନ




ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ସ୍ତରରେ ଯୁଦ୍ଧର ଘନଘଟା ଭିତରେ ବିଶ୍ୱ ମୈତ୍ରୀ, ଏକତା ଓ ବନ୍ଧୁତାର ଆହ୍ୱାନ ରଖି କ୍ୟୁବା ଗଣରାଜ୍ୟର ଭାରତରେ ଅବସ୍ଥାପିତ ରାଷ୍ଟ୍ରଦୂତ ଜୁଆନ କାର୍ଲସ ମାର୍ସନ ଅଗୁଇଲେରା ଓଡ଼ିଶା ଗସ୍ତ କରିଛନ୍ତି। ସେ ଆଜି 'ପ୍ରଗତିବାଦୀ' ପରିସରକୁ ଆସି ବିଭିନ୍ନ ବୁଦ୍ଧିଜୀବୀ ଓ ସାମ୍ବାଦିକଙ୍କ ସହ ଆଲୋଚନା କରିବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ଆହ୍ୱାନ ରଖିଛନ୍ତି। ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ପକ୍ଷରୁ ଆୟୋଜିତ ୮୫ତମ ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେବାକୁ ଶ୍ରୀ ଅଗୁଇଲେରା ଆସିଥିବାବେଳେ 'ପ୍ରଗତିବାଦୀ'ରେ ପହଞ୍ଚି କ୍ୟୁବା ଗଣରାଜ୍ୟର ଆଭିମୁଖ୍ୟ ଓ ବିଶ୍ୱ ପ୍ରେକ୍ଷାପଟ୍ଟ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ କ୍ୟୁବା ଗଣରାଜ୍ୟ ସବୁବେଳେ ଶାନ୍ତି ଓ ମୈତ୍ରୀ ଚାହିଁଥାଏ। ତେବେ କେଉଁଠି ମୁଣ୍ଡ ନୁଆଁଇ ନଥାଏ। କ୍ୟୁବାବାସୀ କେବେ ବି କୌଣସି ଅନ୍ତର୍ରାଷ୍ଟ୍ରୀୟ ଶକ୍ତି ସମ୍ମୁଖରେ ଆତ୍ମସମର୍ପଣ କରିନାହାନ୍ତି ବୋଲି ଶ୍ରୀ ଅଗୁଇଲେରା କହିଥିଲେ।

କ୍ୟୁବା ରାଷ୍ଟ୍ରଦୂତଙ୍କୁ 'ପ୍ରଗତିବାଦୀ'ରେ କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ସ୍ୱାଗତ କରିଥିଲେ। 'ପ୍ରଗତିବାଦୀ'ର ଏଡିଟୋରିଆଲ ନିର୍ଦ୍ଦେଶକ ଲଳିତ ପଟ୍ଟଯୋଷୀ ଓ ରାଜ୍ୟସ୍ତରୀୟ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ କମିଟିର ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି ତାଙ୍କୁ 'ପ୍ରଗତିବାଦୀ'ର ପାଠାଗାର ବୁଲାଇ ଦେଖାଇଥିଲେ ଓ ୧୯୭୩ରୁ 'ପ୍ରଗତିବାଦୀ'ର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ 'ପ୍ରଗତିବାଦୀ'ର ନିର୍ଦ୍ଦେଶିକା ଡ. ମୋନା ଲିସା ବଳ କ୍ୟୁବା ରାଷ୍ଟ୍ରଦୂତ ଶ୍ରୀ ଅଗୁଇଲେରାଙ୍କୁ 'ପ୍ରଗତିବାଦୀ' ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହ ଶାନ୍ତି ଓ ଅହିଂସାର ପ୍ରତୀକ ଭଗବାନ ବୁଦ୍ଧଦେବଙ୍କ ଏକ ପ୍ରତିକୃତି ଓ ରାଷ୍ଟ୍ରପିତା ମହାତ୍ମା ଗାନ୍ଧିଙ୍କ 'ପରଶମଣି' ଲେଖା ଥିବା ଫଳକ ଉପହାର ଦେଇଥିଲେ। 'ପ୍ରଗତିବାଦୀ'ର ସ୍ତମ୍ଭକାର ତଥା ବିଶିଷ୍ଟ ଲେଖକ ଡ. ସତ୍ୟନାରାୟଣ ମିଶ୍ର, ପ୍ରାଧ୍ୟାପକ ଡ. ଅବଶ ପରିଡ଼ା, ପ୍ରାଧ୍ୟାପକ ଡ. ବିଜୟାନନ୍ଦ ସିଂହ, ଡ. ଜୟଶ୍ରୀ ମହାପାତ୍ର, ଶିକ୍ଷାବିତ ଶରତ ଚନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର ଓ ପୁସ୍ତକ ପ୍ରକାଶକ ଶିବାଶିଷ କର କ୍ୟୁବା ରାଷ୍ଟ୍ରଦୂତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରାଷ୍ଟ୍ରଦୂତ ମଧ୍ୟ ଏହି ଲେଖକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ପକ୍ଷରୁ ବିଜୟ କୁମାର ମହାନ୍ତି, ସତୀଶ ମିଶ୍ର, ଅଶୋକ କୁମାର ସାହୁ, ପ୍ରଶାନ୍ତ ପାଇକରାୟ, ମାନଗୋବିନ୍ଦ ବେଶ୍ରା ଏବଂ ତପନ ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କ୍ୟୁବା ରାଷ୍ଟ୍ରଦୂତ ଶ୍ରୀ ଅଗୁଇଲେରା ଆଜି ତାଙ୍କର ଦୁଇଦିନିଆ ଓଡ଼ିଶା ଗସ୍ତ ସାରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ପେଟ୍ରୋଲ ପମ୍ପରେ ପ୍ରଶାସନର ମିଳିତ ଚଢ଼ାଉ

- ମାପ ଓଜନ, ଟଏଲେଟ୍, ଡେନସିଟି ଓ ପ୍ରେସର୍ ଯାଞ୍ଚ



ଢେଙ୍କାନାଳ,୧୯।୯(ସଂଚାର ବ୍ୟୁରୋ): ଢେଙ୍କାନାଳ ସହରର ଏମ୍ଏସ୍ ଗଣେଶ ପ୍ରସାଦ ଅଗ୍ରୱାଲ ପେଟ୍ରୋଲ ପମ୍ପରେ ଆଜି ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ମାପ ଓଜନ ବିଭାଗ, ଯୋଗାଣ ବିଭାଗ ସମେତ ପ୍ରଶାସନିକ ଅଧିକାରୀମାନେ ଏହି ଯାଞ୍ଚରେ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ ପେଟ୍ରୋଲ ଓ ଡିଜେଲର ମାପ ଠିକ୍ ରହୁଛି କି ନାହିଁ, ମେସିନର ମାପ ବ୍ୟବସ୍ଥା ଓ ଇନ୍ଧନର ଡେନସିଟି ଯାଞ୍ଚ କରାଯାଇଥିଲା। ଏଥିସହ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ଟଏଲେଟ୍, ପ୍ରେସର ଓ ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଯାଞ୍ଚ କରାଯାଇଥିଲା। ଗ୍ରାହକଙ୍କୁ ଠିକ୍ ମାପରେ ଇନ୍ଧନ ମିଳୁଛି କି ନାହିଁ ଏବଂ ପେଟ୍ରୋଲ ପମ୍ପରେ ସରକାରୀ ନିୟମ ଅନୁଯାୟୀ ସମସ୍ତ ସୁବିଧା ରହିଛି କି ନାହିଁ, ସେନେଇ ଅଧିକାରୀମାନେ ଗୁରୁତ୍ୱ ଦେଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ କୌଣସି ଅନିୟମିତତା ଧରାପଡ଼ିଛି କି ନାହିଁ କିମ୍ବା ଏନେଇ କୌଣସି ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିବା ପରେ ଚିତ୍ର ସ୍ପଷ୍ଟ ହେବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୮୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୦୯୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୮୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୦୯୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୮୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୦୯୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୨,୯୮୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୨୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୨,୮୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୦୯୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୮୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୦୯୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୪,୯୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୮ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୭୧ ପଇସା ରହିଛି ।

## ପେଟ୍ରୋଲ ପମ୍ପ ଆଗରେ ଝୁଲିଲା ନୋଟିସ

# ୨୦୦୦ରୁ ଅଧିକ ୟୁପିଆଇ ପେମେଣ୍ଟ ବନ୍ଦ

ନୂଆଦିଲ୍ଲୀ,୧୯।୯: ଯଦି ଆପଣଙ୍କ ପକେଟରେ ମଧ୍ୟ କ୍ୟାସ (ନଗଦ ଟଙ୍କା) ରହୁନାହିଁ ଏବଂ ଆପଣ ୫ ଟଙ୍କାର ଚା'ଠାରୁ ଆରମ୍ଭ କରି ୫୦୦୦ ଟଙ୍କାର ସପିଂ କିମ୍ବା ପେଟ୍ରୋଲ-ଡିଜେଲ ପର୍ଯ୍ୟନ୍ତ ସବୁକିଛି ୟୁପିଆଇ ସ୍କାନ କରି ପେମେଣ୍ଟ କରୁଛନ୍ତି, ତେବେ ଏହି ଖବରଟି ଆପଣଙ୍କ ପାଇଁ ବହୁତ କାମର। ଦେଶର ଅନେକ ସ୍ଥାନରେ, ବିଶେଷକରି ଗାଜିଆବାଦର ବଜାର ଏବଂ ମଧ୍ୟପ୍ରଦେଶର ପେଟ୍ରୋଲ ପମ୍ପ ବାହାରେ ଥିବା ଦୋକାନଗୁଡ଼ିକରେ ଏକ ଆଶ୍ଚର୍ଯ୍ୟଜନକ ନୋଟିସ ଝୁଲୁଥିବାର ଦେଖିବାକୁ ମିଳୁଛି "ଅକ୍ଟୋବର ୧୫ ତାରିଖରୁ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଗ୍ରହଣ କରାଯିବ ନାହିଁ।"

ଏବେ ପ୍ରଶ୍ନ ଉଠୁଛି ଯେ, ହଠାତ ଏପରି କ'ଣ ଘଟିଲା ଯେଉଁଥିପାଇଁ ଗତକାଲି ପର୍ଯ୍ୟନ୍ତ QR କୋଡ ଆଗକୁ ବଢ଼ାଇ 'ଭାଇ ଅନଲାଇନ କରିଦିଅନ୍ତୁ' ବୋଲି କହୁଥିବା ଦୋକାନୀମାନେ ଏବେ କ୍ୟାସ ମାଗିବା ଆରମ୍ଭ କରିଦେଇଛନ୍ତି? ଆସନ୍ତୁ, ଏହି ସମଗ୍ର ବିବାଦକୁ ଅତି ସହଜ ଭାଷାରେ ବୁଝିବା। ବାସ୍ତବରେ, ସରକାର ଅକ୍ଟୋବର ୧୫ ତାରିଖରୁ ୨୦୦୦ ଟଙ୍କାରୁ ଅଧିକ ବଡ଼ P2M (ପର୍ସନ-ଟୁ-ମର୍ଚାଣ୍ଟ), ଅର୍ଥାତ ଗ୍ରାହକଙ୍କ ଦ୍ୱାରା ଦୋକାନୀମାନଙ୍କୁ କରାଯାଉଥିବା ୟୁପିଆଇ କାରବାର ଉପରେ ୦.୪% ମର୍ଚାଣ୍ଟ ଡିସକାଉଣ୍ଟ ରେଟ (ଏମଡିଆର) ଲାଗୁ କରିବାକୁ ଯୋଜନା କରୁଛନ୍ତି।

ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ୦.୪% ଶୁଳ୍କ ଗ୍ରାହକମାନଙ୍କୁ ନୁହେଁ, ବରଂ ବ୍ୟବସାୟୀମାନଙ୍କୁ ଦେବାକୁ ପଡ଼ିବ। ୭୫,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ପେମେଣ୍ଟ ଉପରେ ଏହି ଶୁଳ୍କ ସର୍ବାଧିକ ୩୦୦ ଟଙ୍କା ଧାର୍ଯ୍ୟ (Cap) କରାଯାଇଛି। ଯଦି ଆପଣ ନିଜ ସାଙ୍ଗ, ସମ୍ପର୍କୀୟ କିମ୍ବା ପନିପରିବା ଦୋକାନୀଙ୍କୁ ଟଙ୍କା ପଠାଉଛନ୍ତି କିମ୍ବା ୨୦୦୦ ଟଙ୍କାରୁ କମ ମୂଲ୍ୟର କୌଣସି ଜିନିଷ କିଣୁଛନ୍ତି, ତେବେ ଆପଣଙ୍କୁ କିମ୍ବା ଦୋକାନୀଙ୍କୁ ଗୋଟିଏ ପଇସା ବି ଅତିରିକ୍ତ ଦେବାକୁ ପଡ଼ିବ ନାହିଁ। ଗାଜିଆବାଦର ବ୍ୟବସାୟୀ ଏବଂ ଅଲ ଇଣ୍ଡିଆ ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ (AIPDA) ର କହିବା କଥା ହେଉଛି, ସେମାନେ ପୂର୍ବରୁ ହିଁ କମ ଲାଭାଂଶ (ମାର୍ଜିନ) ଏବଂ ବର୍ଦ୍ଧିତ ଖର୍ଚ୍ଚ ସହିତ ସଂଘର୍ଷ କରୁଛନ୍ତି। ଏଭଳି ପରିସ୍ଥିତିରେ ଯଦି ୨୦୦୦ ଟଙ୍କାରୁ ଅଧିକ ପେମେଣ୍ଟ ଉପରେ ୦.୪% ଶୁଳ୍କ କଟିବ, ତେବେ ସେମାନଙ୍କ ରୋଜଗାର ଆହୁରି କମିଯିବ। ବ୍ୟବସାୟୀମାନେ ଦୋକାନ ବାହାରେ ପୋଷ୍ଟର ଲଗାଇ




ଦେଇଛନ୍ତି ଏବଂ ଗ୍ରାହକମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ ଅକ୍ଟୋବର ୧୫ରୁ ବଡ଼ ପେମେଣ୍ଟ ପାଇଁ ସାଙ୍ଗରେ ନଗଦ ଟଙ୍କା ନେଇ ଆସନ୍ତୁ, କାରଣ ସେମାନେ ନିଜେ ଏହି ଅତିରିକ୍ତ ଚାର୍ଜର ବୋଝ ବହନ କରିବା ମୁଡରେ ନାହାନ୍ତି। ମଧ୍ୟପ୍ରଦେଶ ସମେତ ଅନେକ ରାଜ୍ୟର ପେଟ୍ରୋଲ ପମ୍ପ ଡିଲରମାନେ ଦାବି କରିଛନ୍ତି ଯେ ଇନ୍ଧନ (Fuel) ବିକ୍ରିକୁ ଏହି MDR ପରିସରରୁ ସମ୍ପୂର୍ଣ୍ଣ ବାଦ ଦିଆଯାଉ। ଦାବି ପୂରଣ ନହେଲେ ସେମାନେ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ନେବାକୁ ମନା କରିବାକୁ ଚେତାବନୀ ଦେଇଛନ୍ତି। ବ୍ୟବସାୟୀମାନଙ୍କ ପ୍ରମୁଖ ସଂଗଠନ CAIT (କନଫେଡେରେସନ ଅଫ ଅଲ ଇଣ୍ଡିଆ ଟ୍ରେଡର୍ସ) ମଧ୍ୟ ପେଟ୍ରୋଲ ପମ୍ପ ଏବଂ ଦୋକାନୀମାନଙ୍କ ଦ୍ୱାରା ୟୁପିଆଇ ବନ୍ଦ କରିବା ନିଷ୍ପତ୍ତି ଉପରେ ଗଭୀର ଚିନ୍ତା ପ୍ରକାଶ କରିଛି।

ସରକାର ଏବଂ NPCI ର ବିଶ୍ୱାସ ଯେ ଏହି ପଦକ୍ଷେପ ଦ୍ୱାରା ସାଧାରଣ ଲୋକଙ୍କ ଦୈନନ୍ଦିନ କାରବାର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ତଥ୍ୟ ଅନୁଯାୟୀ, ୮୬% ବ୍ୟବସାୟିକ କାରବାର ୫୦୦ ଟଙ୍କାରୁ କମ ହୋଇଥାଏ ଏବଂ ୧୦% କାରବାର ୫୦୧ ରୁ ୨୦୦୦ ଟଙ୍କା ମଧ୍ୟରେ ହୋଇଥାଏ। ଅର୍ଥାତ ମାତ୍ର ୪% ବଡ଼ କାରବାର ହିଁ ଏହି ପରିସରଭୁକ୍ତ ହେବ।

ଦୋକାନୀମାନେ ଯେପରି ଗ୍ରାହକଙ୍କଠାରୁ ଜବରଦସ୍ତ ଅତିରିକ୍ତ ୟୁପିଆଇ ଚାର୍ଜ ଆଦାୟ ନ କରନ୍ତି, ସେଥିପାଇଁ ସରକାର ବ୍ୟାଙ୍କ ଏବଂ ପେମେଣ୍ଟ ପ୍ଲାଟଫର୍ମଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଆପଣ ବଡ଼ ପେମେଣ୍ଟ କରିବାକୁ ଚାହୁଁଛନ୍ତି, ତେବେ RuPay ଡେବିଟ କାର୍ଡ ଜରିଆରେ ବିନା କୌଣସି MDR ଚାର୍ଜରେ ମାଗଣା ପେମେଣ୍ଟ ବ୍ୟବସ୍ଥା ଜାରି ରହିବ।

## ତନିସ୍କ ବାଏ ରିଭାର ବାହାଘର ଗହଣା ସମ୍ଭାର 'ୱେଡିଂ ସିଗ୍‌ନେଚର୍ସ'

ଭୁବନେଶ୍ୱର,୧୯।୯: ତନିସ୍କର ବିବାହ ଅଳଙ୍କାର କେନ୍ଦ୍ରିତ ସବ୍-ବ୍ରାଣ୍ଡ୍ ରିଭା ପକ୍ଷରୁ 'ୱେଡିଂ ସିଗ୍‌ନେଚର୍ସ' ନାମରେ ନୂଆ କଲେକ୍ସନ୍ ଶୁଭାରମ୍ଭ କରାଯାଇଛି। ଏହି କଲେକ୍ସନ୍‌ରେ ଭାରତର ୬ଟି ପ୍ରମୁଖ ବିବାହ ପରମ୍ପରାକୁ ପ୍ରତିଫଳିତ କରୁଥିବା ସମ୍ପୂର୍ଣ୍ଣ ବ୍ରାଇଡାଲ ଜୁଏଲାରି ରହିଛି। ଏଥିରେ ତାମିଲ, ତେଲୁଗୁ, ରାଜସ୍ଥାନୀ/ମାରୱାଡ଼ି, ଗୁଜରାଟୀ, ମରାଠୀ ଏବଂ ସର୍ବଭାରତୀୟ/ମେଟ୍ରୋ ଶୈଳୀ ସାମିଲ ହୋଇଛି। ଏବେ କନ୍ୟାମାନଙ୍କ ବ୍ରାଇଡାଲ ଜୁଏଲାରି ଚୟନ ଧାରା ବଦଳି ଯାଇଛି। ସେମାନେ ଗୋଟିଏ ମାତ୍ର ସେଟ୍ ଉପରେ ନିର୍ଭର ନକରି ବିବାହର ପ୍ରତ୍ୟେକ ଅବସର ପାଇଁ ଅଲଗା ଅଲଗା ଅଳଙ୍କାର ବାଛୁଛନ୍ତି। ଏହାକୁ ଦୃଷ୍ଟିରେ ରଖି 'ୱେଡିଂ ସିଗ୍‌ନେଚର୍ସ'ରେ ବିବାହର ବିଭିନ୍ନ ଉତ୍ସବ ଓ ଅବସର ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସମ୍ପୂର୍ଣ୍ଣ ଜୁଏଲାରି ସମ୍ଭାର ଅଣାଯାଇଛି। ଏହି ଅବସରରେ ତନିସ୍କର ଚିଫ୍ ମାର୍କେଟିଂ ଅଫିସର ପେଲକି ସେରିଂ କହିଛନ୍ତି ଯେ ଆଜିର କନ୍ୟାମାନେ ନିଜ ବିବାହର ପ୍ରତ୍ୟେକ ଦିଗକୁ ଅଧିକ ଚିନ୍ତାଶୀଳ ଭାବେ ଦେଖୁଛନ୍ତି। ବିବାହର ସ୍ଥାନ ଓ ଉତ୍ସବଠାରୁ ଆରମ୍ଭ କରି ଫ୍ୟାସନ, ଫଟୋଗ୍ରାଫି ଓ ଅଳଙ୍କାର ପର୍ଯ୍ୟନ୍ତ ପ୍ରତ୍ୟେକ ଚୟନ ତାଙ୍କ କଳ୍ପନାର ବିବାହ ଅନୁଭୂତିକୁ ଆକାର ଦେଉଛି। ବ୍ରାଇଡାଲ ଜୁଏଲାରିରେ ଆମେ ମଧ୍ୟ ଏପ୍ରକାର ଦୃଷ୍ଟିକୋଣ ପରିବର୍ତ୍ତନକୁ ପ୍ରତିଫଳିତ କରିଛୁ। ରିଭା ବାଏ ତନିସ୍କର ୱେଡିଂ ସିଗନେଚର୍ସ କଲେକ୍ସନ ତନିସ୍କ ଷ୍ଟୋର ଓ ଅନ୍‌ଲାଇନରେ ଉପଲବ୍ଧ ହୋଇଛି।




## ଗ୍ୟାସ ସିଲିଣ୍ଡର ପାଇଁ ନୂଆ ନିୟମ

# ଅକ୍ଟୋବର ୧୫ରୁ ବଦଳିଯିବ ୟୁପିଆଇ ପେମେଣ୍ଟ ପଦ୍ଧତି

ନୂଆଦିଲ୍ଲୀ,୧୯।୯: ସାରା ଦେଶରେ ଏଲପିଜି ସିଲିଣ୍ଡରର ବହୁଳ ବ୍ୟବହାର ହୋଇଥାଏ; ତେଣୁ, ଯଦି ଆପଣ ମଧ୍ୟ ଘରେ ଏଲପିଜି ସିଲିଣ୍ଡର ବ୍ୟବହାର କରନ୍ତି, ତେବେ ଏହି ସୂଚନା ଆପଣଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିକାଲି ଅଧିକାଂଶ ଲୋକ ଡିଜିଟାଲ ପେମେଣ୍ଟ (ଡିଜିଟାଲ ମାଧ୍ୟମରେ ଟଙ୍କା ଦେୟ)କୁ ପସନ୍ଦ କରୁଛନ୍ତି ଏବଂ ଅତୀତ ତୁଳନାରେ ନଗଦ ଟଙ୍କା ବ୍ୟବହାର ହ୍ରାସ ପାଇଛି। ଯଦି ଆପଣ ବର୍ତ୍ତମାନ ସିଲିଣ୍ଡର ଡେଲିଭରି ପାଇଁ ୟୁପିଆଇ ମାଧ୍ୟମରେ ଦେୟ ପ୍ରଦାନ କରୁଛନ୍ତି, ତେବେ ନିକଟ ଭବିଷ୍ୟତରେ ଆପଣଙ୍କୁ ନଗଦ ଟଙ୍କା ଦେୟ ବ୍ୟବସ୍ଥାକୁ ଫେରିବାକୁ ପଡ଼ିପାରେ।

ବାସ୍ତବରେ, ଅକ୍ଟୋବର ୧୫ରୁ ଏକ ନୂତନ ନିୟମ ଲାଗୁ ହେବାକୁ ଯାଉଛି, ଯାହା ଅଧୀନରେ ନିର୍ଦ୍ଦିଷ୍ଟ ବର୍ଗରେ ୨,୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ଶୁଳ୍କ (ଚାର୍ଜ) ଲାଗୁ କରାଯିବ। ଉଲ୍ଲେଖନୀୟ ବିଷୟ ହେଉଛି, ଏଲପିଜି ସିଲିଣ୍ଡର ପାଇଁ କରାଯାଉଥିବା ଦେୟ ମଧ୍ୟ ଏହି ପରିସରଭୁକ୍ତ ହୋଇପାରେ। ଏହାର ଅର୍ଥ ହେଉଛି, ଅକ୍ଟୋବର ୧୫ ରୁ ଯଦି ଜଣେ ଗ୍ରାହକ ଏଲପିଜି ସିଲିଣ୍ଡର ଡେଲିଭରି ପାଇଁ ୟୁପିଆଇ ମାଧ୍ୟମରେ ଦେୟ ପ୍ରଦାନ କରନ୍ତି, ତେବେ ୫ ଟଙ୍କାର ଏକ ନିର୍ଦ୍ଦିଷ୍ଟ ମର୍ଚାଣ୍ଟ ଡିସକାଉଣ୍ଟ ରେଟ (ଏମଡିଆର) ଶୁଳ୍କ ଲାଗୁ କରାଯାଇପାରେ। ଏହି ପ୍ରସ୍ତାବ ପରେ, ଏଲପିଜି ଗ୍ରାହକମାନେ ଚିନ୍ତିତ ଅଛନ୍ତି ଯେ ଏହା ସିଲିଣ୍ଡର ପାଇଁ ଦେୟ ବ୍ୟବସ୍ଥା ଉପରେ କୌଣସି ପ୍ରଭାବ ପକାଇବ କି ନାହିଁ।

ଯଦି ଆପଣ ଘରୋଇ ଏଲପିଜି ସିଲିଣ୍ଡର ବ୍ୟବହାର କରନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ଜାଣିଥିବେ ଯେ ଏହାର ମୂଲ୍ୟ ୯୦୦ ଟଙ୍କାରୁ ୧,୧୦୦ ଟଙ୍କା ମଧ୍ୟରେ ରହିଥାଏ; ତଥାପି, ୨,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ ପେମେଣ୍ଟ ଉପରେ ଏମଡିଆର ଶୁଳ୍କ ଲାଗୁ ହୋଇପାରେ। ଘରୋଇ ଏଲପିଜି ସିଲିଣ୍ଡର କ୍ଷେତ୍ରରେ ଏମଡିଆର ଲାଗୁ ହେବ କି ନାହିଁ, ତାହା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନାହିଁ। ଯଦି ଏଲପିଜି ସିଲିଣ୍ଡର କାରବାର ଉପରେ ୫ ଟଙ୍କାର ଏମଡିଆର ଲାଗୁ ହୁଏ, ତେବେ କ'ଣ ଗ୍ରାହକଙ୍କୁ ଏହା ଦେବାକୁ ପଡ଼ିବ? ଏହାର ଉତ୍ତର ହେଉଛି 'ନା'। ଏହି ଶୁଳ୍କ ବ୍ୟବସାୟୀ (ଦୋକାନୀ କିମ୍ବା ଗ୍ୟାସ ଏଜେନ୍ସି)ଙ୍କୁ ବହନ କରିବାକୁ ପଡ଼ିବ, ଗ୍ରାହକଙ୍କୁ ନୁହେଁ।




ବାଣିଜ୍ୟିକ ସିଲିଣ୍ଡର କ୍ଷେତ୍ରରେ, ଯାହା ରେସ୍ତୋରାଁ, ଢାବା ଏବଂ ହୋଟେଲରେ ବ୍ୟବହୃତ ହୁଏ, ମୂଲ୍ୟ ୨,୭୦୦ ଟଙ୍କାରୁ ୨,୯୫୦ ଟଙ୍କା ମଧ୍ୟରେ ରହିଥାଏ। ଯେହେତୁ ଏହା ୨,୦୦୦ ଟଙ୍କାର ସୀମା ଅତିକ୍ରମ କରେ, ତେଣୁ ଏହି କାରବାରଗୁଡ଼ିକ ଉପରେ ଏମଡିଆର ଲାଗୁ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ଏମଡିଆର ଲାଗୁ କରାଯାଏ, ତେବେ କ'ଣ ସିଲିଣ୍ଡର କିଣିବା ପାଇଁ ନଗଦ ଟଙ୍କା ଦେବାକୁ ପଡ଼ିବ? ଯଦି ଏମଡିଆର ଲାଗୁ ହେବା ଫଳରେ ଏଲପିଜି ଦେୟ ପ୍ରକ୍ରିୟା ପ୍ରଭାବିତ ହୁଏ, ତେବେ ଗ୍ୟାସ ଏଜେନ୍ସିଗୁଡ଼ିକ ୟୁପିଆଇ ପରିବର୍ତ୍ତେ ନଗଦ ଟଙ୍କା ଗ୍ରହଣ କରିବାକୁ ନିଷ୍ପତ୍ତି ନେଇପାରନ୍ତି। କେତେକ ଲୋକ ଭାବିପାରନ୍ତି ଯେ ୟୁପିଆଇ ଦେୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ, କିନ୍ତୁ ବାସ୍ତବରେ ତାହା ହେବ ନାହିଁ। ଘରୋଇ ସିଲିଣ୍ଡର ପାଇଁ ଦେୟ ଉପରେ କିପରି ଶୁଳ୍କ (ଚାର୍ଜ) ଲାଗୁ କରାଯିବ, ସେ ସମ୍ବନ୍ଧୀୟ ସ୍ଥିତିକୁ ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ କରାଯିବା ଆବଶ୍ୟକ। ପ୍ରଥମତଃ, ଏଲପିଜି ଗ୍ରାହକମାନେ ଅକ୍ଟୋବର ୧୫ ପୂର୍ବରୁ ନିଜ ଏଲପିଜି ଏଜେନ୍ସି ଦ୍ୱାରା ଗ୍ରହଣ କରାଯାଉଥିବା ଦେୟ ପ୍ରଦାନ ପଦ୍ଧତି ବିଷୟରେ ଜାଣିନେବା ଉଚିତ। ଏହା ସହିତ, ସିଲିଣ୍ଡର ଡେଲିଭରି ସମୟରେ ନଗଦ ଟଙ୍କା (cash) ଦେବା ବାଧ୍ୟତାମୂଳକ କି ନୁହେଁ, ସେ ବିଷୟରେ ମଧ୍ୟ ପଚାରି ବୁଝିନିଅନ୍ତୁ। ଯଦି ଆପଣ ୟୁପିଆଇ ମାଧ୍ୟମରେ ଟଙ୍କା ଦେଉଛନ୍ତି, ତେବେ ନିଜ ରେକର୍ଡ ପାଇଁ ଟ୍ରାଞ୍ଜାକ୍ସନର ଏକ ସ୍କ୍ରିନସଟ (screenshot) ରଖନ୍ତୁ। ଯଦି ଏଥିପାଇଁ କୌଣସି ସ୍ପଷ୍ଟ ଯୁକ୍ତିଯୁକ୍ତ ସୂଚନା ନାହିଁ, ତେବେ ୫ ଟଙ୍କା ଅତିରିକ୍ତ ଶୁଳ୍କ ଦିଅନ୍ତୁ ନାହିଁ।

## ହାମଲେଜ୍‌ର ଫ୍ଲାଗସିପ୍ ଜୁବିଲି ହିଲ୍‌ସ ଷ୍ଟୋର୍ ଉଦ୍‌ଘାଟିତ




ହାଇଦ୍ରାବାଦ,୧୯।୯: ବିଶ୍ୱର ପୁରାତନ ଓ ପ୍ରମୁଖ ଖେଳନା ରିଟେଲର ହାମଲେଜ୍ ପକ୍ଷରୁ ହାଇଦ୍ରାବାଦର ଜୁବିଲି ହିଲ୍‌ସରେ ଏକ ବୃହତ୍ ଷ୍ଟୋର ଖୋଲିଛି। ହାଇଦ୍ରାବାଦରେ କମ୍ପାନିର ଏହା ଦଶମ ଷ୍ଟୋର। ୧୦ ହଜାର ବର୍ଗଫୁଟରେ ୩ ମହଲାରେ ପରିବ୍ୟାପ୍ତ ଏହି ଷ୍ଟୋରରେ ବ୍ୟାପକ ବର୍ଗର ଖେଳନା, ଉପହାର ସାମଗ୍ରୀ ଆଦି ଉପଲବ୍ଧ କରାଯାଇଛି। ୧୦ ହଜାରରୁ ଅଧିକ ପ୍ରକାରର ଖେଳନା, ଗେମ୍‌ସ ଓ ଉପହାର ସାମଗ୍ରୀ ଏଠାରେ ଚୟନ କରିବା ସୁଯୋଗ ଗ୍ରାହକଙ୍କ ପାଇଁ ରହିଛି। ଆସନ୍ତା ନଭେମ୍ବରରେ ଏଠାରେ ଖେଳ ପାଇଁ ଏକ ସ୍ୱତନ୍ତ୍ର ଅଞ୍ଚଳ ଖୋଲିବ।ସୋରୁମ ଉନ୍ମୋଚନକୁ ପାଳନ କରିବା ପାଇଁ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଗ୍ରାହକ, ଇନଫ୍ଲୁଏନ୍‌ସର୍ସ, କ୍ରିଏଟରମାନଙ୍କ ସହିତ ଅତିଥି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୧୭୬୦ ମସିହାରେ ଲଣ୍ଡନରେ ପ୍ରତିଷ୍ଠିତ ହାମଲେଜ୍‌କୁ ଭାରତରେ ରିଲାଏନ୍ସ ରିଟେଲ ପରିଚାଳନା କରୁଛି।

## ମେଟ୍ରୋ ନେଟୱର୍କରେ ଭାରତ ମାତ୍ର ୨୧୬ କିମି ପଛରେ

ନୂଆଦିଲ୍ଲୀ: ୧୯୮୪ରେ କୋଲକାତାରୁ ମାତ୍ର ଗୋଟିଏ ମେଟ୍ରୋ ଲାଇନ୍ ସହ ଭାରତରେ ଆରମ୍ଭ ହୋଇଥିଲା ମେଟ୍ରୋ ଯାତ୍ରା। ଆଉ ଏବେ ଦେଶବ୍ୟାପୀ ବିଶାଳ ମେଟ୍ରୋ ନେଟୱର୍କ ଆମେରିକାକୁ ଟପିବ ଟପିବ ହେଉଛି। ଭାରତର ମେଟ୍ରୋ ନେଟୱର୍କ ଏବେ ୨୬ଟି ସହରରେ ପ୍ରାୟ ୧,୧୭୦ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଅନ୍ୟପଟେ ଆମେରିକାରେ ମେଟ୍ରୋ ନେଟୱର୍କ ୧,୩୮୬ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି। ହିସାବ କରି ଦେଖିଲେ ଭାରତ ବର୍ତ୍ତମାନ ଆମେରିକା ଠାରୁ ମାତ୍ର ୨୧୬ କିଲୋମିଟର ପଛରେ ରହିଛି। ବର୍ତ୍ତମାନ ଓଡ଼ିଶା ସମେତ ଦେଶର ଆଉ କେତେକ ରାଜ୍ୟର ମେଟ୍ରୋଲ ନେଟୱର୍କ ବିଛାଇବା ପାଇଁ ଯୋଜନା ଚାଲିଛି। ଏସବୁ ସଫଳ ହେଲେ ମେଟ୍ରୋ ନେଟୱର୍କରେ ଭାରତ ହୁଏତ ଆମେରିକାକୁ ଟପିଯାଇପାରେ। ଏହି ଲକ୍ଷ୍ୟ ଆଉ ବେଶି ଦୂର ନୁହେଁ, ଆସନ୍ତା ବର୍ଷ ହିଁ ଭାରତ ଆମେରିକାକୁ ଟପିଯାଇପାରେ ବୋଲି ଭାରତ ସରକାର କହିଛନ୍ତି। ସେପ୍ଟେମ୍ବର ୫ରେ ଇନ୍ଦୋର ମେଟ୍ରୋର ବିସ୍ତାରିତ ସେବା ଉଦଘାଟନ ପରେ କେନ୍ଦ୍ରୀୟ ଆବାସ ଓ ସହର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର ଏହି ସୂଚନା ଦେଇଥିଲେ। ଆସନ୍ତା ଦୁଇ ବର୍ଷରେ ଭାରତ ଆମେରିକାକୁ ଅତିକ୍ରମ କରି ବିଶ୍ୱର ଦ୍ୱିତୀୟ ସର୍ବବୃହତ ମେଟ୍ରୋ ନେଟୱର୍କ ହୋଇପାରେ ବୋଲି ଖଟ୍ଟର କହିଥିଲେ। ବର୍ତ୍ତମାନ ଚୀନ୍ ପ୍ରାୟ ୮,୦୦୦ କିଲୋମିଟର ମେଟ୍ରୋ ନେଟୱର୍କ ସହ ବିଶ୍ୱର ନମ୍ବର-ୱାନ ମେଟ୍ରୋ ସେବା ସମ୍ପନ୍ନ ଦେଶର ଟାଇଟଲ ହାସଲ କରିଛି। ଭାରତର ପ୍ରଥମ ମେଟ୍ରୋ ସେବା ୧୯୮୪ରେ କୋଲକାତାରେ



ଆରମ୍ଭ ହୋଇଥିଲା। ୨୦୦୨ ପର୍ଯ୍ୟନ୍ତ କୋଲକାତା ଓ ନୂଆଦିଲ୍ଲୀକୁ ମିଶାଇ ଦେଶରେ ପ୍ରାୟ ୨୫ କିଲୋମିଟର ମେଟ୍ରୋ ନେଟୱର୍କ ଥିଲା। ହେଲେ ୨୦୧୪ ବେଳକୁ ଦେଶର ମେଟ୍ରୋ ନେଟୱର୍କ ପ୍ରାୟ ୨୪୮ କିଲୋମିଟରକୁ ବୃଦ୍ଧି ପାଇଥିଲା। ଏବଂ ସେତେବେଳେ ମାତ୍ର ୫ଟି ସହରରେ ମେଟ୍ରୋ ଚାଲୁଥିଲା। ଏହାପରେ ପରେ ପରେ ଦେଶରେ ଦ୍ରୁତ ଗତିରେ ମେଟ୍ରୋ ନେଟୱର୍କ ବିସ୍ତାର ହୋଇଛି। ୨୦୨୫ ସୁଦ୍ଧା ମେଟ୍ରୋ ନେଟୱର୍କ ୧,୦୦୦ କିଲୋମିଟର ଅତିକ୍ରମ କରି ୨୬ଟି ସହରରେ ପହଞ୍ଚିଥିଲା। ସରକାରୀ ତଥ୍ୟ ଅନୁସାରେ ୨୦୨୫ରେ ଦେଶରେ ମେଟ୍ରୋ ନେଟୱର୍କ ପ୍ରାୟ ୧,୦୯୫ କିଲୋମିଟର ଥିଲା ଏବଂ ୨୦୨୬ରେ ଆଉ ଟିକେ ବଢ଼ି ୧,୧୫୫ କିଲୋମିଟରରୁ ଅଧିକ ହୋଇଥିଲା। ଇନ୍ଦୋରର ନୂଆ ନେଟୱର୍କ ବିସ୍ତାର ପରେ ଦେଶରେ ୧,୧୭୦ କିଲୋମିଟରରେ ବିଶାଳ ମେଟ୍ରୋ ନେଟୱର୍କରେ ପହଞ୍ଚିଛି ବୋଲି ମନ୍ତ୍ରୀଙ୍କ ଶ୍ରୀ ଖଟ୍ଟର ଆକଳନ କରିଛନ୍ତି।

ମେଟ୍ରୋ ଲାଇନ୍ ନିର୍ମାଣର ଗତି ମଧ୍ୟ ବଢ଼ିଛି। ୨୦୧୪ ପୂର୍ବରୁ ପ୍ରତିମାସରେ ହାରାହାରି ପ୍ରାୟ ୦.୬୮ କିଲୋମିଟର ମେଟ୍ରୋ ଲାଇନ୍ ଚାଲୁ ହେଉଥିବା ବେଳେ ପରବର୍ତ୍ତୀ ସମୟରେ ଏହା ପ୍ରାୟ ମାସକୁ ୬ କିଲୋମିଟର ହିସାବରେ ବଢ଼ିଛି।

# କୁକୁଡ଼ା ଫାର୍ମ ଦୁର୍ଗନ୍ଧକୁ ନେଇ ତାତିଲେ ଗ୍ରାମବାସୀ




ଆନନ୍ଦପୁର, ୧୯।୯(ସଂଚାର ବ୍ୟୁରୋ) କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଖାଳିଆମେଣ୍ଟା ପଞ୍ଚାୟତର ଗୋପାଳପୁର ଗ୍ରାମରେ ଏକ କୁକୁଡ଼ା ଫାର୍ମକୁ ନେଇ ଅସନ୍ତୋଷ ଦେଖାଦେଇଛି। ଫାର୍ମରୁ ନିର୍ଗତ ହେଉଥିବା ଦୁର୍ଗନ୍ଧ ଯୋଗୁଁ ଗ୍ରାମବାସୀ ଅସୁବିଧାରେ ପଡ଼ୁଥିବା ଅଭିଯୋଗ କରିଛନ୍ତି। ଜନବସତି ନିକଟରେ ଫାର୍ମ ସ୍ଥାପନ ହୋଇଥିବା ଏବଂ ଏହାକୁ ନେଇ ଗ୍ରାମସଭା କରାଯାଇନଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗୋପାଳପୁର ଗ୍ରାମରେ ୩ ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଲୋକସଂଖ୍ୟା ଏକ ହଜାରରୁ ଅଧିକ। ଗ୍ରାମରେ ହରିଜନ, ଗୋପାଳ ଓ ଆଦିବାସୀ ସମ୍ପ୍ରଦାୟର ଲୋକେ ମୁଖ୍ୟତଃ ବସବାସ କରୁଛନ୍ତି। ଗ୍ରାମ ନିକଟରେ ଥିବା କୁକୁଡ଼ା ଫାର୍ମରୁ ନିର୍ଗତ ଦୁର୍ଗନ୍ଧ ଯୋଗୁଁ ଦୈନନ୍ଦିନ ଜୀବନ ଅସୁବିଧାଜନକ ହୋଇପଡ଼ିଥିବା ସେମାନେ ଅଭିଯୋଗ କରିଛନ୍ତି। ଫାର୍ମଟି ଜନବସତିଠାରୁ ପ୍ରାୟ ୧୦୦ ମିଟର ଦୂରରେ ରହିଥିବା ଗ୍ରାମବାସୀ କହିଛନ୍ତି। କୁକୁଡ଼ା ଫାର୍ମ ସ୍ଥାପନ ସମ୍ପର୍କରେ ପ୍ରଚଳିତ ନିୟମ ଓ ଦୂରତା ମାନଦଣ୍ଡ ପାଳନ ହୋଇଛି କି ନାହିଁ, ତାହାର ଯାଞ୍ଚ ଦାବି କରିଛନ୍ତି ଗ୍ରାମବାସୀ। ଏଥିସହ ଫାର୍ମ ସ୍ଥାପନ ପୂର୍ବରୁ ଗ୍ରାମସଭା ହୋଇନଥିବା ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି।ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ଡାକ ଯୋଗେ ଅଭିଯୋଗ ପଠାଇଥିବା କହିଛନ୍ତି। ତେବେ ଏହି ଅଭିଯୋଗ ପରେ ଘଟଣାର ତଦନ୍ତ କରାଯାଇଛି କି ନାହିଁ ଏବଂ ଫାର୍ମ ସ୍ଥାପନ ସମୟରେ ସମସ୍ତ ନିୟମ ପାଳନ ହୋଇଛି କି ନାହିଁ, ତାହା ନେଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟତା ମିଳିନାହିଁ। ଫାର୍ମରୁ ନିର୍ଗତ ଦୁର୍ଗନ୍ଧ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅକ୍ଷୟ କୁମାର ମଲ୍ଲିକ, ଅନାମ ବାରିକ, ଲକ୍ଷ୍ମୀଧର ବାରିକ, ସମୀର ମଲ୍ଲିକ, ଶୁଭେନ୍ଦୁ ଦାଶ, ବାପୁନ୍ ମଲ୍ଲିକ, ଯୀଶୁ ବାରିକ, ସେବତୀ ବାରିକ, ପ୍ରେମଲତା ବାରିକ, କୁମୁଦିନୀ ବାରିକ, ସଞ୍ଜୁଲତା ବାରିକ, ମାଳତୀ ବାରିକ, କୁନ୍ତଳା ମଲ୍ଲିକ, ରାଧାରାଣୀ ମଲ୍ଲିକ, ଅନିତା ଜେନା, ତୁଳସୀ ମଲ୍ଲିକ, ପଦ୍ମନାଭ ମଲ୍ଲିକ, ନନ୍ଦରାଣୀ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗର ସତ୍ୟତା ଯାଞ୍ଚ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏବେ ଗୋପାଳପୁର ଗ୍ରାମବାସୀଙ୍କ ଅଭିଯୋଗ ଉପରେ ପ୍ରଶାସନ କେବେ ପଦକ୍ଷେପ ନେଉଛି, ତାହାକୁ ଅପେକ୍ଷା କରିଛନ୍ତି ଗ୍ରାମବାସୀ।

## ଫ୍ଲାଏଓଭର ନିର୍ମାଣ ପାଇଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ



କେସିଙ୍ଗା,୧୯।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅଧୀନ ଜାତୀୟ ରାଜପଥ-୨୬ର ପାଷ୍ଟିକୁଡ଼ି ଚାରିଛକରେ ପ୍ରସ୍ତାବିତ ଫ୍ଲାଏଓଭର ନିର୍ମାଣକୁ ନେଇ ପ୍ରଶାସନିକ ପ୍ରକ୍ରିୟା ଆଗକୁ ବଢ଼ିଛି। ଫ୍ଲାଏଓଭର ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପରେ ଚାରିଛକର ଉଭୟ ପାର୍ଶ୍ୱରେ ଥିବା କିଛି ଘର ଓ ଦୋକାନ ଉଚ୍ଛେଦ କାର୍ଯ୍ୟ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପାଷ୍ଟିକୁଡ଼ି ଚାରିଛକରେ ଫ୍ଲାଏଓଭର ନିର୍ମାଣ ପାଇଁ ମୋଟ ପ୍ରାୟ ୬୭ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା କୁହାଯାଉଛି। ଏହି ଅର୍ଥରୁ ଜମି ଅଧିଗ୍ରହଣ ପାଇଁ ପ୍ରାୟ ୩୩ କୋଟି ଟଙ୍କା, ଫ୍ଲାଏଓଭର ନିର୍ମାଣ ପାଇଁ ୨୭ କୋଟି ଟଙ୍କା, ବିଦ୍ୟୁତ୍ ସମ୍ପର୍କିତ କାମ ପାଇଁ ୫ କୋଟି ଟଙ୍କା ଏବଂ ପାଣି ପାଇପଲାଇନ୍ ସ୍ଥାନାନ୍ତରଣ କିମ୍ବା ସମ୍ପର୍କିତ କାମ ପାଇଁ ପ୍ରାୟ ୨ କୋଟି ଟଙ୍କା ଧାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ଫ୍ଲାଏଓଭର ନିର୍ମାଣ ପାଇଁ ଚାରିଛକର ଉଭୟ ପାର୍ଶ୍ୱରେ ପ୍ରାୟ ୧୩ ଏକର ଜମି ଅଧିଗ୍ରହଣ କରାଯାଇଥିବା କୁହାଯାଉଛି। ଜମି ଅଧିଗ୍ରହଣରେ ପ୍ରଭାବିତ ଜମି ମାଲିକ ଓ ସମ୍ପୃକ୍ତ ଲୋକଙ୍କୁ ନିୟମାନୁସାରେ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିବା ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି। ଏହାପରେ ନିର୍ମାଣ କାର୍ଯ୍ୟ ପାଇଁ ରାସ୍ତା ସଫା କରିବା ଉଦ୍ଦେଶ୍ୟରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଜେସିବି ମେସିନ୍ ସହାୟତାରେ ଘର ଓ ଦୋକାନ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପାଷ୍ଟିକୁଡ଼ି ଚାରିଛକର ଉଭୟ ପାର୍ଶ୍ୱରେ ଥିବା ପ୍ରାୟ ୮୦ଟି ପରିବାରର ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଏହି ପ୍ରକ୍ରିୟାରେ ପ୍ରଭାବିତ ହେଉଥିବା ସୂଚନା ମିଳିଛି। ଉଚ୍ଛେଦ କାର୍ଯ୍ୟ ପରେ ନିର୍ମାଣ ପାଇଁ ଆବଶ୍ୟକ ସ୍ଥାନ ପ୍ରସ୍ତୁତ କରାଯିବ ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି।

● କେସିଙ୍ଗା ବ୍ଲକରେ ନୂତନ ପ୍ରଶାସନିକ ଗୃହ ଉଦ୍‌ଘାଟିତ

## ୫୨ ଲକ୍ଷ ବ୍ୟୟରେ ନିର୍ମିତ ଗୃହକୁ ଲୋକାର୍ପଣ କଲେ କଳାହାଣ୍ଡି ସାଂସଦ




କେସିଙ୍ଗା,୧୯।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ୫୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ପ୍ରଶାସନିକ ଗୃହର ଶୁଭ ଉଦ୍‌ଘାଟନ ଶୁକ୍ରବାର ଅନୁଷ୍ଠିତ ହୋଇଛି। କଳାହାଣ୍ଡି ସାଂସଦ ମାଳବିକା ଦେବୀ ଏହି ନୂତନ ପ୍ରଶାସନିକ ଗୃହକୁ ଲୋକାର୍ପଣ କରିଥିଲେ। ନୂତନ ଗୃହ ନିର୍ମାଣ ଫଳରେ ବ୍ଲକ କାର୍ଯ୍ୟାଳୟର ପ୍ରଶାସନିକ କାର୍ଯ୍ୟ ସୁଚାରୁ ଭାବେ ପରିଚାଳନା କରିବା ସହ ଲୋକଙ୍କୁ ବିଭିନ୍ନ ସରକାରୀ ସେବା ଯୋଗାଇବାରେ ସୁବିଧା ହେବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ ଅଞ୍ଚଳର ବିଭିନ୍ନ ପ୍ରଶାସନିକ ଓ ଜନସାଧାରଣ ସମ୍ପର୍କିତ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ବିଶେଷକରି କେସିଙ୍ଗା ନିର୍ବାଚନମଣ୍ଡଳୀର ପୁନର୍ଗଠନ ସମ୍ପର୍କରେ ସେ କଳାହାଣ୍ଡି ସାଂସଦଙ୍କ ନିକଟରେ ଦାବି ରଖିଥିଲେ। ଅଞ୍ଚଳର ଭୌଗୋଳିକ ପରିସ୍ଥିତି, ଜନସାଧାରଣଙ୍କ ସୁବିଧା ଓ ପ୍ରଶାସନିକ କାର୍ଯ୍ୟର ସୁଗମତାକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ। ଏହି ଅବସରରେ କେସିଙ୍ଗା ବ୍ଲକ ବିଡିଓ ଜନ୍ମଜୟ ସ୍ୱାଇଁ ନୂତନ ପ୍ରଶାସନିକ ଗୃହ ନିର୍ମାଣର ପୃଷ୍ଠଭୂମି, ଏହାର ଆବଶ୍ୟକତା ଓ ଉପଯୋଗିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ସାଇନସେସ୍ ଓ ହୋଟେଲ୍ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଆୟୋଜିତ




ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ଓ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍)ର ଛାତ୍ରଛାତ୍ରୀଙ୍କ ନିମନ୍ତେ ଶନିବାର ଏକ ସ୍ୱତନ୍ତ୍ର ଗ୍ରାଜୁଏସନ୍ ଉତ୍ସବ ଆୟୋଜିତ ହୋଇଯାଇଛି। ଆଇବିଏସ୍‌ର୨୦୨୩ - ୨୬ ବ୍ୟାଚର ବ୍ୟାଚଲର ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ୍ (ବିବିଏ), ୨୦୨୧-୨୦୨୬ ବ୍ୟାଚର ଇଂଟିଗ୍ରେଟେଡ୍ ମାଷ୍ଟର ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ୍ (ଆଇଏମ୍‌ବିଏ), ୨୦୨୪-୨୬ ବ୍ୟାଚର ମାଷ୍ଟର ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ୍ (ଏମ୍‌ବିଏ) ଓ ଏମ୍‌ବିଏ ଇନ୍ ହସ୍ପିଟାଲ ଆଡମିନିଷ୍ଟ୍ରେସନ୍ (ଏମ୍‌ବିଏଏଚ୍‌ଏ)ର ଛାତ୍ରଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ସେହିପରି ଏସ୍‌ଏଚ୍‌ଏମ୍‌ର ୨୦୨୪-୨୦୨୬ ବ୍ୟାଚର ଏମ୍‌ବିଏ ଇନ୍ ହସ୍ପିଟାଲିଟି ମ୍ୟାନେଜମେଣ୍ଟ ଓ ୨୦୨୨-୨୦୨୬ ବ୍ୟାଚର ବ୍ୟାଚଲର ଇନ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି (ବିଏଚ୍‌ଏମ୍‌ସିଟି)ର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସୋଆ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ। ଏହି ଅବସରରେ ଉପକୁଳପତି କହିଥିଲେ ଯେ ଏହି ଡିଗ୍ରୀ ଛାତ୍ରଛାତ୍ରୀଙ୍କର ପରିଶ୍ରମ, ଧୈର୍ଯ୍ୟ, ସମୟାନୁବର୍ତ୍ତୀତା, ଶୃଙ୍ଖଳା, ସଂଘର୍ଷ ଓ ପ୍ରତିବଦ୍ଧତାର ପ୍ରତୀକ। ଜଣେ ଛାତ୍ର ବା ଛାତ୍ରୀର ଜୀବନର ଶ୍ରେଷ୍ଠ ଓ ମହତ୍ୱପୂର୍ଣ୍ଣ ଦିନ ହେଉଛି ଗ୍ରାଜୁଏସନ୍ କାର୍ଯ୍ୟକ୍ରମ। ଶୃଙ୍ଖଳା, ସମୟାନୁବର୍ତ୍ତୀତା ଓ ଉତ୍ତମ ମନୋଭାବ ଛାତ୍ର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ପ୍ରଫେସର ସାମନ୍ତରାୟ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟକରିବାକୁ ପ୍ରଫେସର ସାମନ୍ତରାୟ ଆହ୍ୱାନ ଜଣାଇଥିଲେ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା



ହିଞ୍ଜିଳିକାଟୁ,୧୯।୯(ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁର ଲକ୍ଷ୍ମୀ ନୃସିଂହ କଳାମନ୍ଦିର ପରିସରରେ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଟାଇକଣ୍ଡ ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ମହୋତ୍ସବରେ ଜିଲ୍ଲା ଅଧୀନସ୍ଥ ସମସ୍ତ ବିଦ୍ୟାଳୟରୁ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ବର୍ଗରୁ ୧୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ଭାଗିରଥୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଳାମନ୍ଦିର ପରିଚାଳକ ଲିଙ୍ଗରାଜ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ବିକାଶ ସହିତ ଶୃଙ୍ଖଳା, ନେତୃତ୍ୱ ଓ ଦଳଗତ ମନୋଭାବ ବିକାଶରେ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପାତ୍ରପୁର କ୍ରୀଡ଼ା ସମ୍ପାଦକ ଅରୁଣ ମହାନ୍ତି, ରଙ୍ଗେଇଲୁଣ୍ଡା କ୍ରୀଡା ସମ୍ପାଦକ ସୀତାରାମ ବେବର୍ତ୍ତା, ମେଡିକାଲ କ୍ୟାମ୍ପସ କ୍ରୀଡ଼ା ଶିକ୍ଷକ ଅରୁଣ ପ୍ରଧାନ, ହିଞ୍ଜିଳିକାଟୁ ବ୍ଲକ୍ କ୍ରୀଡ଼ା ସମ୍ପାଦକ ବିଭୂତି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହୀ ହେବା ସହ ନିଜ ପ୍ରତିଭାର ବିକାଶ ପାଇଁ ପ୍ରେରଣା ଦେଇଥିଲେ। ଏଥିରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ବୃନ୍ଦ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଟାଇକଣ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ।

## ଡିପିଆଇଆଇଟି ଦ୍ୱାରା ତେଜସ କର୍ମଶାଳା ଆୟୋଜିତ




ମାଲକାନଗିରି,୧୯।୯(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ସୌଜନ୍ୟରୁ ମାଲକାନଗିରି ସ୍ଥିତ ସରକାରୀ ଆଇ.ଟି.ଆଇ. ଅଡିଟୋରିୟମଠାରେ ତେଜସ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଦେଶର ୧୩୨ଟି ଜିଲ୍ଲାରେ ଅଣ-ମେଟ୍ରୋ ଓ ଟାୟାର-୨/୩ ଅଞ୍ଚଳଗୁଡ଼ିକରେ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳ ସ୍ତରରେ ନବସୃଜନକୁ ସଶକ୍ତ କରିବା ଲକ୍ଷ୍ୟରେ ଏହି ଆଞ୍ଚଳିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଓଡ଼ିଶା, ଜିଆଇଇଟି ବିଶ୍ୱବିଦ୍ୟାଳୟ, ସରକାରୀ ଆଇଟିଆଇ ମାଲକାନଗିରି, ଏସିଆଇସି ଜିଆଇଇଟିୟୁ ଓ ପ୍ରମୁଖ ସ୍ଥାନୀୟ ଇକୋସିଷ୍ଟମ୍ ମିଳିତ ଭାବେ ସହଯୋଗ କରିଥିଲେ। ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଏହି କର୍ମଶାଳାର ଉଦ୍ଘାଟନ କରିଥିଲେ। ଏହାସହ ଜି.ଆଇ.ଇ.ଟି. ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡଃ ଚନ୍ଦ୍ର ଧ୍ୱଜ ପଣ୍ଡା, ଆଇ.ଟି. ଆଇ. ମାଲକାନଗିରିର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପରିଡ଼ା ଏବଂ ଏସିଆଇସି ଜିଆଇଇଟିୟୁ ର ସି.ଇ.ଓ. ରବୀନ୍ଦ୍ର ଯାଦବ ମଧ୍ୟ ଏହି ଅଧିବେଶନରେ ଉପସ୍ଥିତ ଥିଲେ। ଷ୍ଟାର୍ଟଅପ୍ ଇଣ୍ଡିଆର ସହଯୋଗୀ ସୀମା ଚରଣ ଡି.ପି.ଆଇ.ଆଇ.ଟି. ସ୍ୱୀକୃତି ଓ କେନ୍ଦ୍ରୀୟ ଯୋଜନା ବିଷୟରେ ବୁଝାଇଥିବା ବେଳେ ଷ୍ଟାର୍ଟଅପ୍ ଓଡ଼ିଶାର ମିଶନ୍ ଆସୋସିଏଟ୍ ଡଃ ରଶ୍ମି ରଞ୍ଜନ ବେହେରା ଓଡ଼ିଶା ଷ୍ଟାର୍ଟଅପ୍ ନୀତି ୨୦୧୬ ଏବଂ ରାଜ୍ୟ ସ୍ତରୀୟ ପ୍ରୋତ୍ସାହନ ଉପରେ ଆଲୋକପାତ କରିଥିଲେ।

## ବିଦ୍ୟୁତ୍ ଆଘାତରେ ମଟର ମେକାନିକ୍‌ଙ୍କ ମୃତ୍ୟୁ

ମାଲକାନଗିରି,୧୯।୯(ସଂଚାର ବ୍ୟୁରୋ): ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ। ମାଲକାନଗିରି ଜିଲ୍ଲା ସଦର ଥାନା ଅଞ୍ଚଳର ଆଇଏମ୍‌ଏସଷ୍ଟି ସ୍କୁଲ୍ ସମ୍ମୁଖରେ ଥିବା ଏକ ମୋଟରସାଇକେଲ୍ ଗ୍ୟାରେଜରେ ଘଟିଛି ଏହି ଅଘଟଣ। ସୂଚନାନୁଯାୟୀ ପୋଡ଼ିଆ ବ୍ଲକ୍ ଅନ୍ତର୍ଗତ ଏମପିଭି ୫୬ ଗ୍ରାମ ମାଧବ ଓଝା ନାମକ ଯୁବକ ଗତଏକ ବର୍ଷ ଧରି ଏହି ଗ୍ୟାରେଜରେ କାମ କରି ଆସୁଥିଲେ। ଆଜି ସକାଳୁ ଗ୍ୟାରେଜ ଆସି ସାମାନ ପୋଚାପଚି କରିବା ପାଇଁ ଏର୍ କଂପ୍ରେଶର ମେସିନ୍ ବୋଟନ ଅନ କରିବା ସମରେ ହଠାତ୍ ତଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା ଯାହା ଫଳରେ ଯୁବକ ଜଣକ ଅଚେତ ହୋଇ ପଡ଼ିଥିଲେ, ଗ୍ୟାରେଜ ମାଲିକ ଏବଂ ଆଖପାଖ ଲୋକ ଆସି ଯୁବକକୁ ତୁରନ୍ତ ମେଡିକାଲ ନେଇ ଯାଇଥିଲେ, ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ ଗ୍ୟାରେଜରେ ବିଦ୍ୟୁତ୍ ଆଘାତ ଲାଗିଲା, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଖବର ପାଇ ବିଦ୍ୟୁତ୍ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାରେଜକୁ ଯାଇଥିବା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଛନ୍ତି।



## ବିଦ୍ୟାଳୟ ପରିସରରେ ଅସ୍ମିତା ସିପକଟାକ୍ରୋ ଲିଗ ଅନୁଷ୍ଠିତ



ବିଷମ କଟକ,୧୯।୯(ସଂଚାର ବ୍ୟୁରୋ): ରାଏଗଡ଼ା ଜିଲ୍ଲା ହାଟମୁନିଗୁଡା ଏସଏସଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅସ୍ମିତା ସିପକଟାକ୍ରୋ ଲିଗ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୧୦ ଜଣ ବାଳିକା ଖେଳାଳି ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ଥାନା ଅଧିକାରୀ ଶ୍ରୀମତୀ ସମର୍ପିତା ସ୍ୱାଇଁ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାଏକ, ଜିଲ୍ଲା ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ସମାଜସେବୀ ଅକ୍ଷୟ ରଣା, କ୍ରୀଡ଼ାବିତ ଶିବରାମ ନାଏକ, ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି, ସୁନ୍ଦରଗଡ଼ ଜିଲ୍ଲା ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀ, ଅନ୍ତର୍ଜାତୀୟ ରେଫରୀ ରାମ ଚନ୍ଦ୍ର ବାରିକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ସାହୁ ଯୋଗଦାନ କରି ଅସ୍ମିତା ସିପକଟାକ୍ରୋ ଖେଳ ବିଷୟରେ ସମସ୍ତଙ୍କୁ ଅବଗତ କରିବା ସହିତ ଭବିଷ୍ୟତରେ ଆହୁରି ଖେଳାଳି ଆଗ୍ରହ ପ୍ରକାଶ କରିବା ପାଇଁ ସୂଚାଇ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଜପତି ବିଧାୟକ ରୁପେଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ତହସିଲଦାର ଭେଙ୍କଟସ୍ୱର ଭି, ବିଡ଼ିଓ ଶିବ ପଟ୍ଟନାଏକ, ଗଜପତି ବିଜେଡି ସଭାପତି ପ୍ରଦୀପ ନାଏକ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମନୋଜ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସିପକଟାକ୍ରୋ ସେକ୍ରେଟାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନତାରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଶେଷରେ ସମସ୍ତ ଦଳଙ୍କୁ ସାର୍ଟିଫିକେଟ ସହିତ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲ।

## ବିଡିଓଙ୍କ ନାକ ତଳେ ଖତ ଖାଉଛି ଲକ୍ଷାଧିକ ଟଙ୍କାର ରାଡାର



କାକଟପୁର/ଅସ୍ତରଙ୍ଗ,୧୯।୯ (ସଂଚାର ବ୍ୟୁରୋ): ବାତ୍ୟା ପୂର୍ବରୁ ଆମେ ପ୍ରସ୍ତୁତ ବୋଲି ସରକାର ବଡ ବଡ କଥା କୁହନ୍ତି, ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପ୍ରସ୍ତୁତିର ଅସଲ ଚେହେରା ଦେଖିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ବ୍ଲକ ଅଫିସ ପରିସର ଭିତରେ ଲକ୍ଷ ଲକ୍ଷ ଟଙ୍କାର ବାତ୍ୟା ପୂର୍ବାନୁମାନ ରାଡାର ଓ ସାଇରନ୍ ଟାୱାର ବର୍ଷେ ହେଲା ଅଚଳ ହୋଇ ପଡ଼ିଛି। ଏହି ଅସ୍ତରଙ୍ଗ ହେଉଛି ବାତ୍ୟାର ପ୍ରବେଶ ପଥ। ୧୯୯୯ ମହାବାତ୍ୟାରେ ଏହି ଅଞ୍ଚଳ ଶ୍ମଶାନ ପାଲଟି ଯାଇଥିଲା। ଏହା ପରେ ୨୦୧୩ ଫାଇଲିନ୍, ୨୦୧୪ ହୁଦହୁଦ, ୨୦୧୯ ଫୋନି ଏବଂ ୨୦୨୧ ୟାସ୍ ଅସ୍ତରଙ୍ଗକୁ ବାରମ୍ବାର ଉଜାଡି ଦେଇଛି। ଏହି ବିପଦକୁ ଆଖି ଆଗରେ ରଖି ବିଶ୍ୱ ବ୍ୟାଙ୍କ ସହାୟତାରେ ଓସଡମା ପକ୍ଷରୁ ଅସ୍ତରଙ୍ଗ ବ୍ଲକ ପରିସରରେ ଏକ ଅତ୍ୟାଧୁନିକ ଏର୍ଲି ୱାର୍ଣ୍ଣିଂ ସିଷ୍ଟମ ବସାଯାଇଥିଲା। ଉଦ୍ଦେଶ୍ୟ ଥିଲା ସମୁଦ୍ର ଭିତରେ ଥିବା ମତ୍ସ୍ୟଜୀବୀମାନେ ବାତ୍ୟା ଆସିବାର ୬ ଘଣ୍ଟା ପୂର୍ବରୁ ସାଇରନ୍ ଶୁଣି କୂଳକୁ ଫେରି ଆସିବେ।ହେଲେ ଆଜିର ସ୍ଥିତି ଦେଖନ୍ତୁ। ଟାୱାର ଚାରିପଟେ ଅଣ୍ଟାଏ ଘାସ, ସୋଲାର ପ୍ଲେଟ୍ ଉପରେ ଧୂଳି ଓ ପକ୍ଷୀ ମଳ, କଣ୍ଟ୍ରୋଲ ରୁମରେ ତାଲା। ମାସ ମାସ ଧରି ଏହାର ରକ୍ଷଣାବେକ୍ଷଣ ହୋଇନାହିଁ। ଅର୍ଥାତ୍ ୪୦ ଲକ୍ଷର ଯନ୍ତ୍ର ଏବେ କବାଡି ପାଲଟିଛି। ସବୁଠୁ ଲଜ୍ଜ୍ୟାର କଥା ହେଲା, ଏହି ଯନ୍ତ୍ର ବସିଛି ବିଡ଼ିଓଙ୍କ ଚାମ୍ବର ସାମ୍ନାରେ। ପ୍ରତିଦିନ ଅଧିକାରିଣୀ ଏହାକୁ ଦେଖୁଛନ୍ତି, ହେଲେ ଦେଖି ମଧ୍ୟ ଅନ୍ଧ। ଏ ବାବଦରେ ଆମେ ଅସ୍ତରଙ୍ଗ ବିଡିଓ ସୁଶ୍ରୀ ସସ୍ମିତା ବେହେରାଙ୍କୁ ଯୋଗାଯୋଗ କରିଥିଲୁ। ହେଲେ ସେ ଏ ପ୍ରସଙ୍ଗରେ ମତାମତ ଦେବାକୁ ସଫା ମନା କରି ଦେଇଛନ୍ତି। ଜଣେ ବ୍ଲକର ମୁଖ୍ୟ ଯଦି ନିଜ ପରିସରରେ ଥିବା ସମ୍ପତ୍ତି ବିଷୟରେ ମୁହଁ ନ ଖୋଲନ୍ତି, ତେବେ ଏହା ଦାୟିତ୍ୱହୀନତା ନୁହେଁ ତ କଣ? ଏହାକୁ ନେଇ ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା କଡା ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, 'ଏହା ଅପରାଧ। ପ୍ରଶାସନ ଜାଣିଶୁଣି ଲୋକଙ୍କ ଜୀବନ ସହ ଖେଳୁଛି। ବାରମ୍ବାର ବାତ୍ୟା ଦେଖି ମଧ୍ୟ ଶିକ୍ଷା ପାଇଲେନି। 'ସ୍ଥାନୀୟ ବାସିନ୍ଦା ସତ୍ୟବ୍ରତ ଲେଙ୍କା କହିଛନ୍ତି, 'ସରକାର ଯନ୍ତ୍ର ଦେଲେ ସତ, ହେଲେ ବାବୁମାନେ ତାକୁ ମାରି ଦେଲେ। ଆମେ ଭଗବାନ ଭରସାରେ। ବିଡ଼ିଓ ମାଡାମ ଏସି ରୁମରୁ ବାହାରି ଥରେ ଦେଖନ୍ତୁ।

## ଋଷିକୁଲ୍ୟା ନଦୀରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ଗଞ୍ଜାମ,୧୯।୯(ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତର ଗୋଖରକୁଦା ନିକଟ ଫରେଷ୍ଟ କ୍ୟାବିନ୍ ଅଫିସ୍ ନିକଟ ଋଷିକୁଲ୍ୟା ନଦୀରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର ହୋଇଛି। ଅପରାହ୍ନରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ନଦୀରେ ମୃତଦେହ ଭାସୁଥିବା ଦେଖି ଗଞ୍ଜାମ ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇ ଥାନାର ସେକେଣ୍ଡ ଅଫିସର ଅନିରୁଦ୍ଧ ସ୍ୱାଇଁ ଓ ଏଏସଆଇ ଚନ୍ଦନ ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ନଦୀରୁ ମୃତଦେହକୁ ବାହାର କରିଥିଲେ। ମୃତକଙ୍କ ବୟସ ପ୍ରାୟ ୩୫ ବର୍ଷ ଓ ଉଚ୍ଚତା ପ୍ରାୟ ୧୭୩ ସେମି। ସେ କଳା ରଙ୍ଗର ଟି-ସାର୍ଟ ପିନ୍ଧିଥିଲେ। ମୃତଦେହଟି ସମ୍ପୂର୍ଣ୍ଣ ପଚିଯାଇଥିବାରୁ ତାଙ୍କ ପରିଚୟ ଜଣାପଡ଼ିନାହିଁ। ପୁଲିସ ମୃତଦେହ ଜବତ କରି ଗଞ୍ଜାମ ଥାନାରେ ଅପମୃତ୍ୟୁ ମାମଲା ନଂ-୧୦/୨୦୨୬ ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ମଧ୍ୟ ପରିଚୟ ସ୍ପଷ୍ଟ ହୋଇନଥିବାରୁ ମୃତଦେହକୁ ବ୍ରହ୍ମପୁର ଶବଗୃହରେ ରଖାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁମିତ୍ରା ପାତ୍ର କହିଛନ୍ତି। ମୃତକଙ୍କ ସମ୍ପର୍କରେ କାହାରି କିଛି ସୂଚନା ଥିଲେ ଗଞ୍ଜାମ ଥାନାର ସେକେଣ୍ଡ ଅଫିସର ଅନିରୁଦ୍ଧ ସ୍ୱାଇଁଙ୍କ ମୋବାଇଲ ନମ୍ବର ୯୦୪୦୨ ୧୯୨୧୮ରେ ଯୋଗାଯୋଗ କରିବାକୁ ଗଞ୍ଜାମ ପୁଲିସ ପକ୍ଷରୁ କୁହାଯାଇଛି।

## ଗାଁ ସାଥୀଙ୍କ ବିଭିନ୍ନ ଦାବି ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ମାନପତ୍ର ପ୍ରଦାନ

ମାଲକାନଗିରି,୧୯।୯(ସଂଚାର ବ୍ୟୁରୋ): ଗାଁ ସାଥୀଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ମାଲକାନଗିରି ଜିଲ୍ଲା ଗାଁ ସାଥୀ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ରାମଚନ୍ଦ୍ର ମାଡକାମୀଙ୍କ ନେତୃତ୍ୱରେ ସଂଘର ପ୍ରତିନିଧିମାନେ ଏହି ମାନପତ୍ର ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ଗାଁ ସାଥୀଙ୍କ ପାଇଁ ମାସିକ ୧୫ ହଜାର ଟଙ୍କା ପ୍ରୋତ୍ସାହନମୂଳକ ଦରମା ପ୍ରଦାନ, ଖାଲି ଥିବା ଜିଆରଏସ୍ ପଦବୀ ପୂରଣ ସମୟରେ ଗାଁ ସାଥୀଙ୍କୁ ଅଗ୍ରାଧିକାର, ଗାଁ ସାଥୀଙ୍କ ସଠିକ୍ ତଥ୍ୟ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବା ଏବଂ ଜିଓ-ଟ୍ୟାଗ୍ କାର୍ଯ୍ୟରେ ଗାଁ ସାଥୀଙ୍କୁ ନିୟୋଜିତ କରିବା ଭଳି ଦାବି ରଖାଯାଇଛି। ଏଥିସହ ଗାଁ ସାଥୀଙ୍କ ବକେୟା ପାଉଣା ପ୍ରଦାନ କରିବା ସହ ମନରେଗା ଭଳି ବିଭିନ୍ନ ସରକାରୀ କାର୍ଯ୍ୟରେ ଗାଁ ସାଥୀଙ୍କୁ ନିୟୋଜିତ କରିବାକୁ ମଧ୍ୟ ସଂଘ ଦାବି କରିଛି। ଜିଲ୍ଲା ସମ୍ପାଦକ କର୍ଣ୍ଣ ଦୁରିଆଙ୍କ ସମେତ ମହାଦେବ ମାଡକାମୀ, କୁନା ବାକା, ପୀତବାସ ହନ୍ତାଳ, ଜିତେନ୍ଦ୍ର ଭତ୍ରା, ଘେନୁ ମୁଦୁଲି ଓ ହରି ନାୟକ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଦିଆଯାଇଥିବା ମାନପତ୍ରକୁ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଶ୍ରମ ମନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ଦାବି କରାଯାଇଥିବା ଜଣାପଡ଼ିଛି।

## ଋଷିକୁଲ୍ୟା ବେଳାଭୂମି ସଫା କଲେ ଛାତ୍ରଛାତ୍ରୀ



ଛତ୍ରପୁର,୧୯।୯(ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ଉପକୂଳ ପରିଚ୍ଛନ୍ନତା ଦିବସ ଅବସରରେ ଋଷିକୁଲ୍ୟା ମୁହାଣ ବେଳାଭୂମିରେ ଶନିବାର ସ୍ୱଚ୍ଛତା ଅଭିଯାନ ହୋଇଛି। ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ଓ ରାଷ୍ଟ୍ରୀୟ ସମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନର ମିଳିତ ସହଯୋଗରେ ସକାଳ ୯ଟାରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ୱାଇଆର୍‌ସିର ଛାତ୍ରଛାତ୍ରୀଙ୍କ ସହ ଗୋଖରକୁଦା ଗ୍ରାମର ଯୁବ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ସମସ୍ତେ ମିଶି ବେଳାଭୂମିରୁ ବିଭିନ୍ନ ଆବର୍ଜନା ସଫା କରିଥିଲେ। ଅଭିଯାନରେ ପ୍ଲାଷ୍ଟିକ, ଭଙ୍ଗା କାଚ, ମାଛଧରା ଜାଲ ଓ ଭଙ୍ଗା ଡଙ୍ଗାର ଅବଶିଷ୍ଟ ସଂଗ୍ରହ କରାଯାଇଥିଲା। ସଂଗ୍ରହ ହୋଇଥିବା ଆବର୍ଜନାକୁ ଗଞ୍ଜାମ ଏନ୍‌ଏସିର ସଫେଇ କର୍ମଚାରୀଙ୍କୁ ଦିଆଯାଇଥିଲା। ଏହାସହ ଉପକୂଳ ପରିବେଶ ସୁରକ୍ଷା ଓ ସମୁଦ୍ର ପ୍ରଦୂଷଣ ରୋକିବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଲିବନ୍ଧ ଗ୍ରାମପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ପ୍ରତିନିଧିମାନେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଯୁବକଙ୍କ ମିଳିତ ଉଦ୍ୟମରେ ଅଭିଯାନ ଅନୁଷ୍ଠିତ ହୋଇଥିଲା।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଭଲ ନାହିଁ ସ୍ୱାସ୍ଥ୍ୟସେବା

# ମନ୍ଥର ଗତିରେ ଚାଲିଛି ମେଡିକାଲ ନିର୍ମାଣ




ଲୋଇସିଂହା,୧୯।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଗ୍ରାମୀଣ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିବାକୁ ଯାଇ ଗ୍ରାମାଞ୍ଚଳରେ ନୂତନ ସରକାରୀ ଡାକ୍ତରଖାନା ଖୋଲିବାକୁ ନିଷ୍ପତ୍ତି ନେଲେ। ଏହି କ୍ରମରେ ବଲାଙ୍ଗୀରା ଲୋଇସିଂହାରେ ୨୦୨୩ରେ ନୂଆ ହସ୍ପିଟାଲ୍ ଖୋଲିବାକୁ ତତ୍କାଳୀନ ରାଜ୍ୟ ସରକାର ଶୁଭ ମଧ୍ୟ ଦେଲେ। ହେଲେ କାମ ଏତେ ମନ୍ଥର ଗତିରେ ଚାଲିଛି ଯେ ସରିବାର ନାଁ ନେଉନି। ଲୋଇସିଂହା ସହରରୁ ୪କିମି ଦୂରରେ ନିର୍ମାଣ ହେଉଛି ନୂତନ ସରକାରୀ ହସ୍ପିଟାଲ୍। ୨୦୨୩ ନଭେମ୍ବର ୩୦ ତାରିଖରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାର ଶୁଭ ଦେଇଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ। ୩୦ ଶଯ୍ୟା ବିଶିଷ୍ଟ ସରକାରୀ ଡାକ୍ତରଖାନାର ନିର୍ମାଣ ଚାଲିଛି ଯେ ଚାଲିଛି ସରିବାର ନାଁ ନେଉନି। ସେପଟେ ନୂତନ ହସ୍ପିଟାଲ ବିଲ୍ଡିଂ ନିର୍ମାଣ ସମ୍ପୂର୍ଣ୍ଣ ନହେଉଣୁ ବର୍ଷା ଦିନେ ଛାତରୁ ପାଣି ଗଳିବାରୁ ଗୋଟିଏ ପର୍ଯ୍ୟାୟ ମରାମତି କାମ ସରିଲାଣି। ଷ୍ଟାଫ୍ କ୍ୱାର୍ଟର ନିର୍ମାଣ କାମ ବି କଚ୍ଛପ ଗତିରେ ଚାଲିଛି। ଖାଲି ସେତିକି ନୁହେଁ, ଏଠାକୁ ଆସିବାକୁ ଭଲ ରାସ୍ତା ଖଣ୍ଡିଏ ନାହିଁ। ନିର୍ମାଣ କାମ ଯାଏ ଯାଇଥିବା ବିଦ୍ୟୁତ୍ ସଂଯୋଗ ବି ବିପଜ୍ଜନକ ଅବସ୍ଥାରେ ରହିଛି। ଲୋଇସିଂହାରେ ନୂତନ ହସ୍ପିଟାଲ୍ ନିର୍ମାଣ ଦେଶର ପ୍ରତିଷ୍ଠିତ ନିର୍ମାଣ ସଂସ୍ଥା ଏନ୍‌ବିସିସି କରିବାକୁ ଚୁକ୍ତି ହୋଇଛି। ହେଲେ ବାସ୍ତବରେ ଏହାକୁ ସ୍ଥାନୀୟ ଛୋଟ ମୋଟ ଠିକାଦାର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। କେବେ କୋଠାବାଡ଼ି କାମ କେବେ ସରିବ? ଆଉ ଏହା କାର୍ଯ୍ୟକ୍ଷମ ହୋଇ ଲୋକଙ୍କ କାମରେ ଲାଗିବ ତାକୁ ନେଇ ପ୍ରଶ୍ନ ଉଠିଛି। କେବଳ ଲୋଇସିଂହା ନୁହେଁ, ଗୁଡ଼ଭେଲା, ମୁରିବାହାଲ, ଖପ୍ରାଖୋଲ ଆଦି ଅଞ୍ଚଳରେ ମଧ୍ୟ ମେଡିକାଲ୍ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ସଂସ୍ଥାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାମ ସାରିବାକୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରେ ତାଗିଦ୍ କରିଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ। ହେଲେ କାମ ଆଗେଇପାରୁନି।





# ଖରାଦିନେ ପିଅନ୍ତୁ ଦହି ସରବତ



ଗ୍ରୀଷ୍ମଋତୁ ପାଇଁ ଖରା ଗରମ ଅତ୍ୟଧିକ ମାତ୍ରାରେ ହେଉଛି। ଖରାଦିନ ଆସିବା ମାତ୍ରେ ଅନେକ ପ୍ରକାର ସମସ୍ୟା ଶରୀରରେ ଦେଖାଦେଇଥାଏ। ଖରା ଗରମ ଏବଂ ଖରାର ତାପରୁ ରକ୍ଷା ପାଇବା ବ୍ୟତୀତ ଆମେ ଶରୀରରେ ଟ୍ୟାନ ନଆସିବା ପାଇଁ ଫୁଲ୍ ଡ୍ରେସର ବ୍ୟବହାର କରିଥାଉ। ଖରାକୁ ବାହାରିବା ପୂର୍ବରୁ ଆମେ ସ୍କିନ୍ କେୟାର ମଧ୍ୟ କରି ଘରୁ ବାହାରି ଥାଉ। ଏହା ଛଡା ଖରା ଗରମ ପାଇଁ କିଛି ଥଣ୍ଡା ଜାତୀୟ ଜିନିଷ ଆମ ଶରୀରକୁ ଦରକାର ହୋଇଥାଏ। ଥଣ୍ଡା ଜାତୀୟ ଅର୍ଥ ନୁହେଁ ଥଣ୍ଡାପାଣି, କୋଲଡ୍ରିଙ୍କ୍ସ ଏବଂ ଆଇସ୍କ୍ରିମ୍। ଏହା କିନ୍ତୁ ଆମ ପେଟକୁ ଥଣ୍ଡା ରଖିବା ପରିବର୍ତ୍ତେ ଗରମ କରିଥାଏ। ଯାହାର କୁପ୍ରଭାବ ଆମ ଶରୀରରେ ପଡିଥାଏ। ଖରାଦିନ ପାଇଁ ଦହି, ଆଖୁ ରସ, ଫଳ ଜୁସ୍, ନଡିଆ ପାଣି ଆମକୁ ଅନେକ ଲାଭ ଦେଇଥାଏ। ଏହି ସବୁ ବ୍ୟତୀତ ଗ୍ରୀଷ୍ମ ଋତୁରେ ବଟରମିଲ୍କ ମଧ୍ୟ ଶରୀର ଉପରେ ଏବଂ ପେଟ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ।

ବଟରମିଲ୍କ ପିଇବା ଦ୍ୱାରା ସତେଜତା ଅନୁଭବ ହୋଇଥାଏ। ଏଥିରେ ଭିଟାମିନ୍ ଏ, ବି, ସି ଏବଂ ଇ ଭଳି ଅନେକ ପ୍ରକାରର ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଥାଏ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ଅନେକ ଲାଭଦାୟକ ହୋଇଥାଏ। ଏହା ପିଇବା ଦ୍ୱାରା ହାଇ ବ୍ଲଡପ୍ରେସରକୁ ଦୂର କରିଥାଏ। କୋଲେଷ୍ଟ୍ରୋଲକୁ ମଧ୍ୟ ନିୟନ୍ତ୍ରଣ ରଖିଥାଏ। ଯାହା ଫଳରେ ଏହାକୁ ଶରୀର ପାଇଁ ଲାଭପ୍ରଦ ବୋଲି ବିବେଚନା କରାଯାଏ। ଖରାଦିନରେ ଆମ ଶରୀରରେ ଏହା କେଉଁ ସବୁ ପ୍ରଭାବ ପକାଇଥାଏ ତେବେ ଆସନ୍ତୁ ଜାଣିବା।

## ବଟରମିଲ୍କର ଫାଇଦା

**ହାଇଡ୍ରେଟ୍ ରଖେ:** ଗ୍ରୀଷ୍ମ ଋତୁରେ ସାଧାରଣତଃ ଇଲୋକ୍ଟ୍ରୋନିକ୍ସର ଅଭାବ ଦେଖାଦେଇଥାଏ। ଏହା ପିଇବା ଦ୍ୱାରା ଶରୀରକୁ ହାଇଡ୍ରେଟ କରି ରଖିଥାଏ। ଏହା ଶରୀରରେ ଜଳୀୟ ଅଂଶକୁ ମଧ୍ୟ ଠିକ୍ ରଖିବାରେ ସହାୟତା କରିଥାଏ।

**ଶୀତଳତା ପ୍ରଦାନ କରେ:** ବଟରମିଲ୍କ ପ୍ରାକୃତିକ ଭାବେ ଶରୀରରେ ଶୀତଲତା ପ୍ରଦାନ କରିଥାଏ। ଯାହା ଖରାଦିନ ପାଇଁ ଏନର୍ଜି ଡ୍ରିଙ୍କସ ଭାବେ ଶରୀରରେ କାମ କରିଥାଏ। ଏହା ବ୍ୟତୀତ ଖରା ଗରମରୁ ମଧ୍ୟ ମୁକ୍ତି ମିଳିଥାଏ।

**ସଠିକ୍ ପାଚନ କରେ:** ଖରା ଗରମ କାରଣରୁ ଖାଇବା ପିଇବାରେ ପରିବର୍ତ୍ତନ ଦେଖାଦେଇଥାଏ। ଯାହା ଫଳରେ ପାଚନ ପ୍ରକ୍ରିୟା ଠିକ୍ ଭାବେ ହୋଇନଥାଏ। ଏଥିରେ ପ୍ରୋବାୟୋଟିକ ଗୁଣ ଥିବାରୁ ହଜମ ପ୍ରକ୍ରିୟାକୁ ବଢାଇଥାଏ। ଏହା କୋଷ୍ଠକାଠିନ୍ୟ ଏବଂ ପେଟ ଫୁଲିବା ଭଳି ସମସ୍ୟାକୁ ଦୂର କରିଥାଏ।

**ପୁଷ୍ଟିସାରରେ ଭରପୁର:** ଏଥିରେ ଉପଯୁକ୍ତ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଥାଏ। ଏହା କ୍ୟାଲସିୟମ, ଭିଟାମିନ୍ ବି ରାଇବୋଫ୍ଲାଇନର ଏକ ଭଲ ଉତ୍ସ ହୋଇଥାଏ। ଯାହା ହାର୍ଟକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ।

**ଓଜନ ହ୍ରାସ କରେ:** ଏଥିରେ କ୍ୟାଲୋରୀ ମାତ୍ରା କମ ଥିବା ଯୋଗୁ ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏଥିରେ ପ୍ରୋଟିନ ମଧ୍ୟ ରହିଥାଏ। ଯାହା ପେଟକୁ ଫୁଲ ରଖିଥାଏ ।

**ହାଡ଼କୁ ମଜବୁତ କରେ:** କ୍ୟାଲସିୟମ ଅଭାବରୁ ହାଡ ଦୁର୍ବଳ ହୋଇଯାଏ। କିନ୍ତୁ ଏହା ଖାଇବା ଦ୍ୱାରା ମଜବୁତ ହାଡ଼ ଗଠନରେ ସହାୟତା କରିଥାଏ। କାରଣ ପ୍ରଚୁର ପରିମାଣରେ କ୍ୟାଲସିୟମ ରହିଥାଏ ।

**ଏସିଡିଟିକୁ କମ୍ କରେ:** ଅନେକ ସମୟରେ ଆମେ ଏସିଡିଟି ଭଳି ସମସ୍ୟାକୁ ସାମ୍ନା କରିଥାଉ। କିନ୍ତୁ ଏହା ପିଇବା ଫଳରେ ଏସିଡିଟି ଭଳି ସମସ୍ୟାରୁ ସହଜରେ ମୁକ୍ତି ଦେଇଥାଏ।





# ଭାତ ରାନ୍ଧିବା ପରେ ପେଜ ଫୋପାଡ଼ି ଦେଉଛନ୍ତି କି ?

ଭାତ ଖାଇବାକୁ କିଏ ବ ପସନ୍ଦ ନ କରେ। ଛୋଟ ପିଲାମାନଙ୍କ ପାଖରୁ ଆରମ୍ଭ କରି ବଡ଼ ଲୋକମାନେ ମଧ୍ୟ ଦିନ କୁ ଧରେ ହେଲେ ବି ଭାତ ଖାଆନ୍ତି। କାହିଁକି ନା ଓଡ଼ିଆ ଲୋକଙ୍କର ପ୍ରଥମ ପସନ୍ଦ ହୋଇଥାଏ ଭାତ। ଭାତରେ ବୋହୁତ୍ ପ୍ରୋଟିନ୍ ଥାଏ ବୋଲି ବିଶ୍ୱାସ ରହିଛି। ଭାତ ଖାଇବାକୁ ଯେତିକି ଭଲ ଲାଗିଥାଏ ତାଠାରୁ ଅଧିକ ଭଲ ଲାଗେ ପଖାଳ ଭାତର ତୋରାଣି। ଖାସ୍ କରି ଖରାଦିନେ ପଖାଳ ଖାଇ ତାର ତୋରାଣି ପିଇଲେ ଆତ୍ମା ଶାନ୍ତି ହୋଇଯାଏ। ପଖାଳ ଭାତ ର ତୋରାଣି ମଧ୍ୟ ଘରେ ଘରେ ବେଶ ପରିଚିତ। ଆପଣ ଭାତ ରାନ୍ଧିଲା ପରେ ତା ପେଜ କୁ ଫୋପାଡ଼ି ଦେଉଥିବେ ନିଶ୍ଚୟ ହେଲେ, ଏହି ପେଜ ପଛରେ ଲୁଚି ରହିଛି ଅନେକ କଥା ଯାହାକୁ ଯାଣିଲେ ହୋଇଯିବ ଆଶ୍ଚର୍ଯ୍ୟ। ବୈଜ୍ଞାନିକ ଗବେଷଣା ଦ୍ୱାରା ପେଜ ବା ତୋରାଣି ରେ ରହିଛି ଅନେକ ଅଦ୍ଭୁତ୍ ଉପକାରିତା। ପୁରାତନ ଯୁଗରେ ମହିଳା ମାନେ ଏହି ପାଣି କୁ ନିଜ କେଶ ର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ବ୍ୟବହାର କରୁଥିଲେ। ଏହା ସୁନ୍ଦର ଓ ମଜବୁତ କେଶ ରେ ବହୁ ସହାୟକ ହୋଇଥାଏ। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ କେତେକ କ୍ଷେତ୍ରରେ ତୋରାଣି ପିଇବା ଦ୍ୱାରା ଦୃଷ୍ଟି ଶକ୍ତି ଦୀର୍ଘ ଦିନ ଯାଏ ଭଲ ରହିବାର ଦେଖିବାକୁ ମିଳିଛି। ଚମର ସୌନ୍ଦର୍ଯ୍ୟ ରକ୍ଷା ଏବଂ ସତେଜ ଚମ ଲାଗି ବର୍ତ୍ତମାନ ପେଜକୁ ଅଧିକ ବ୍ୟବହାର କରାଯାଉଛି। ଖୁବ ସହଜରେ ମିଳିପାରୁଥିବା ଏହି ପେଜ ତ୍ୱଚା ର ବେଶ ଭଲ ଉପଚାର କରିପାରିବ। ଏଥିସହ, ଯଦି ଆପଣଙ୍କ ମୁହଁରେ ବ୍ରଣ ହେଉଛି କିମ୍ବା ଶୀଘ୍ର ଛାଡୁନି ତେବେ ଆପଣ ମୁହଁରେ ପେଜ ଲାଗାବା ଆରମ୍ଭ କରନ୍ତୁ। ଦେଖିବେ ଖୁବ୍ ଶୀଘ୍ର ଛାଡିଯିବ। ଆପଣଙ୍କର ଯଦି ପେଟ ବ୍ୟଥା ଓ ଡାଇରିଆ ହେଉଛି, ତେବ ପେଜ ପିଅନ୍ତୁ। ଏହାକୁ ପିଇବା ଦ୍ୱାରା ଅନେକ ଲାଭ ମିଳିପାରିବ। ହଜମପ୍ରକ୍ରିୟକୁ ଠିକ୍ କରିବା ସହ ତ୍ୱଚା ମଧ୍ୟ ଲାଭଦାୟକ ହୋଇଥାଏ। ସବୁଠାରୁ ଖାସ୍ କଥା ହେଉଛି, ଯଦି ଆପଣଙ୍କୁ ହାଲିଆ ଲାଗୁଛି, ତେବେ ପେଜ ପିଅନ୍ତୁ। ପେଜ ସ୍ୱାସ୍ଥ୍ୟ ପାଇଁ ବେସ ସହାୟକ ହୋଇଥାଏ। କୋଷ୍ଠକାଠିନ୍ୟରୁ ବି ମିଳିପାରିବ ମୁକ୍ତି। ଯଦି ଆପଣଙ୍କର ଏହି ସମସ୍ତ ସମସ୍ୟା ହେଉଛି, ତେବେ ନିଶ୍ଚିତ ଭାବରେ ଆଜିଠାରୁ ପେଜର ବ୍ୟବହାର ଆରମ୍ଭ କରି ଦିଅନ୍ତୁ। ଦେଖିବେ ଖୁବ୍ ଅଳ୍ପ ଦିନ ମଧ୍ୟରେ ଆପଣଙ୍କ ରେଜଲ୍ଟ।

# ପ୍ରତିଦିନ ଖାଆନ୍ତୁ ଗଜାମୁଗ

**ମୁଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କିନ୍ତୁ ଯେତେବେଳେ ଆମେ ଗଜାମୁଗ ଖାଇଥାଉ ସେତେବେଳେ ଏହାର ସ୍ୱାସ୍ଥ୍ୟ ଉପକାରିତା ଅନେକ ଗୁଣ ବଢ଼ି ଯାଇଥାଏ। ପୋଷକ ତତ୍ତ୍ୱ ଭରପୂର ଗଜାମୁଗ ଅନେକ ଉତ୍ତମ ସ୍ୱାସ୍ଥ୍ୟ ଉପକାରିତା ପ୍ରଦାନ କରେ। ତେବେ ଆସନ୍ତୁ ଜାଣିବା ନିଜ ଡାଏଟରେ ଗଜାମୁଗ ସାମିଲ କରିବାର ଫାଇଦା ବିଷୟରେ।**

**ହଜମ କରିବାରେ ସାହାଯ୍ୟ କରେ:** ଗଜାମୁଗ ଖାଇବା ଦ୍ୱାରା ଏହା ହଜମ କରିବାରେ ସାହାଯ୍ୟ କରେ। ଅଙ୍କୁରୋଦଗମ ପ୍ରକ୍ରିୟା ଜଟିଳ କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନକୁ ଭାଙ୍ଗି ଦେଇଥାଏ, ଯାହାଦ୍ୱାରା ଶରୀରକୁ ଏହା ହଜମ କରିବା ସହଜ ହୋଇଥାଏ। ଏହା ପେଟ ଫୁଲିବା ଏବଂ ଗ୍ୟାସର ସମ୍ଭାବନାକୁ ହ୍ରାସ କରିବା ସହ ପୋଷକ ତତ୍ତ୍ୱର ଏକ ଉତ୍ତମ ଉତ୍ସ ଭାବରେ ମଧ୍ୟ ସାହାଯ୍ୟ କରେ।



**ଓଜନ ହ୍ରାସ କରିବାରେ ସାହାଯ୍ୟ କରେ:** ଯେଉଁମାନେ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ପାଇଁ ଗଜାମୁଗ ବହୁତ ଭଲ। ମୁଗ ଡାଲିରେ ଥିବା ଫାଇବର କେବଳ ହଜମ କରିବାରେ ସାହାଯ୍ୟ କରେ ନାହିଁ ବରଂ ଆପଣଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ ମଧ୍ୟ କରାଏ, ଯାହା କ୍ୟାଲୋରୀ ଇନଟେକକୁ ମଧ୍ୟ କମ୍ କରିଥାଏ। ଏକ ହାଇ ଫାଇବରଯୁକ୍ତ ଖାଦ୍ୟ ଯାହା ଓଜନ ହ୍ରାସ କରିବା ଏବଂ ପେଟ ଭରିବା ଏବଂ ଭୋକ କମ୍ କରି ୱେଟ୍ ମ୍ୟାନେଜମେଣ୍ଟ କରିବାରେ ବହୁତ ସାହାଯ୍ୟ କରିଥାଏ।

**ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ:** ଗଜାମୁଗରେ ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ପୋଷକ ତତ୍ତ୍ୱ ଥାଏ। ଏହି ପୋଷକ ତତ୍ତ୍ୱ ବ୍ଲଡ଼ ପ୍ରେସରକୁ ନିୟନ୍ତ୍ରଣ କରିବା, କୋଲେଷ୍ଟ୍ରଲ ଲେବଲ୍ ହ୍ରାସ କରିବା ଏବଂ ହୃଦ୍ ରୋଗର ଆଶଙ୍କା ହ୍ରାସ କରିବାରେ କାମ କରିଥାଏ। ମୁଗ ଡାଲିରେ ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟକଳାପ ବହୁତ ଅଧିକ। ଏହି ଆଣ୍ଟିଅକ୍ସିଡାଣ୍ଟଗୁଡିକ ଫ୍ରି ରେଡିକାଲ୍ସକୁ ନ୍ୟୁଟ୍ରିଲାଇଜ କରିବାରେ ସାହାଯ୍ୟ କରେ।

**ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ:** ପ୍ରତିଦିନ ଗଜାମୁଗ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ଏହା ବିଶେଷ ଭାବରେ ଭିଟାମିନ୍ 'ସି' ଏବଂ ଭିଟାମିନ୍ 'ଏ' ରେ ଭରପୂର ହୋଇଥାଏ, ଯାହା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

**ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ଉନ୍ନତି ଆଣେ:** ଗଜାମୁଗ ଏହାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଏବଂ ଅଧିକ ଫାଇବର ପରିମାଣ ହେତୁ ବ୍ଲଡ୍ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏକ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସର ଅର୍ଥ ହେଉଛି ଏହା ହାଇ-ଗ୍ଲାଇସେମିକ୍ ଖାଦ୍ୟ ତୁଳନାରେ ବ୍ଲଡ୍ ସୁଗାର ଲେବଲକୁ ଧୀରେ ଧୀରେ ଲଗାତାର ଭାବରେ ବଢାଇଥାଏ।

**ତ୍ୱଚାରେ ଉନ୍ନତି ଆଣେ:** ସୁସ୍ଥ ତ୍ୱଚା ବଜାୟ ରଖିବା ପାଇଁ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍‌ରେ ଭରପୂର ଖାଦ୍ୟ ଆବଶ୍ୟକ। ଗଜାମୁଗ ହେଉଛି ଫ୍ଲାଭୋନଏଡ୍ ଏବଂ ପଲିଫେନୋଲ୍ ସହିତ ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍ତମ ଉତ୍ସ, ଯାହା ସ୍କିନକୁ ଫ୍ରି ରେଡିକାଲ୍ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିଥାଏ। ଗଜାମୁଗରେ ମିଳୁଥିବା ଭିଟାମିନ୍ 'ଇ' ତ୍ୱଚାକୁ ପୋଷଣ ଯୋଗାଇବାରେ ସାହାଯ୍ୟ କରେ।



# ଖାଇବା ପରେ ତୁରନ୍ତ ଶୋଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ

ପ୍ରତ୍ୟକ ମଣିଷ ପାଇଁ ହେଲ୍ଦି ଏବଂ ଫିଟ୍ ରହିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ଏଥିପାଇଁ ସଠିକ ସମୟରେ ସଠିକ ପରିମାଣର ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଆବଶ୍ୟକ ହୋଇଥାଏ। କିନ୍ତୁ ଖାଦ୍ୟ ଖାଇବା ପରେ ଆପଣଙ୍କର କିଛି ଖରାପ ଅଭ୍ୟାସ ହେତୁ ଆପଣ ଅସୁସ୍ଥ ହୋଇପାରନ୍ତି। ଆପଣଙ୍କ ହଜମ ପ୍ରକ୍ରିୟା ନଷ୍ଟ ହୋଇପାରେ। ତେବେ ଆସନ୍ତୁ ଜାଣିବା ଖାଇବା ପରେ ତୁରନ୍ତ କ'ଣ ସବୁ କରିବା ଉଚିତ୍ ନୁହେଁ।

### ତୁରନ୍ତ ଶୋଇଯିବା

ଖାଦ୍ୟ ଖାଇବା ପରେ ତୁରନ୍ତ ଶୋଇବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହା କରିବା ଦ୍ୱାରା ଏସିଡ୍ ରିଫ୍ଲକ୍ସ ସମସ୍ୟା ଦେଖାଦେଇପାରେ। ଖାଦ୍ୟ ଖାଇବା ପରେ ଆପଣ କିଛି ସମୟ ଚାଲିପାରିବେ ଯାହା ଦ୍ୱାରା ଶରୀର ସୁସ୍ଥ ମଧ୍ୟ ରହିଥାଏ।

### ଚା କିମ୍ବା କଫି ପିଇବା

କିଛି ଲୋକ ଖାଇବା ପରେ ଚା' ଏବଂ କଫି ପିଇଥାନ୍ତି। ଖାଇବା ପରେ ଚା' ପିଇବା ଦ୍ୱାରା ଶରୀରରେ ଆଇରନ୍ ଅବଶୋଷଣ ହ୍ରାସ ପାଇଥାଏ। ଖାଇବା ପରେ କଫି ଏବଂ ଚା ପିଇବା ଦ୍ୱାରା ଶରୀରରେ ମିନେରାଲ୍ସର ଅଭାବ ହୋଇପାରେ।

### ଧୂମପାନ କରିବା

କିଛି ଲୋକ ଖାଇବା ପରେ ଧୂମପାନ କରନ୍ତି। ଖାଇବା ପରେ ଧୂମପାନ କରିବା ଦ୍ୱାରା ଏହା ଫୁସଫୁସକୁ କ୍ଷତି ପହଞ୍ଚାଇପାରେ। ଏହା ବ୍ୟତୀତ ଏହା ଆପଣଙ୍କ ହଜମ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଭାବ ପକାଇଥାଏ। କୌଣସି ବି ସମୟରେ ଧୂମପାନ କରିବା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇନଥାଏ। କିନ୍ତୁ ଯଦି ଆପଣ ଏହି ଖରାପ ଅଭ୍ୟାସରେ ଲିପ୍ତ ଅଛନ୍ତି ତେବେ ଖାଇବା ପରେ ଆଦୌ ଧୂମପାନ କରନ୍ତୁ ନାହିଁ।

### ଜିମ୍ ଯିବା

କିଛି ଲୋକ ଖାଇବା ପରେ ସାଙ୍ଗେ ସାଙ୍ଗେ ଜିମ୍ ଚାଲି ଯାଆନ୍ତି। କିନ୍ତୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଆଦୌ ଠିକ ନୁହେଁ। ଖାଇବା ପରେ ତୁରନ୍ତ ଜିମ୍ ଯାଆନ୍ତୁ ନାହିଁ। ଜିମ୍ ଯିବା ହଜମ ପ୍ରକ୍ରିୟା ଉପରେ ଖରାପ ପ୍ରଭାବ ପକାଇଥାଏ। ବାସ୍ତବରେ, ଜିମ୍ ଯିବା ଦ୍ୱାରା ହଜମ ପ୍ରକ୍ରିୟାରେ ତଥା ରକ୍ତ ସଞ୍ଚାଳନରେ ଉନ୍ନତି ହୁଏ ନାହିଁ। ତେଣୁ ସର୍ବଦା ଖାଇବାର ୧ ରୁ ୨ ଘଣ୍ଟା ପରେ ଜିମ୍ କରାଯିବା ଉଚିତ୍। ନଚେତ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏହା କ୍ଷତିକାରକ ହୋଇପାରେ।

# ରାସନ ସାମଗ୍ରୀଠାରୁ ପନିପରିବା ଯାଏଁ ମହଙ୍ଗା ମାଡ଼



## ଦରବୃଦ୍ଧିରେ ହନ୍ତସନ୍ତ ଖାଉଟି, ବଜାର ଦର ନିୟନ୍ତ୍ରଣ ଦାବି

**ମ.ରାମପୁର,୧୯।୯(ସଂଚାର ବ୍ୟୁରୋ):** ଦିନକୁ ଦିନ ବଢ଼ିଚାଲିଛି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର। ରାସନ ସାମଗ୍ରୀଠାରୁ ଆରମ୍ଭ କରି ପନିପରିବା ପର୍ଯ୍ୟନ୍ତ ପ୍ରାୟ ସବୁ କ୍ଷେତ୍ରରେ ମହଙ୍ଗା ମାଡ଼ ଖାଉଟିଙ୍କ ଚିନ୍ତା ବଢ଼ାଇଦେଇଛି। ସୀମିତ ଆୟରେ ପରିବାର ଚଳାଉଥିବା ମଧ୍ୟବିତ୍ତ ଓ ଗରିବ ପରିବାର ଉପରେ ଏହାର ପ୍ରଭାବ ବେଶ୍ ଅଧିକ ପଡୁଥିବା ଦେଖାଯାଇଛି। ମ. ରାମପୁର ବ୍ଲକର ବିଭିନ୍ନ ବଜାରରେ ପନିପରିବା ଦରରେ ଉତ୍ତରୋତ୍ତର ବୃଦ୍ଧି ଘଟୁଥିବାରୁ ଖାଉଟିଙ୍କ ବଜେଟ୍ ବିଗିଡ଼ିଯାଇଛି। ଆଳୁ, ପିଆଜ, ଟମାଟୋ, ବାଇଗଣ, ଭେଣ୍ଡି, କାକୁଡ଼ି, ଲଙ୍କା ଭଳି ଦୈନନ୍ଦିନ ରୋଷେଇରେ ଆବଶ୍ୟକ ସାମଗ୍ରୀ କିଣିବାକୁ ମଧ୍ୟ ଲୋକଙ୍କୁ ଅଧିକ ଟଙ୍କା ଗଣିବାକୁ ପଡୁଛି। ଏପଟେ ଡାଲି, ତେଲ, ମସଲା ଓ ଅନ୍ୟାନ୍ୟ ରାସନ ସାମଗ୍ରୀର ଦର ମଧ୍ୟ ଖାଉଟିଙ୍କ ପକେଟ୍ ଉପରେ ଚାପ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ବଜାରରେ ସାମଗ୍ରୀର ଦର ନିର୍ଦ୍ଧାରଣ ଓ ଯାଞ୍ଚ ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଗୋଟିଏ ବଜାରରେ ଗୋଟିଏ ଦର ଥିବାବେଳେ ଅନ୍ୟ ବଜାରରେ ସେହି ସାମଗ୍ରୀର ଦରରେ ପାର୍ଥକ୍ୟ ଦେଖାଯାଉଛି। ଖାଉଟିଙ୍କ ଅଭିଯୋଗ, ମୂଲ୍ୟ ନିୟନ୍ତ୍ରଣ ଓ ନିୟମିତ ବଜାର ଯାଞ୍ଚ ଅଭାବରୁ କେତେକ ବ୍ୟବସାୟୀ ମନମୁଖୀ ଦର ନେଉଛନ୍ତି। ମହଙ୍ଗା ବଜାରର ପ୍ରଭାବରେ ଘରର ମାସିକ ଖର୍ଚ୍ଚ ବଢ଼ିଯାଇଥିବାରୁ ଅନେକ ପରିବାର ଆବଶ୍ୟକତା ଅନୁଯାୟୀ ସାମଗ୍ରୀ କିଣିବାରେ କାଟଛାଟ କରୁଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ବଜାରରେ ନିୟମିତ ଦର ଯାଞ୍ଚ, ମୂଲ୍ୟ ତାଲିକା ପ୍ରଦର୍ଶନ ଓ ଅନିୟମିତତା ଉପରେ କଡ଼ା ପଦକ୍ଷେପ ନିଆଯିବାକୁ ଖାଉଟି ମହଲରୁ ଦାବି ହେଉଛି। ମହଙ୍ଗା ମାଡ଼ରୁ ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତ କରିବା ପାଇଁ ବଜାର ଦର ଉପରେ ପ୍ରଶାସନର ନଜର କେବେ ପଡ଼ିବ, ଏହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଦୁଇ ମୋଟରସାଇକେଲ ମୁହାଁମୁହିଁ, ଶିକ୍ଷକ ଗୁରୁତର

**ପଟ୍ଟାଙ୍ଗି,୧୯।୯(ସଂଚାର ବ୍ୟୁରୋ):** କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ପଡାଲଗୁଡ଼ା ଛକ ନିକଟରେ ଦୁଇ ମୋଟରସାଇକେଲ ମୁହାଁମୁହିଁ ଧକ୍କା ହେବା ଫଳରେ ବିଦ୍ୟାଳୟକୁ ଯାଉଥିବା ଶିକ୍ଷକ ଗୁରୁତର ହୋଇ ଚିକିତ୍ସାଧୀନ ରହିଥିବା ବେଳେ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚି ଆରମ୍ଭ କରିଛି ତଦନ୍ତ। ସୂଚନାନୁସାରେ, ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ରହିଥିବା ରାଲେଗଡ଼ା ପଞ୍ଚାୟତର ତେଲରାଇ ଗ୍ରାମ ଶିକ୍ଷକ ସୁରେନ୍ଦ୍ର ପାଙ୍ଗି ବିଦ୍ୟାଳୟ କାର୍ଯ୍ୟ ସାରି ନିଜ ମୋଟର ସାଇକେଲ ନଂ ଓଡି ୧୦ଏଫ୍ ୨୯୩୮ ଯୋଗେ ଘରକୁ ଫେରୁଥିବା ସମୟରେ ବିପରୀତ ଦିଗ ସମ୍ମୁଖ ଆଡୁ ଆସୁଥିବା ଅନ୍ୟ ଏକ ମୋଟରସାଇକେଲ ସହ ଧକ୍କା ହେବା ଫଳରେ ଶିକ୍ଷକ ପାଙ୍ଗି ଘଟଣାସ୍ଥଳେ ଆହତ ହୋଇ ପଡ଼ିଯାଇଥିଲେ। ଏହି ସମୟରେ ନିକଟରେ ଥିବା ଓଡ଼ିଶା ମୋଟର ଚାଳକ ସଂଘ ପଟ୍ଟାଙ୍ଗିର କାର୍ଯ୍ୟକାରୀ ସଭାପତି ଭୋଗବାନ ପଡାଲ ପଡାଲଗୁଡ଼ା ଗ୍ରାମରକିଛି ଯୁବକଙ୍କ ସହଯୋଗରେ ଆମ୍ବୁଲାନ୍ସ ଡକାଇ ଆହତ ଶିକ୍ଷକଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିକ୍ଷକ ପାଙ୍ଗିଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବାରୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେପଟେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ପଟ୍ଟାଙ୍ଗି ଥାନାର ଏଏସ୍ଆଇ ଶାମ୍ୟାମସୁନ୍ଦର ରଥ ଦୁର୍ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଶିକ୍ଷକ ପାଙ୍ଗିଙ୍କୁ ଦୁର୍ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଆହତ ଶିକ୍ଷକ ପାଙ୍ଗିଙ୍କ କହିବା ଅନୁସାରେ ଦୁର୍ଘଟଣା ଘଟିଥିବା ସ୍ଥାନରେ ଜାତୀୟ ରାଜପଥ ଉପରେ କିଛି ଖାଲଖମା ଥିବାରୁ ମୋଟରସାଇକେଲକୁ ଧିରେ ଗଡ଼ାଉ ଥିବା ବେଳେ ହଠାତ୍ ଅନ୍ୟ ମୋଟରସାଇକେଲ ସହ ଧକ୍କା ହୋଇଥିଲା ବୋଲି ପ୍ରକାଶ କରିଥିଲେ।

## 'ସଚେତନତା ବଢ଼ିଲେ ରୋକି ହେବ ଏଡ୍‌ସ ମହାମାରୀ'




**ଭଞ୍ଜନଗର,୧୯।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶନିବାର ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) କୋ-ୟୁନିଟ, ମହିଳା ଶାଖା, ଯୁବ ରେଡ୍‌କ୍ରସ ଓ ଏନ୍‌ସିସିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ଗଗନ ବିହାରୀ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ୍‌ସର ଭୟାବହତା, ସଂକ୍ରମଣର କାରଣ ଓ ପ୍ରତିରୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବପିଢ଼ି, ବିଶେଷକରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଚ୍ଆଇଭି/ଏଡ୍‌ସ ସମ୍ପର୍କରେ ସଠିକ ସଚେତନତା ରହିବା ଆବଶ୍ୟକ। ସଚେତନତା ବଢ଼ିଲେ ସଂକ୍ରମଣର ଆଶଙ୍କାକୁ ହ୍ରାସ କରାଯାଇପାରିବ ବୋଲି ସେ କହିଥିଲେ। ଭଞ୍ଜନଗର ମେଡିକାଲ ଆଇସିଟିସିର ପରାମର୍ଶଦାତା ମଞ୍ଜୁଳା ପ୍ରଧାନ ଓ ଡିଏସଆର୍‌ସିର ପରାମର୍ଶଦାତା ଶ୍ୟାମସୁନ୍ଦର ପୃଷ୍ଟି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏଡ୍‌ସ ସଂକ୍ରମଣ, ପ୍ରତିରୋଧ ଓ ସଚେତନତା ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ସୂଚନାନୁଯାୟୀ, ଭଞ୍ଜନଗର ବ୍ଲକରେ ଗତ ୧୨ ବର୍ଷ ମଧ୍ୟରେ ୭୨୨ ଜଣ ଏଚ୍ଆଇଭି ସଂକ୍ରମିତ ହୋଇଥିବାବେଳେ ସେଥିମଧ୍ୟରୁ ୪୨ ଜଣଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ୨୨ ଜଣ ଛାତ୍ରୀଛାତ୍ର ଏଚ୍ଆଇଭି ପାଇଁ ଔଷଧ ସେବନ କରୁଥିବା ସୂଚନା ଦିଆଯାଇଥିଲା। ଏଚ୍ଆଇଭି ସଂକ୍ରମଣ ଅସୁରକ୍ଷିତ ଯୌନ ସମ୍ପର୍କ, ସଂକ୍ରମିତ ରକ୍ତ ଗ୍ରହଣ ଓ ଦୂଷିତ ସିରିଞ୍ଜ ଆଦିର ବ୍ୟବହାର ଦ୍ୱାରା ହୋଇପାରେ। ତେଣୁ ଏ ସମ୍ପର୍କରେ ସଠିକ ତଥ୍ୟ ଜାଣିବା ସହ ସଚେତନ ରହିବା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜାତୀୟ ସେବା ଯୋଜନା ଅଧିକାରୀ ବାବୁଲା ପ୍ରଧାନ, ମହିଳା ଶାଖା ଯୋଜନା ଅଧିକାରିଣୀ ସସ୍ମିତା ଦାସ, ନାଭାଲ ଅଫିସର ବିଦେଶୀ ରାଉତ, ଯୁବ ରେଡ୍‌କ୍ରସ ଅଧିକାରୀ ସୀମାଞ୍ଚଳ ବେହେରା, ଅଧ୍ୟାପିକା ସୁନିଆ ବିଷୋୟୀ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।

### ପର୍ଯ୍ୟଟନ ମାନଚିତ୍ରରେ ଚମକିବ ଶିଶୁ ଅନନ୍ତ ପୀଠ

## ୨କୋଟି ମଞ୍ଜୁର କରିଛନ୍ତି ରାଜ୍ୟ ସରକାର



**ବାଲିପାଟଣା,୧୯।୯(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାବ୍ଲକ୍ ସ୍ଥିତ ଶିଶୁ ଅନନ୍ତ ପୀଠର ଚିତ୍ର ବଦଳିବ। ୨୦୦୭ ମସିହାରୁ ରାଜ୍ୟର ୩୦୦ ତମ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଥିବା ଶିଶୁଅନନ୍ତ ପୀଠ ଏବେ ନୂଆ ରୂପରେ ଝଲସିବ। ପୀଠର ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।ଏହି ପୀଠର ସର୍ବାଙ୍ଗୀନ ବିକାଶ ସହିତ ବିଭିନ୍ନ ସମସ୍ୟା ଦୂର ପାଇଁ ଶିଶୁଅନନ୍ତ ସ୍ମୃତି ସଂସଦ ବିଭିନ୍ନ ସ୍ତରରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି ଅନୁଦାନ ପାଇଁ ସମ୍ପାଦିକା ତନ୍ମୟା ଦାସ ଗୋସ୍ୱାମୀ, ସଭାପତି ଅଭିମନ୍ୟୁ ନାୟକ, କୋଷାଧ୍ୟକ୍ଷ ଭାବଗ୍ରାହୀ ଗୋଛାୟତ, ଘନଶ୍ୟାମ ବେହେରା ପ୍ରମୁଖ ରାଜ୍ୟ ସରକାରଙ୍କୁ ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।ମଞ୍ଜୁର ଅର୍ଥରୁ ପ୍ରଥମ ପର୍ଯ୍ୟାୟରେ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଅବଶିଷ୍ଟ ୧ କୋଟି ୨୦ ଲକ୍ଷ ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ ଅନୁମୋଦନ ଓ ବ୍ୟୟ କରାଯିବ। ପୀଠରେ ମଣ୍ଡପ, ପରିକ୍ରମା ପଥ, ଶୌଚାଳୟ, ପାର୍କ, ସବୁଜିମା, ସୀମା ପ୍ରାଚୀର, ପାନୀୟ ଜଳ ଓ ପ୍ରବେଶ ପଥ ଆଦିର ବିକାଶ କରାଯିବ।ପ୍ରକଳ୍ପ ଅନୁଯାୟୀ ମଣ୍ଡପ ଓ ପରିକ୍ରମା ପଥ ପାଇଁ ୫୦ ଲକ୍ଷ, ଶୌଚାଳୟ ଓ ପାର୍କ ପାଇଁ ୧୦ ଲକ୍ଷ, ସବୁଜିମା ସଂରକ୍ଷଣ ପାଇଁ ୨୭ ଲକ୍ଷ ୩୦ ହଜାର, ପରିବେଶ ଓ ଶୌଚାଳୟ ଉନ୍ନୟନ ପାଇଁ ୩୩ ଲକ୍ଷ ୫୦ ହଜାର, ସୀମା ପ୍ରାଚୀର ପାଇଁ ୨୨ ଲକ୍ଷ ଏବଂ ପରିସର ନିର୍ମାଣ ପାଇଁ ୯ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ହେବ। ଏହାଦ୍ୱାରା ପୀଠରେ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସୁବିଧା ବଢ଼ିବା ସହ ପୀଠର ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇବ। କାର୍ଯ୍ୟକାରୀ ସଂସ୍ଥା ପକ୍ଷରୁ ନିୟମିତ ଭାବେ ଭୌତିକ ଓ ଆର୍ଥିକ ପ୍ରଗତି ରିପୋର୍ଟ ସହ ବିନିଯୋଗ ପ୍ରମାଣପତ୍ର ବିଭାଗକୁ ଦାଖଲ କରାଯିବ।

## ୮୦% ଦିବ୍ୟାଙ୍ଗ ଭତ୍ତା ନ ପାଇ ହଟହଟା



**ନିଶ୍ଚିନ୍ତକୋଇଲି,୧୯।୯(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ କେନ୍ଦୁପାଟଣା ପଞ୍ଚାୟତ ୧୮ ନମ୍ବର ୱାର୍ଡ ରିସୋ ଗ୍ରାମର ଦିବ୍ୟାଙ୍ଗ ଭାବଗ୍ରାହୀ ବେହେରା ଗତ ୪ ମାସ ହେବ ଭତ୍ତା ନପାଇ ଚରମ ହଟହଟାର ଶିକାର ହେଉଛନ୍ତି। ପାଖରେ ଅର୍ଥ ନଥିବାରୁ ନିଜେ ଚଳିବା ଏବଂ ଔଷଧ କିଣି ଖାଇବା ତାଙ୍କ ପକ୍ଷରେ ସମ୍ଭବପର ହେଉନଥିବାରୁ ଦିନକୁ ଦିନ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାକୁ ଲାଗିଲାଣି। ଶ୍ରୀ ବେହେରା ପୂର୍ବରୁ ମାସିକ ୧୨୦୦ ଟଙ୍କା ଦିବ୍ୟାଙ୍ଗ ଭତ୍ତା ପାଉଥିଲେ। ନୂତନ ସରକାର ଆସିବା ପରେ ୮୦% ଦିବ୍ୟାଙ୍ଗ ପ୍ରମାଣପତ୍ର ରହିଥିବା ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ଭତ୍ତା ଦିଆଯିବ ବୋଲି ଘୋଷଣା ହେବା ପରେ ସେ ଏପ୍ରିଲ ଓ ମଇ ମାସରେ ବ୍ୟାଙ୍କ ଜମାଖାତା ମାଧ୍ୟମରେ ନିର୍ଦ୍ଧାରିତ ଭତ୍ତା ପାଇଥିଲେ। ହେଲେ ଗତ ଜୁନ୍, ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସର ଭତା ଟଙ୍କା ଜମାଖାତାକୁ ନ ଆସିବାରୁ ସେ ଅତ୍ୟନ୍ତ ଦୟନୀୟ ଭାବେ ଚଳୁଥିବା ଜଣାଯାଇଛି। କ'ଣ ପାଇଁ ତାଙ୍କ ଭତ୍ତା ଅର୍ଥ ଆସୁନାହିଁ ସେ ନେଇ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ବୁଝିବାକୁ ଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଉନଥିବା ପ୍ରକାଶ କରିଛନ୍ତି।

## ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ



**ବାଲିପାଟଣା,୧୯।୯(ସଂଚାର ବ୍ୟୁରୋ):** ଶ୍ରୀ ବଳରାମ ଜୀଉ ଟ୍ରଷ୍ଟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆଜି ଅପରାହ୍ନ ରେ ତୁରିନ୍ତରା ସ୍ଥିତ ହରିହର ପୀଠରେ ମହାକବି ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। 'ସମୟର ପ୍ରାଚୀଧାରା'ର ସଂପାଦକ ଭଗବାନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧ୍ୟାପକ ଭବାନୀ ଶଙ୍କର ଦାଶ ଯୋଗଦେଇ ଅତିବଡ଼ି ଜଗନ୍ନାଥ ଦାସଙ୍କ ସାହିତ୍ୟିକ ସାଧନା, ଓଡ଼ିଆ ଭାଗବତର ମାହାତ୍ମ୍ୟ ଓ ଓଡ଼ିଆ ଅସ୍ମିତା ପ୍ରତି ତାଙ୍କର ମହାନ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପ୍ରାଚୀ ଗବେଷକ ହଂସ ନାଥ ସାହୁ ଯୋଗଦେଇ ଅତିବଡ଼ିଙ୍କ ଆଧ୍ୟାତ୍ମିକ ଚେତନା ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ।ସେହିପରି ସମ୍ମାନିତ ଅତିଥି ଭାବେ ପ୍ରେସକ୍ଲବ ସଭାପତି ଦିଲ୍ଲୀପ ଓଝା, ଡ଼.ମୁରଲୀଧର ସାହୁ, ଅରୁଣ ଶତପଥୀ ଓ ଅଭିମନ୍ୟୁ ନାୟକ, ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଏପରି ଆୟୋଜନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବହୁ ଭାଗବତ ପ୍ରେମୀ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ଦାସ, ରମେଶ ସାହୁ, ଝୁନି ଦେଇ, ରୋଜାଲିନ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅବ୍ୟବସ୍ଥାରେ ରିଷିଡ଼ା ବସ୍‌ଷ୍ଟାଣ୍ଡ



**ରିଷିଡ଼ା,୧୯।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବସ୍‌ଷ୍ଟାଣ୍ଡ ଏବେ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ସାମାନ୍ୟ ବର୍ଷାରେ ବସ୍‌ଷ୍ଟାଣ୍ଡ ପରିସର ତଥା ମୁଖ୍ୟ ରାସ୍ତାରେ ପାଣି ଜମି ରହୁଛି। ଡ୍ରେନେଜ ବ୍ୟବସ୍ଥାର ଅଭାବ ଏବଂ ରାସ୍ତା ମରାମତି ଅଭାବରୁ ଯାତ୍ରୀ ଓ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏହି ବସ୍‌ଷ୍ଟାଣ୍ଡ ଦେଇ ଭବାନୀପାଟଣା, ବଲାଙ୍ଗୀର, କେସିଙ୍ଗା ଓ ମଦନପୁର ରାମପୁର ଆଦି ସ୍ଥାନକୁ ଶହ ଶହ ଯାତ୍ରୀ ଯାତାୟାତ କରନ୍ତି। ମାତ୍ର ବସଷ୍ଟାଣ୍ଡ ପରିସର ପାଣିକାଦୁଅରେ ପରିପୂର୍ଣ୍ଣ ହୋଇଥିବାରୁ ଯାତ୍ରୀମାନେ ବସ୍‌ରେ ଚଢ଼ିବା କିମ୍ବା ଓହ୍ଲାଇବା ସମୟରେ ହଇରାଣ ହେଉଛନ୍ତି। ଅନେକ ସମୟରେ ବୃଦ୍ଧ, ମହିଳା ଓ ଛୋଟ ପିଲାମାନେ ଗୋଡ଼ ଖସି ତଳେ ପଡ଼ି ଆହତ ହେଉଛନ୍ତି। ଦୀର୍ଘଦିନ ଧରି ପାଣି ଜମି ରହିବାରୁ ମଶାମାଛି ବଂଶ ବୃଦ୍ଧି ପାଇ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି। ସେହିପରି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରୁଥିବା ଉଠାଦୋକାନୀ ଓ ଅନ୍ୟ ବ୍ୟବସାୟୀଙ୍କ ବ୍ୟବସାୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବାରମ୍ବାର ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ତୁରନ୍ତ ଡ୍ରେନେଜ ବ୍ୟବସ୍ଥା ସହ ବସ୍‌ଷ୍ଟାଣ୍ଡ ରାସ୍ତାର କଂକ୍ରିଟ କିମ୍ବା ପିଚୁ କରା ନ ଗଲେ ରାସ୍ତାରୋକୋ କରିବାକୁ ସ୍ଥାନୀୟ ଜନସାଧାରଣ ଚେତାବନୀ ଦେଇଛନ୍ତି।

## ବନ୍ୟା ଆଶ୍ରୟସ୍ଥଳୀରେ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ତାଲିମ



**ବୈଶିଙ୍ଗା,୧୯।୯(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ତଥା ବେତନଟୀ ପଞ୍ଚାୟତ ସମିତି ଓ ଫୋର୍ଡ ସ୍ୱେଚ୍ଛାସେବୀ ବିପର୍ଯ୍ୟୟ ପରିଚାଳନା ତାଲିମ ଉଦଯାପିତ ହୋଇଅଛି। ଉଦଯାପନୀ ଉତ୍ସବରେ ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଞ୍ଚାୟତ ଅଧିକାରିଣୀ ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ପି. କେ. ହିତାଂଶୁ ଜେନା ଅତିରିକ୍ତ ତହସିଲଦାର ବେତନଟୀ, ସ୍ୱତନ୍ତ୍ର ଅତିଥି ଜଗବନ୍ଧୁ ମହାନ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ, ମୁଖ୍ୟ ବକ୍ତା ସୁବାଶ ଚନ୍ଦ୍ର ମହାପାତ୍ର ଅଧ୍ୟାପକ ବୈଶିଙ୍ଗା ମହାବିଦ୍ୟାଳୟ, ସମ୍ମାନନୀୟ ଅତିଥି ତିଲୋକେଶ୍ୱର ଦୂର୍ଗା ସମ୍ପାଦକ ବନ୍ୟା ଆଶ୍ରୟସ୍ଥଳୀ ଯୋଗ ଦେଇଥିଲେ। ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଏବଂ ପ୍ରାଥମିକ ଉପଚାର ସମ୍ବନ୍ଧୀୟ ଜ୍ଞାନ କୌଶଳକୁ ମାଷ୍ଟର ଟ୍ରେନର କବିତା ଘଡେଇ, ଜୁଲିମଣି ବେହେରା ଓ ମାନସୀ ମିଶ୍ର ଥିଓରୀ ଓ ପ୍ରାକ୍ଟିକାଲ କରିବା ସହିତ ବିଭିନ୍ନ ପ୍ରଶ୍ନୋତ୍ତର ଓ ଖେଳ ମାଧ୍ୟମରେ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ମାନେ ବିପର୍ଯ୍ୟୟର ପୂର୍ବ ଓ ପରବର୍ତ୍ତୀ ସମୟରେ ସହଯୋଗ କଲେ ଜନସାଧାରଣଙ୍କର ଧନ ଜୀବନ ସୁରକ୍ଷିତ ରହିପାରିବ ଓ ସାମାନ୍ୟ କ୍ଷୟକ୍ଷତି ଆଶଙ୍କାକୁ ଦୂର କରାଯାଇପାରିବ ବୋଲି ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ। ସ୍ୱେଚ୍ଛାସେବୀ ମାନଙ୍କୁ ପରୀକ୍ଷା କରାଯାଇ ଅତିଥିବୃନ୍ଦ ୩ ଜଣଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିବା ସହିତ କେତେକ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ନାଖରା, ମଧୁନଣ୍ଡା ଓ ଦାରିହା ଗ୍ରାମର ୪୦ ଜଣ ଯୁବକ - ଯୁବତୀ ୧୨ ରୁ ୧୮ ସେପ୍ଟେମ୍ବର ୭ ଦିନ ଧରି ତାଲିମ ନେଇଥିଲେ।

## ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟରେ ଅନିୟମିତତା ଅଭିଯୋଗ



**ନିଶ୍ଚିନ୍ତକୋଇଲି,୧୯।୯(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅର୍ନ୍ତଭୁକ୍ତ ଉତ୍ତରକୂଳ ଗ୍ରାମ ପଞ୍ଚାୟତ ଅଧିନସ୍ଥ ସଂଗ୍ରାମପୁର ଗ୍ରାମର ନିର୍ମାଣଧୀନ ସିମେଣ୍ଟ କଂକ୍ରିଟ୍ ରାସ୍ତାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ଆର୍ଥିକ ବର୍ଷ ୨୦୨୬-୨୭ରେ କାର୍ଯ୍ୟନିର୍ବାହୀ ସଂସ୍ଥା ବିଭାଗୀୟ ନାମେ ଥାଇ ୩ଲକ୍ଷ ଟଙ୍କା ମୂଲ୍ୟ ବ୍ୟୟ ଅଟକଳରେ ସଂଗ୍ରାମପୁର ମଲିକ ସାହି ସାବିତ୍ରୀ ବେହେରା ଘର ଠାରୁ କୁଳମଣୀ ମଲିକ ଘର ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ଏହି ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ସମୟରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ସ୍ଥାନୀୟ ଅଞ୍ଚଳର ବିଧାୟକଙ୍କ କିଛି ସମର୍ଥକ ଏହି ରାସ୍ତାକୁ ସେମାନଙ୍କ ମନ ମୁତାବକ ସିମେଣ୍ଟ, ଗୋଡ଼ି ଓ ବାଲିର ଭାଗ ସଠିକ୍ ଭାବରେ ନଦେଇ କାର୍ଯ୍ୟ କରାଯାଇଥିବାରୁ ଉକ୍ତ କଂକ୍ରିଟ ରାସ୍ତାର ସ୍ଥାୟିତ୍ୱକୁ ନେଇ ସନ୍ଦେହ ପ୍ରକାଶ ପାଉଛି। ଉକ୍ତ ରାସ୍ତାର ଦୈର୍ଘ୍ୟ ଓ ପ୍ରସ୍ଥ ଏବଂ ସିମେଣ୍ଟ କଂକ୍ରିଟ୍ ଢଳେଇର ମୋଟେଇ ସରକାରୀ ହିସାବରେ କେତେ ରହିବା କଥା ତାହା କରାଯାଇନଥିବା ନେଇ ଅଭିଯୋଗ ହୋଇଛି। ବିଭାଗୀୟ ନାମେ କାର୍ଯ୍ୟାଦେଶ ଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ନରହିବା ଓ ସଠିକ୍ ଭାଗ ମାପରେ କାମ ହୋଇନଥିବା ନେଇ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ରାସ୍ତା ନିର୍ମାଣ ସ୍ଥଳକୁ ଯାଇ ନିର୍ମାଣ କାର୍ଯ୍ୟ ବିରୋଧ କରିଥିଲେ ମଧ୍ୟ ସେମାନଙ୍କ କଥାକୁ ଗୁରୁତ୍ୱ ନଦେଇ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି। କାର୍ଯ୍ୟ କ୍ଷେତ୍ରରେ କନିଷ୍ଠ ଯନ୍ତ୍ରୀ ନରହିବା ନେଇ ଆମ ପ୍ରତିନିଧି ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନଥିଲା।

## ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ଅଣ୍ଡା ମାଡ ଘଟଣା ଏହା ଶାସକ ଦଳର ଅସୂୟା ଭାବକୁ ଦର୍ଶାଉଛି



**ସୁବର୍ଣ୍ଣପୁର,୧୯।୯(ସଂଚାର ବ୍ୟୁରୋ):** ଶୁକ୍ରବାର ଦିନ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଙ୍କୁ ନିଜ ନିର୍ବାଚନ ମଣ୍ଡଳୀ ତରଭା ସହରର ପୁରୁଣା ବ୍ରିଜ ଛକରେ ଅଣ୍ଡାମାଡ ଘଟଣା କୁ ସୁବର୍ଣ୍ଣପୁର ଜିଲ୍ଲା ଯୁବ ଛାତ୍ର ଜନତା ଦଳ ତରଫରୁ ଘୋର ନିନ୍ଦା କରାଯାଇଛି। ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତାଙ୍କ ଗଡ଼ କୁହାଯାଉଥିବା ତରଭା ସହର ରେ ଏହି ଘଟଣା ଘଟିଥିବାହେତୁ ବିଜେଡି ଏହାକୁ ଗୁରୁତର ସହ ନେଇଛି। ଏଥିପାଇଁ ସୋନପୁର ସହରର ପ୍ରଭାସ ଲଜ ର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ବିଜେଡ଼ି ସଭାପତି ସରୋଜ କର୍ମ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସୋନପୁର ନଗର ସଭାପତି ଜନ୍ମେଜୟ ପାତ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତା, ପ୍ରାକ୍ତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ, ପ୍ରାକ୍ତନ ମତ୍ସ୍ୟ ନିଗମ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ଯୁବ ଛାତ୍ର ବିଜେଡ଼ି ସଭାପତି ଅଭିଷେକ ଶର୍ମା ସୋନପୁର ବିଧାୟକ ଶ୍ରୀ ପୂଜାରୀ ଶୁକ୍ରବାର ଦିନ ତରଭା ବ୍ଲକ କମସରା ଗ୍ରାମ କୁ ଯାଇ ଫେରିବା ବାଟରେ ତରଭା ସହରରେ ଶାସକ ଦଳର କିଛି ଯୁବକ ଅଣ୍ଡା ମାଡ କରିଥିବା ଘଟଣାକୁ ଦୃଢ଼ ନିନ୍ଦା କରି ଏହା ବିଧାୟକ ଶ୍ରୀ ପୂଜାରୀ ଙ୍କ ଲୋକପ୍ରିୟତା ରେ ଅତିଷ୍ଠ ହୋଇ ଏହି କାମ କରିଥିବା ପ୍ରକାଶ କରିଥିଲେ। ବର୍ତ୍ତମାନର ସରକାର ଏବେ ସବୁକ୍ଷେତ୍ରରେ ବିଫଳ ହୋଇଥିବା ଘଟଣାକୁ ଜନସାଧାରଣ ଙ୍କ ଦୃଷ୍ଟିରୁ ହଟାଇବା ପାଇଁ ଏପରି କରିଥିବା ପ୍ରକାଶ କରି ଆଗାମୀ ଦିନରେ ଲୋକେ ଏହାର ଦୃଢ଼ ଜବାବ ନିଶ୍ଚିତ ଭାବରେ ଦେବେ ବୋଲି ଉପସ୍ଥିତ ନେତାମାନେ ପ୍ରକାଶ କରିଥିଲେ। ଶାନ୍ତି ପ୍ରିୟ ସୋନପୁର ନିର୍ବାଚନ ମଣ୍ଡଳୀ ରେ ଶାସକ ଦଳ ପକ୍ଷରୁ ଏବେ କ୍ରମାଗତ ଭାବରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଥିବା ଘଟଣା କୁ ସମସ୍ତେ ନିନ୍ଦା କରିଥିଲେ।

### ସରିଲା ନୂଆଁଖାଇ, ରହିଗଲା ଆବର୍ଜନା

## ସହର ସାରା ପରିବେଶ ପ୍ରଦୂଷଣର ବିକଳ ଚିତ୍ର



**ବରଗଡ଼,୧୯।୯ (ସଂଚାର ବ୍ୟୁରୋ):** ଗଣେଶ ପୂଜା ଓ ନୂଆଁଖାଇ ସରି ଯାଇଛି। ଉତ୍ସାହ, ଉଦ୍ଦୀପନା ସହିତ ଲୋକେ ଏହାକୁ ପାଳନ କରିଛନ୍ତି। ହେଲେ ଏହି ପର୍ବ ସରିବା ପରେ ବରଗଡ଼ ସହର ସାରା ପରିବେଶ ପ୍ରଦୂଷଣର ବିକଳ ଚିତ୍ର ଦେଖିବାକୁ ମିଳିଛି। ସହରର ଯୁଆଡ଼େ ଦେଖିଲେ କୁଢ଼କୁଢ଼ ମଇଳା, ଆବର୍ଜନା ପଡ଼ିଛି। କେଉଁଠି ପଲିଥିନ ତ ଆଉ କେଉଁଠାରେ ବ୍ୟବହୃତ ଖଲିଦନା ପଡ଼ି ରହିଛି। ସେହିପରି ପଚାସଢ଼ା ପରିବା ମଧ୍ୟ ରାସ୍ତାକଡ଼ରୁ ଆରମ୍ଭ କରି ବଜାର ପାର୍ଶ୍ୱରେ ପଡ଼ିଛି। ନାକଫଟା ଦୁର୍ଗନ୍ଧ ବାହାରୁଛି। ସରକାରୀ ବସଷ୍ଟାଣ୍ଡ ଭଳି ଅନେକ ସ୍ଥାନରେ ଦୀର୍ଘଦିନ ଧରି ଆବର୍ଜନା ପାଣି ଜମି ରହିଛି। ଏଥିରୁ ସ୍ଥାନୀୟ ପୌର ପ୍ରଶାସନ ସହରର ସ୍ୱଚ୍ଛତା ଦିଗରେ କେତେ ତତ୍ପର, ତାହା ଆପେ ବାରି ହୋଇ ପଡୁଛି। ଅନ୍ୟପଟେ ଏଭଳି ଅବ୍ୟବସ୍ଥିତ ପରିମଳ ବ୍ୟବସ୍ଥା ଯୋଗୁଁ ସଂକ୍ରାମକ ରୋଗର ଆଶଙ୍କା ବଢ଼ି ଯାଇଛି। ସହରରେ ଆବର୍ଜନା ପକାଇବା ପାଇଁ ପୂର୍ବରୁ ବିଭିନ୍ନ ସ୍ଥାନରେ ରାସ୍ତାପାର୍ଶ୍ୱରେ ବଡ଼ ବଡ଼ ଡଷ୍ଟବିନ ରହୁଥିଲା। ହେଲେ ଆଉ ତାହା ଦେଖିବାକୁ ମିଳୁନାହିଁ। ଫଳରେ ରାସ୍ତା ଉପରେ ଲୋକେ ମଇଳା, ଆବର୍ଜନା ପକାଉଛନ୍ତି। ଅନେକ ସ୍ଥାନରେ ରାସ୍ତାପାର୍ଶ୍ୱରେ ଆବର୍ଜନାର ପାହାଡ଼ ଦେଖିବାକୁ ମିଳୁଛି। ସ୍ଥାନୀୟ ସି.ଟି ଜିଏସ୍‌ଟି କାର୍ଯ୍ୟାଳୟ ସମ୍ମୁଖ ରାସ୍ତାପାର୍ଶ୍ୱରେ ଏହା ନିତିଦିନ ଦେଖିବାକୁ ମିଳୁଛି। ସେହିପରି ଜେଲ୍‌ରାସ୍ତା ପାର୍ଶ୍ୱରେ ମଧ୍ୟ ଅନେକ ସମୟରେ ଏଭଳି ଆବର୍ଜନା ସ୍ତୁପ ପରିଲକ୍ଷିତ ହେଉଛି। ଶୁକ୍ରବାର ସନ୍ଧ୍ୟାରେ ସେଠାରେ ପାହାଡ଼ ଭଳି ପଡ଼ି ରହିଥିବା ଆବର୍ଜନାକୁ ପୌର ପ୍ରଶାସନ ଉଠାଉଥିବା ଦେଖିବାକୁ ମିଳିଥିଲା। ହସ୍ପିଟାଲ ରାସ୍ତା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ହସ୍ପିଟାଲ କାନ୍ଥକୁ ଲାଗି ରହିଥିବା ରାସ୍ତାପାର୍ଶ୍ୱରେ ସବୁଦିନ ଅଳିଆ ଆବର୍ଜନା ସ୍ତୁପ ଭଳି ଗଦା ହୋଇ ରହୁଛି। ଘରୋଇ ବସଷ୍ଟାଣ୍ଡ୍ ପରିସର କଥା ନ କହିବା ଭଲ। ଦୀର୍ଘବର୍ଷ ଧରି ଏଠାରେ ପରିମଳ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ଡ୍ରେନେଜ ବ୍ୟବସ୍ଥା ମଧ୍ୟ ଠିକ୍ ନାହିଁ। ଫଳରେ ବର୍ଷାଜଳ ହେଉ କିମ୍ବା ନର୍ଦ୍ଦମା ପାଣି ଦୀର୍ଘଦିନ ଧରି ଜମି ରହୁଛି। ଏଥିରୁ ମଶା, ମାଛି ସମେତ ଆଦି ରୋଗ, ଜୀବାଣୁ ଉପଦ୍ରବ ସ୍ୱାଭାବିକ ହୋଇ ପଡ଼ିଛି।

## ଯୋଜନା ବୋର୍ଡ ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା



**ସୁବର୍ଣ୍ଣପୁର,୧୯।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ଯୋଜନା ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳା ଙ୍କ ଅଧ୍ୟକ୍ଷତାରେ ପ୍ରଥମ ଥର ବୈଠକ ପାରିତ ହୋଇଥିଲା। ଏହି ବୈଠକରେ ଭାରା ପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ବଲାଙ୍ଗୀର ସାଂସଦ ପ୍ରତିନିଧି ନଳିନୀ ପଣ୍ଡା ଉପସ୍ଥିତ ରହି ଜିଲ୍ଲା ରେ କିପରି ନୂତନ କାର୍ଯ୍ୟ ପନ୍ଥା କାର୍ଯ୍ୟ ହେବ ତାହାରି ଉପରେ ଆଲୋଚନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପିଇବା ପାଣି, ରାସ୍ତା ନିର୍ମାଣ, ବର୍ଷା ଯୋଗୁଁ ଗ୍ରାମାଞ୍ଚଳ ଠୁ ସହରାଞ୍ଚଳ ରାସ୍ତା ଖରାପ ହୋଇଥିବା ରାସ୍ତା କୁ ମରାମତି କରିବା ପାଇଁ ଆଲୋଚନା ହୋଇଥିଲା। ଯୋଜନା ବୋର୍ଡ ସଦସ୍ୟ ମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଗୁଡିକ ଆଲୋଚନା କରିଥିଲେ।ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଯୋଜନା କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ବୋଲି ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କୁ ସୂଚନା ଦେଇଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଜିଲ୍ଲା ପରିଷଦ ଓ ଗ୍ରାମ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ।